Daily Edition:
RNI No.ODIODI/2010/33791

ସୋମବାର, ୫ ଫେବୃଆରୀ ୨୦୧୮
ଭାଗ ୮ ସଂଖ୍ୟା ୧୭୩

Monday, 5 February 2018
Volume VIII, Issue No 173

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ମକର ୨୩ ; ଫାଲଗୁନ , କୃଷ୍ଣପକ୍ଷ ୫ମୀ
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟ ପଥଂ ଧାମହି

ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

ମୁମ୍ବଇ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରୁ ଗୋଟିକ ପରେ ଗୋଟିଏ ୨୪ଘଣ୍ଟା ମଧ୍ୟରେ ୯୮୦ଟି ବିମାନ ଉଡାଣ ଭରିବା ସହ ନୂଆ ରେକର୍ଡ ସ୍ଥାପନ କରିଛନ୍ତି

ପ୍ରସଙ୍ଗ Email : srutimedia@gmail.com

ବିଜେପୁର ଉପନିର୍ବାଚନ ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣାରେ ବିଳମ୍ବ ଦଳ ପାଇଁ କ୍ଷତିକାରକ ହେବ କି ?

୪/୨ ର ଫଳ

ସରକାର ପ୍ରସ୍ତାବିତ ‘ଦୀର୍ଘମିଆଦୀ ଆର୍ଥିକ ଲାଭ’ ଟିକସ ପ୍ରତ୍ୟାହାର କରିନେବା ଉଚିତ କି ?

ନା ୨୨%

ହଁ ୮୮%

ଭିତର ପୃଷ୍ଠାରେ

ଦକ୍ଷିଣ ଆଫ୍ରିକା ବିରୋଧରେ ଭାରତର ଦମଦାର ବିଜୟ

ଭୟାବହ ଅଗ୍ନିକାଣ୍ଡ

‘ସିଟି ଷ୍ଟାଇଲ’ ମଲ ସମେତ ବହୁ ଦୋକାନ ଭସ୍ମୀଭୂତ

କଟକ, ୪/୨ (ଶ୍ରୁମି) ବାଦାମବାଡିସ୍ଥିତ ‘ସିଟି ଷ୍ଟାଇଲ’ ସପିଂ ମଲରେ ଘଟିଯାଇଛି ଭୟାବହ ଅଗ୍ନିକାଣ୍ଡ । ଏହି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ରବିବାର ପୂର୍ବାହ୍ଣରେ ଘଟିଥିଲା ଏହି ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡ ଏତେ ଭୟାନକ ଥିଲା ଯେ କ୍ଷଣକ ମଧ୍ୟରେ କୋଟି କୋଟି ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ନିଆଁକୁ ଆୟତ୍ତ କରିବାକୁ କଟକ ସହର ସମେତ ଭୁବନେଶ୍ୱର, ଆଠଗଡ, ଚୌଦ୍ୱାର, ନିଆଳି ଆଦି ସ୍ଥାନରୁ ପ୍ରାୟ ୨୧ଟି ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ୫ଘଣ୍ଟା କାଳ ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ । ସର୍ଟ ସର୍କିଟ ହେତୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ଏଥିରେ କେହି ମୃତାହତ ହୋଇନଥିବା ଜଣାପଡିଛି। ଆଜିର ଏହି ଅଗ୍ନିକାଣ୍ଡ ପରେ ସହରର ଅଗ୍ନିନିରୋଧକ ବ୍ୟବସ୍ଥା ଯେ କେବଳ କାଗଜ କଲମରେ ସୀମିତ ରହିଛି ତାହା ସ୍ପଷ୍ଟ ହୋଇଛି । ମୁମ୍ବଇ ଓ ଭୁବନେଶ୍ୱର ପରେ ଏହି ମଲରେ ନିଆଁ ଲାଗିବା ସପିଂ ମଲ ଗୁଡିକର ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅଗ୍ନିନିରୋଧକ ▶୩ ପୃଷ୍ଠାରେ

କୁନ୍ଦୁଲି ପୀଡିତାଙ୍କ ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ

ଦୁଇଦିନ ଭିତରେ ସିବିଆଇ କିମ୍ବା ଏସଆଇଟି ତଦନ୍ତ ପାଇଁ ଅନୁରୋଧ କର

ଭୁବନେଶ୍ୱର , ୪/୨(ଶ୍ରୁମି): କେନ୍ଦ୍ରୟମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, କୁନ୍ଦୁଲି ଘଟଣାର ସିବିଆଇ ବା ଏସଆଇଟି ତଦନ୍ତ କରାଯାଉ । କୁନ୍ଦୁଲି ଗଣ ଦୁଷ୍କର୍ମ ମାମଲାରେ ଆତ୍ମହତ୍ୟା କରିଥିବା ଦଳିତ ନାବାଳିକା ସସ୍ମିତା ଆତ୍ମହତ୍ୟା କରିବା ପୂର୍ବରୁ ନିଜ ହାତରେ ଲେଖିଥିବା ସୁଇସାଇଡ ନୋଟକୁ ସ୍ଥାନୀୟ ପୁଲିସ ତଦନ୍ତ ପରିସରଭୁକ୍ତ କରିବା ପରିବର୍ତ୍ତେ ନଷ୍ଟ କରି ଦେବାର ଅଭିଯୋଗ ଆଣିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ମାମଲାର ସିବିଆଇ ତଦନ୍ତ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରିଛନ୍ତି ଶ୍ରୀ ପ୍ରଧାନ । ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସ୍ଥାନୀୟ ପୁଲିସ ଓ ଏସପିଙ୍କ ଉପରେ ଭୀଷଣ ଚାପ ପ୍ରୟୋଗ କରି ଘଟଣାର ପ୍ରମାଣକୁ ନଷ୍ଟ କରି ଦେବାକୁ ଚେଷ୍ଟା କରାଯାଇଛି । ଯଦି ଏହି ସୁଇସାଇଡ ନୋଟଟି ଥାଆନ୍ତା ତେବେ ସସ୍ମିତା ଜୀବନରେ ନ ଥିଲେ ମଧ୍ୟ ତାଙ୍କୁ ଓ ତାଙ୍କ ପରିବାରକୁ ନ୍ୟାୟ ମିଳିବାର ପଥ ସୁଗମ ହୋଇଥାନ୍ତା। ଦେଶର ନିୟମ ଅନୁସାରେ ସୁଇସାଇଡ ନୋଟ ଆଇନ ଅନୁଯାୟୀ ପ୍ରମାଣ ଭାବରେ ଗ୍ରହଣ କରାଯାଇ ଥାନ୍ତା । ଏହା ହୋଇଥିଲେ ବହୁ ବଡଲୋକ ଆତ୍ମହତ୍ୟା ପାଇଁ ବାଧ୍ୟବାଧକତା ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗରେ ଦୋଷୀ ହୋଇଥାନ୍ତେ । ଶ୍ରୀ ପ୍ରଧାନ କହିଛନ୍ତି ଯେ କୁନ୍ଦୁଲି ଗଣଦୁଷ୍କର୍ମ ମାମଲାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରି ନିଜର କର୍ତ୍ତବ୍ୟ ଶେଷ କରି ଦେଇଛନ୍ତି । ଦଳୀୟ କନ୍ଦଳ ହେଲେ ତୃତୀୟ ମହଲାରୁ ଗଣମାଧ୍ୟମକୁ ବକ୍ତବ୍ୟ ଦେଉଥିବା ନବୀନ ବାବୁ କୁନ୍ଦୁଲି ମାମଲାରେ କାହିଁକି ଥରୁଟିଏ ମଧ୍ୟ ସମୀକ୍ଷା କରି ନାହାନ୍ତି ଓ ବକ୍ତବ୍ୟ ରଖି ନାହାନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶକୁ ଏକ ପ୍ରହସନ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । କଳିଙ୍ଗନଗର ଗୁଳିକାଣ୍ଡ, ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଓ ଚିଟଫଣ୍ଡ ମାମଲାରେ ବିଚାର ବିଭାଗୀୟ ତଦନ୍ତ ଆଧାରରେ କ’ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କୁନ୍ଦୁଲି ପୀଡିତା ଗଣମାଧ୍ୟମକୁ ସାକ୍ଷାତକାରରେ ପୁଲିସ ଡିଜି ୯୦ ହଜାର ଟଙ୍କା ବଦଳରେ ତାଙ୍କୁ ଚୁପ ରହିବାକୁ କହିବା ରେକର୍ଡକୁ ବଜାଇ ଶୁଣାଇଥିଲେ ଶ୍ରୀ ପ୍ରଧାନ । ଫରେନସିକ ଲାବୋରେଟରୀ ରିପୋର୍ଟକୁ ପରିବର୍ତ୍ତନ କରିବା, କେନ୍ଦ୍ର ମାନବିକ ଅଧିକାର କମିଶନକୁ ଡିଆଇଜି ଦେଇଥିବା ପତ୍ରରେ ଦୁଷ୍କର୍ମ ନ ହୋଇଥିବା ପରି ଲିଖିତ ବକ୍ତବ୍ୟରେ ରାଜ୍ୟ ସରକାର ଦୋଷୀକୁ ଘଷ୍ଟି ଘୋଡାଇବା ପାଇଁ ଉଦ୍ୟମ କରୁଥିବା ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୁଇ ଦଶନ୍ଧି ପୂର୍ବରୁ ଅଂଜନା ମିଶ୍ର ମାମଲାରେ ଅହଂକାର ଦେଖାଇ ଦୋଷୀକୁ ସୁରକ୍ଷା ଦେବା କାରଣରୁ ସେ ସମୟର ସରକାରର ପତନ ଘଟିଥିଲା ▶୩ ପୃଷ୍ଠାରେ

ସୁଇସାଇଡ ନୋଟ ନେଇ ପ୍ରଶ୍ନ ; ବ୍ୟାପକ ଜନଆନ୍ଦୋଳନ ଧମକ

ନବକୁମାର ନାୟକ ରାଜ୍ୟ ନିର୍ବାଚନ କମିଶନ ନିଯୁକ୍ତ

ନୂଆଦିଲ୍ଲୀ ,୪/୨(ଏଜେନ୍ସି) : ପୂର୍ବତନ ବ୍ୟୁରୋକ୍ରାଟ ନବକିଶୋର ନାୟକ ରାଜ୍ୟ ନିର୍ବାଚନ କିମଶନର ଭାବେ ନିଯୁକ୍ତି ପାଇଛନ୍ତି। ଆଗାମୀ ପୌର ନିର୍ବାଚନ ପୂର୍ବରୁ ତାଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ରବି ନାରାୟଣ ସେନାପତିଙ୍କ ସ୍ଥାନରେ ନିଯୁକ୍ତ କରାଯାଇଛି। ଏଥି ନେଇ ସୋମବାର ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିବା ଆଶା କରାଯାଉଛି ।

ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ନବକିଶୋର ନାୟକ ପୂର୍ବରୁ ଷ୍ଟାଫ ସିଲେକସନ କମିଶନର କାର୍ଯ୍ୟନିର୍ବାହୀ ଅଧକ୍ଷ ଥିଲେ। ସେ ରାଜ୍ୟର ଯୁଗ୍ମ ମଖ୍ୟ ନିର୍ବାଚନ ଅଧିକାରୀ , ପୁରୀ-ମୟୁରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ଡେପୁଟୀ ରିଲିଫ କମିଶନର ଭାବେ ମଧ କାର୍ଯ୍ୟ କରିଛନ୍ତି। ପ୍ରକାଶ ଥାଉକି ରାଜ୍ୟ ନିର୍ବାଚନ କମିଶନ ପଦ ବେଶ କିଛି ଦିନ ହେଲା ଖାଲି ପଡିଥିଲା । ରବି ନାରାୟଣ ସେନାପତି ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ନଭେମ୍ବରରେ ତାଙ୍କୁ ୬୫ ବର୍ଷ ପୂରି ଯାଇଥିଲେ ହେଁ ତାଙ୍କୁ ଏହି ପଦ ସମ୍ଭାଳିବାକୁ ପଡୁଥିଲା ।

ଏଟିଏମ୍ ଦ୍ୱାରା ଲୁଟିନେଲେ ୨ ଲକ୍ଷ ୨୮ ହଜାର ଟଙ୍କା

ସାଲେପୁର, ୪/୨ (ଶ୍ରୁମି) : ସାଲେପୁର ପୋଲିସ ଥାନା ଅନ୍ତର୍ଗତ ମାଳିଶାସନ ଗ୍ରାମର ଚକ୍ରଧର ରାଉତ ଏକ ଚାହା ଦୋକାନ କରି ଗୁଜରାଣ ମେଣ୍ଟାନ୍ତି । ଝିଅ ବାହାଘର ପାଇଁ ସେ କଷ୍ଟୋପାର୍ଜିତ ପ୍ରାୟ ୨ଲକ୍ଷ ୪୦ ହଜାର ଟଙ୍କା ନିକଟସ୍ଥ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ରେ ଜମା ରଖିଥିଲେ । ସେ କେବେହେଲେ ଏଟିଏମ୍ କାର୍ଡ ପାଇଁ ଆବେଦନ କରିନଥିଲେ ହେଁ ଏଟିଏମ୍ କାର୍ଡ ଦ୍ୱାରା ତାଙ୍କ ଆକାଉଣ୍ଟରୁ ୨ ଲକ୍ଷ ୨୮ ହଜାର ଟଙ୍କା କାଢ଼ି ନିଆଯାଇଥିବା ଜଣାପଡ଼ିଛି । ଗତ ପହିଲାରେ ଚକ୍ରଧରଙ୍କ ଝିଅ ପାସ୍‌ବୁକ୍ ଅପଡେଟ୍ କରିବାକୁ ଯାଇ ଏ ବିଷୟରେ ଜାଣିପାରିଥିଲେ । ଦୁର୍ବୃତ୍ତ ଏକାଧିକ ବାର ତାଙ୍କ ଆକାଉଣ୍ଟରୁ ଏହି ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଛି ।

ଅପରପକ୍ଷେ ଗତ ମାସ ୧୫ ତାରିଖରେ ତାଙ୍କ ନିକଟକୁ ଏକ ଏଟିଏମ୍ କାର୍ଡ ଆସିଥିବା ଚକ୍ରଧର କହିଛନ୍ତି । ଏହି କାର୍ଡଟି ଏକ ନକଲି କାର୍ଡ । କେହି ତାଙ୍କ ଅଜ୍ଞାତରେ କାର୍ଡ ମଗାଇ ଅସଲି କାର୍ଡକୁ ରଖିଦେଇ ନକଲି କାର୍ଡ ତାଙ୍କ ଠିକଣାରେ ପଠାଇ ଦେଇଥିଲା । ତାଙ୍କ ଆକାଉଣ୍ଟରୁ ଗତ ମାସ ୧୭ରୁ ୨୧ ତାରିଖ ମଧ୍ୟରେ ଅନେକ ଥର ଟଙ୍କା ଉଠାଯାଇଥିବା ସାଲେପୁର ଏସ୍‌ଡିପିଓ ପି.କେ.ଜେନା କହିଛନ୍ତି । ଏଥିନେଇ ତଦନ୍ତ ଆରମ୍ଭ ହୋଇଛି ।

ଇନ୍ଦ୍ରାବତୀ ଜଳଭଣ୍ଡାରରେ ମତ୍ସ୍ୟଜୀବୀ ନିଖୋଜ

କଳମପୁର୍, ୪/୨ (ଶ୍ରୁମି) : ଇନ୍ଦ୍ରାବତୀ ଜଳଭଣ୍ଡାରକୁ ମାଛ ଧରିବାକୁ ଯାଇଥିବା ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି । ତାଙ୍କ ନାମ ମହେନ୍ଦ୍ର ମାଝୀ (୩୦) । ତାଙ୍କ ଘର ଥୁଆମୂଳ ରାମପୁର ବ୍ଲକ୍ ଅଧୀନସ୍ଥ ମାଲିଙ୍ଗା ପଞ୍ଚାୟତର ଭିତରପଡ଼ା ଗ୍ରାମରେ । ସେ ନିଖୋଜ ହୋଇଯିବା ପରେ ତାଙ୍କୁ ଉଦ୍ଧାର ପାଇଁ ଅଭିଯାନ ଚାଲିଛି ।

୨୦୧୭ରେ ବିହାରରେ ବନ୍ଧୁକ ମୁନରେ ୩୪୦୫ ଯୁବକଙ୍କୁ ବିବାହ

ପାଟଣା ,୪/୨(ଏଜେନ୍ସି) : ବିହାରରେ ୨୦୧୭ରେ ୩୪୦୫ ଜଣ ଯୁବକଙ୍କୁ ଅପହରଣ କରିନେଇ ବନ୍ଧୁକ ମୁନରେ ବିବାହ(ପକ୍କା ଦୁଆ ବିବାହ) କରାଯାଇଛି । ରାଜ୍ୟ ପୁଲିସ ତଥ୍ୟ ଅନୁସାରେ ୨୦୧୪ରେ ୨୫୨୬ଜଣ ଯୁବକ , ୨୦୧୫ରେ ୩୦୦୦ ଓ ୨୦୧୬ରେ ୩୦୭୦ଜଣ ଯୁବକଙ୍କୁ ବନ୍ଧୁକ ମୁନରେ ବିବାହ (ପକ୍କା ଦୁଆ ବିବାହ) କରାଯାଇଥିଲା । ନିକଟରେ ଜଣେ ଯୁବ ଇଂଜିନିୟରଙ୍କୁ ଏଭଳି ବିବାହ କରାଯାଇଥିଲା । ହେଲେ ସେ କନ୍ୟାକୁ ବିବାହ କଲେ ମଧ ତାକୁ ପରେ ଗ୍ରହଣ କରିବାକୁ ରାଜି ନହେବାରୁ ଏହା ଜାତୀୟ ଗଣମାମଧମରେ ଚର୍ଚ୍ଚାର ବିଷୟ ହୋଇଥିଲା ତେବେ ଏହା କେତେକ ଅଞ୍ଚଳରେ ପ୍ରଚଳିତ ଥିବା କୁହାଯାଉଛି

ଭାରତୀୟ ତୈଳଟ୍ୟାଙ୍କର ସହ ୨୨ ନିଖୋଜ

ନୂଆଦିଲ୍ଲୀ, ୪/୨ (ଏଜେନ୍ସି) : ଗିନି ଉପସାଗରରେ ଏକ ଭାରତୀୟ ତୈଳ ଟ୍ୟାଙ୍କର ସହିତ ୨୨ ଜଣ ଭାରତୀୟ ନିଖୋଜ ହୋଇଯାଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମୁମ୍ବାଇର ଆଙ୍ଗଲୋ ଇଷ୍ଟର୍ଣ୍ଣ ସିପିଂ କମ୍ପାନୀର ଏହି ତୈଳବାହୀ ଜାହାଜଟି ଗିନି ଉପସାଗରର ବେନିନ ଉପକୂଳରୁ ନିଖୋଜ ହୋଇଯାଇଛି । ସେମାନଙ୍କୁ ନାଇଜେରିଆର ଜଳଦସ୍ୟୁମାନେ ଅପହରଣ କରିନେଇଥିବା ଆଶଙ୍କା କରାଯାଉଛି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରବିଶ କୁମାର ଟ୍ୱିଟ୍ କରି ଦର୍ଶାଇଛନ୍ତ ଯେ, ଭାରତୀୟ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ ନାଇଜେରିଆ ଓ ବେନିନ ଠାରେ ଥିବା କର୍ତ୍ତୃପକ୍ଷଙ୍କ ସହ ସମ୍ପର୍କ ସ୍ଥାପନ କରିଛନ୍ତି ।

ଆବୁଜା ମିଶନରେ ଭାରତୀୟ ନୌସେନାର ଜବାନମାନେ ମୁତୟନ ଅଛନ୍ତି । ସେମାନଙ୍କ ଠାରୁ ସହାୟତା ଲୋଡ଼ାଯାଇଛି । ଏଥିପାଇଁ ୨୪ ଘଣ୍ଟିଆ ହେଲ୍ପଲାଇନ୍ +୨୩୪-୯୦୭୦୩୪୩୮୬୦ ଜାରି କରାଯାଇଛି । ନାଇଜେରିଆ ଓ ବେନିନ୍ ନୌପରିବହନ ମହାନିର୍ଦ୍ଦେଶାଳୟ ସହ ଯୋଗାଯୋଗ ରଖାଯାଇଛି । ଗତ ଗୁରୁବାର ଠାରୁ ଏହି ପଣ୍ୟବାହୀ ତୈଳଟ୍ୟାଙ୍କର୍ ପଶ୍ଚିମ ଆଫ୍ରିକାର ବେନିନ ଉପକୂଳରୁ ନିଖୋଜ ହୋଇଯାଇଥିଲେ ମଧ ସମ୍ପୃକ୍ତ କର୍ମଚାରୀଙ୍କ ପରିବାର ବର୍ଗ ବ୍ୟସ୍ତ ନହେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି ।

କୁନ୍ଦୁଲି ପୀଡିତାଙ୍କ ପରିବାରର ଲୁହ ପୋଛିଲେ ବିଜେପି କେନ୍ଦ୍ରୀୟ ପ୍ରତିନିଧୀଦଳ

ଭୁବନେଶ୍ୱର,୪/୨(ଶ୍ରୁମି) : *ମୋ ଝିଅକୁ ମୋ କୋଳକୁ କିଏ ଫେରାଇ ଆଣିବ ? ମୋ ଝିଅକୁ କିଏ ନ୍ୟାୟ ଦେବ ? ମୋର ପଇସା ଦରକାର ନାହିଁ । ମୋର କୌଣସି ସହାୟତା ବି ଲୋଡା ନାହିଁ । ପୁଲିସ ମାନେ ହିଁ ମୋ ଝିଅକୁ ମାରିଦେଇଛନ୍ତି । ମାନସିକ ନିର୍ଯାତନା ବି ଦେଇଛନ୍ତି । ସେମାନେ ମୋ ଝିଅକୁ ମାଡ ମାରିଛନ୍ତି । ଆମକୁ ପଇସା ଦେଇ ମୁହଁ ବନ୍ଦ କରିବାକୁ ଧମକ ଦେବା ସହ ଆମ ଉପରେ ଅକଥନୀୟ ଅତ୍ୟାଚାର କରିଛନ୍ତି । ସବୁଠି ଅଭିଯୋଗ କରି ବିଫଳ ହେଇଛି । ଆଉ କାହାକୁ କହିବି ? କିଏ ମୋ କଥା ଶୁଣିବ ? ଅଫିସର ଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ କେହି ବି ଆମ ଗୁହାରୀ ଶୁଣିଲେନି ......* ଏମିତି ଅନେକ ଦୁଃଖଭରା କଥା କେନ୍ଦ୍ରୀୟ ବିଜେପି ପ୍ରତିନିଧୀଙ୍କ ଆଗରେ ବାଷ୍ପରୁଦ୍ଧ କଣ୍ଠରେ କହିଚାଲିଥିଲେ କୁନ୍ଦୁଲି ପୀଡିତାଙ୍କ ମା’ । ଏଥି ସହ ରାଜ୍ୟ ସରକାରଙ୍କ ଠାରୁ ସମସ୍ତ ଆଶା ଓ ବିଶ୍ୱାସ ହରାଇ ପୀଡିତାଙ୍କ ମା’ ପ୍ରଧାନମନ୍ତ୍ରୀଙ୍କ ଠାରୁ ନ୍ୟାୟ ପାଇବା ଉଦ୍ଦେଶ୍ୟରେ ଏକ ଚିଠି ଲେଖି ପ୍ରତିନିଧୀଦଳଙ୍କ ମାଧ୍ୟମରେ ପଠାଇଛନ୍ତି ।

ରବିବାର ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦିକା ସୁଶ୍ରୀ ସରୋଜ ପାଣ୍ଡେଙ୍କ ନେତୃତ୍ୱରେ ଏକ ୩ ଜଣିଆ ପ୍ରତିନିଧୀ ଦଳ କୁନ୍ଦୁଲିରେ ପହଂଚି ପୀଡିତାଙ୍କ ପରିବାର ଲୋକଙ୍କ ଲୁହ ପୋଛିବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି । କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେ ସମ୍ବନ୍ଧରେ ପୀଡିତାଙ୍କ ମା’ ଏବଂ ସ୍ଥାନୀୟ ଲୋକଙ୍କଠାରୁ ଏହି ପ୍ରତିନିଧୀଦଳ ପଚାରି ବୁଝିଛନ୍ତି । ପ୍ରତିନିଧି ଦଳରେ ଅନ୍ୟ ଦୁଇ ସଦସ୍ୟା ରାଷ୍ଟ୍ରୀୟ ସଂପାଦିକା ତଥା ସାଂସଦ ଜ୍ୟୋତି ଧ୍ରୁବେ ଏବଂ ଲୋକସଭା ସାଂସଦ ଅଂଜୁ ବାଲା ଉପସ୍ଥିତ ଥିଲେ

ମୁଖ୍ୟମନ୍ତ୍ରୀଙ୍କ ଅବହେଳା ଯୋଗୁଁ ୧୧୦ ଦିନ ପର୍ଯ୍ୟନ୍ତ ପୀଡିତାଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଥିଲା । କ୍ରାଇମବ୍ରାଞ୍ଚ ସହ ପୁଲିସ ପ୍ରଶାସନ ସମସ୍ତ ତଥ୍ୟ ଲୁଚାଇ ଘଟଣାକୁ ଚାପି ଦେବାକୁ ଚେଷ୍ଟା କରିଥିଲେ । ଶେଷରେ ପୀଡିତାଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ କରାଗଲା । ଏହା ସତ୍ତ୍ୱେ ଏକ ନାବାଳିକା ଦଳିତ ଝିଅ ସହ ଏମିତି ଘଟଣା ଘଟିବା ପରେ ରାଜ୍ୟ ସରକାର ଏହି ଘଟଣାକୁ ଚପେଇ ଦେବାକୁ ବସିଛନ୍ତି । ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର ନକରି ପୋଲିସ ଦ୍ୱାରା ଘଟଣାର ସମସ୍ତ ପ୍ରମାଣ ନଷ୍ଟ କରିବାକୁ ଲାଗିଛନ୍ତି । ପୀଡିତାଙ୍କ ପରିବାରକୁ ପ୍ରଲୋଭନ ଦେଖାଇବା, ତାଙ୍କ ଉପରେ ଅତ୍ୟାଚାର କରିବା, ତାଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଧମକ ଦେଇ ସମସ୍ତ ଘଟଣାକୁ ପୋଲିସ ଚାପିଦେବା ପାଇଁ ଚେଷ୍ଟା କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦିକା ସୁଶ୍ରୀ ସରୋଜ ପାଣ୍ଡେ କହିଛନ୍ତି । ଏଥି ସହ କେନ୍ଦ୍ରୀୟ ପ୍ରତିନିଧୀଦଳ ଦିଲ୍ଲୀ ଫେରି ସୋମବାର ତାଙ୍କର କୁନ୍ଦୁଲି ଗସ୍ତ ରିପୋର୍ଟ ବିଜେପି ଅଧ୍ୟକ୍ଷ ଅମିତ୍ ଶାହାଙ୍କୁ ▶୩ ପୃଷ୍ଠାରେ

ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ନ୍ୟାୟ ମାଗିଲେ ପୀଡିତାଙ୍କ ମା’

ବିଜେପୁର ଉପନିର୍ବାଚନ:

ପ୍ରଣୟ ସାହୁ କଂଗ୍ରେସ ପ୍ରାର୍ଥୀ

ଭୁବନେଶ୍ୱର, ୪/୨ (ଶ୍ରୁମି) : ବିଜେପୁର ଉପନିର୍ବାଚନ ପାଇଁ କଂଗ୍ରେସ ଦ୍ୱନ୍ଦ୍ୱ ଭିତରେ ପ୍ରବଳ ଟଣାଓଟରା ପରେ ନିଜର ପ୍ରାର୍ଥୀ ଘୋଷଣା କରିଛି । ପ୍ରଣୟ ସାହୁଙ୍କୁ ଦଳ ଏହି ଉପନିର୍ବାଚନ ପାଇଁ ପ୍ରାର୍ଥୀ ରୂପେ ବାଛିଛି । ପୂର୍ବରୁ ଏହି ଆସନ କଂଗ୍ରେସ ଅଧୀନରେ ଥିଲା । ବିଜେଡି ବିଜେପୁରର ପୂର୍ବତନ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କୁ ନିଜର ପ୍ରାର୍ଥୀ ଘୋଷଣା କରିସାରିଛି । ଅଶୋକ ପାଣିଗ୍ରାହୀଙ୍କୁ ବିଜେପି ତା’ର ପ୍ରାର୍ଥୀ ଭାବେ ଘୋଷଣା କରିଥିବାବେଳେ ଶ୍ରୀ ପାଣିଗ୍ରାହୀ ତାଙ୍କର ନାମାଙ୍କନ ପତ୍ର ମଧ ଦାଖଲ କରିସାରିଛନ୍ତି । ସୋମବାର ବିଜେଡି ପ୍ରାର୍ଥୀ ରୀତା ସାହୁ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିବେ । ବିଳମ୍ବରେ ହେଲେ ମଧ କଂଗ୍ରେସ ଆଜି ଏହାର ପ୍ରାର୍ଥୀ ଘୋଷଣା କରିବା ସହ ଲୋକଙ୍କ ମନରୁ ଦ୍ୱନ୍ଦ୍ୱ ହଟାଇବାକୁ ଉଦ୍ୟମ କରିଛି । ଆସନ୍ତା ୬ ତାରିଖରେ କଂଗ୍ରେସ ପକ୍ଷରୁ ପ୍ରଣୟ ସାହୁ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିବେ ।

ପ୍ରଣୟ ଏବେ ବରଗଡ଼ ଜିଲ୍ଲା ଗାଇସିଲଟ ବ୍ଲକ୍‌ର ଉପାଧକ୍ଷ ଅଛନ୍ତି । ବିଜେପୁର ଉପନିର୍ବାଚନ ପାଇଁ ପ୍ରଣୟ ସାହୁଙ୍କ ସହ ପୂର୍ବତନ ମନ୍ତ୍ରୀ ରଘୁନାଥ ସେଠଙ୍କ ନାମ ମଧ ଚର୍ଚ୍ଚାରେ ଥିଲା । ଏହାପରେ ରାଜ୍ୟ କଂଗ୍ରେସ ପକ୍ଷରୁ ଏହି ୨ ଜଣଙ୍କ ନାମକୁ ଏଆଇସିସିକୁ ପଠାଇ ଦିଆଯାଇଥିଲା । ଏଆଇସିସି ପ୍ରଣୟଙ୍କ ନାମ ଉପରେ ମୋହର ମାରିଥିଲା ।

ସୂଚନାଯୋଗ୍ୟ ଯେ, ଆସନ୍ତା ୨୪ ତାରିଖରେ ବିଜେପୁର ଉପନିର୍ବାଚନ ଅନୁଷ୍ଠିତ ହେବ । ଏହି ପ୍ରସଙ୍ଗରେ ପ୍ରଣୟ କହିଛନ୍ତି ଯେ, ପ୍ରାର୍ଥୀ ଚୟନକୁ ନେଇ ଦଳ ▶୩ ପୃଷ୍ଠାରେ



ଶ୍ରୀରାମ ଚରିତ ମାନସ

ହୋଇ ବୁଦ୍ଧି ଜୌଁ ପରମ ସୟାନୀ ।
ତିହ୍ନ ତନ ଚିତୱ୍ ନଅନହିତ ଜାନୀ ॥
ଜୌଁ ତେହି ବିଘ୍ନ ବୁଦ୍ଧି ନହିଁ ବାଧୀ ।
ତୌ ବହୋରି ସୁର କହହିଁ ଉପାଧୀ ॥୫॥
ଅତ୍ୟନ୍ତ ବିଚକ୍ଷଣ ବୁଦ୍ଧି ।
କାହାର ଥାଏ ପୁଣି ଯଦି ॥
ଅହିତକର ଜାଣି ତେବେ ।
ନଚାହେଁ ସେମାନଙ୍କୁ କେବେ ॥
ମାୟାର ବିଘ୍ନ ଦ୍ୱାରା ଯଦି ।
ବାଧା ନପାଇଥାଏ ବୁଦ୍ଧି ॥
ଅନ୍ୟ ପ୍ରକାରେ ସୁରଗଣେ ।
ବିଘ୍ନ କରନ୍ତି ଅନୁକ୍ଷଣେ ॥୫॥
ଇଂଦ୍ରୀ ଦ୍ୱାର ଝରୋଖା ନାନା ।
ତହଁ ତହଁ ସୁର ବୈଠେ କରି ଥାନା ॥
ଆୱତ ଦେଖହିଁ ବିଷୟ ବୟାରୀ ।
ତେ ହଠି ଦେହିଁ କପାଟ ଉଘାରୀ ॥୬॥
ଇନ୍ଦ୍ରିୟ ହୃଦ ମନ୍ଦିରର ।
ଝରକା ଅଟନ୍ତି ମାତର ॥
ପ୍ରତ୍ୟେକ ଝରକା ପାଖରେ ।
ଇନ୍ଦ୍ର୍ୟାଭିମାନୀ ବହୁ ସୁରେ ॥
ଆଡା ଜମାଇ ବସିଥାନ୍ତି ।
ସୁଯୋଗ ତହିଁ ଖୋଜୁଥାନ୍ତି ॥
ବିଷୟାସକ୍ତି ପ୍ରଭଞ୍ଜନ ।
ଦେଖିବା ମାତ୍ରେ ତତକ୍ଷଣ ॥
କବାଟ ନିଜ ଝରକାର ।
ଖୋଲନ୍ତି ବଳପୂର୍ବକର ॥୬॥
ଜବ ସୋ ପ୍ରଭଂଜନ ଉର ଗୃହଁ ଜାଇ ।
ତବହିଁ ଦୀପ ବିଗ୍ୟାନ ବୁଝାଇ ॥
ଗ୍ରଂଥି ନ ଛୁଟି ମିଟା ସୋ ପ୍ରକାସା ।
ବୁଦ୍ଧି ବିକଲ ଭଇ ବିଷୟ ବତାସା ॥୭॥
ସେ ଖୋଲା ଝରକା ପଥରେ ।
ବିଷୟା ପବନ ରୂପରେ ॥
ଆସିଣ ହୃଦୟ ମନ୍ଦିରେ ।
ଜୋରରେ ପ୍ରବାହିତ ହେଲେ ॥
ବିଜ୍ଞାନ ପ୍ରଦୀପ ଲିଭଇ ।
ଏକଥା ଜାଣ ପକ୍ଷୀସାଇଁ ॥
ଜଡ ଚେତନ ଗଣ୍ଠି ଯେଣୁ ।
ଫିଟି ନଥାଏ ତାର ତେଣୁ ॥
ଆଲୋକ ଆତ୍ମ ଆନନ୍ଦର ।
ଲଭିଣ ହୁଏ ଅନ୍ଧକାର ॥
ବିଷୟା ବତାସ ବାଜିଲେ ।
ବୁଦ୍ଧି ବ୍ୟାକୁଳ ହୁଏ ଭଲେ ॥୭॥
ଇଂଦ୍ରିହ୍ନ ସୁରହ୍ନ ନ ଗ୍ୟାନ ସୋହାଇ ।
ବିଷୟ ଭୋଗ ପର ପ୍ରୀତି ସଦାଈ ॥
ବିଷୟ ସମୀର ବୁଦ୍ଧି କୃତ ଭୋରୀ ।
ତେହି ବିଧି ଦୀପ କୋ ବାର ବହୋରୀ ॥୮॥
ଇନ୍ଦ୍ରିୟ ଆଉ ଅଭିମାନୀ ।
ତାଙ୍କର ଦେବଗଣ ପୁଣି ॥
ତାହାଙ୍କୁ ପ୍ରଦୀପ ଜ୍ଞାନର ।
ଲାଗେନା କେତେବେଳେ ଭଲ ॥
ବିଷୟ ଭୋଗ ତାଙ୍କର ।
ଅଟଇ ସଦା ପ୍ରିୟତର ॥
ବିଷୟା ରୂପକ ପବନ ।
ବାଉଳା କରେ ବୁଦ୍ଧି ଜାଣ ॥
ତେଣୁ ସେ ଜ୍ଞାନମୟ ଦୀପ ।
ଜାଳିବ ଅଛି କା ବହପ ॥୮॥
॥ ଦୋହା ॥
ତବ ଫିରି ଜୀୱ୍ ବିବିଧ୍ ବିଧ୍ ପାୱଇ
ସଂସୃତି କ୍ଲେସ ।
ହରି ମାୟା ଅଛି ଦୁସ୍ତର ତରି ନ ଜାଇ
ବିହଗେସ ॥୧୧୮(କ)॥
ଏପରି ଭାବରେ ବିଜ୍ଞାନ ।
ଦୀପ ଲଭିଲେ ପକ୍ଷୀଗଣ ॥
ଜୀବନ ମରଣାଦି କ୍ଲେଶ ।
ଜୀବଟି ପାଅଇ ଅବଶ୍ୟ ॥
ଦୁସ୍ତର ହରିଙ୍କର ମାୟା ।
ତରିବା ଅତି କଷ୍ଟ ତାହା ॥୧୧୮(କ)॥
କହତ କଠିନ ସମୁଝତ କଠିନ ସାଧତ
କଠିନ ବିବେକ ।
ହୋଇ ଘୁନାଛର ନ୍ୟାୟ ଜୌଁ ପୁନି ପ୍ରତ୍ୟୂହ
ଅନେକ ॥୧୧୮(ଖ)॥
କିପରି ଅଟଇ ସେ ଜ୍ଞାନ ।
କହିବା ବୁଝିବା କଠିନ ॥
ଏହାକୁ ସାଧନ କରିବା ।
ଅତି କଠିନ ଅଟେ ବାବା ॥
ଯଦି ବା କେବେ ଦୈବ ବଳେ ।
ଏ ଜ୍ଞାନ ଲାଭ ହୋଇଗଲେ ॥
ବଞ୍ଚାଇ ରଖିବାରେ ବିଘ୍ନ ।
ସର୍ବଦା ହୁଏ ଉତପନ୍ନ ॥୧୧୮(ଖ)॥

ଅନୁବାଦ : **କିଶୋର ଚନ୍ଦ୍ର ଗଡତିଆ**

□□□ କ୍ରମଶଃ

ରାଶିଫଳ

ମେଷ :- ଆଜି ଦିନଟି ଆପଣଙ୍କ ପାଇଁ ସୁଖ ସୁବିଧାଯୁକ୍ତ ରହିବ। ଭ୍ରମଣ ଲାଭ ଦାୟକ। ପରିବାର ଜନଙ୍କୁ ସୁଖଶାନ୍ତିରେ ରଖିବା ପାଇଁ ପ୍ରୟାସ କରିବେ। ସଜ୍ଜା ଏବଂ ରୂପ ଚର୍ଯ୍ୟାରେ ସମୟ ବିତେଇବେ।

ବୃଷ :- ନୂତନ ଗୃହ ନିର୍ମାଣ ପାଇଁ ଚେଷ୍ଟା କରିବେ। ଦେହ ଅସୁସ୍ଥ ରହିବ। କର୍ମକ୍ଷେତ୍ରରେ ବଦଳି ହେବାର ସମ୍ଭାବନା ଅଛି। ସନ୍ତାନମାନେ ନବନିଯୁକ୍ତି ପାଇ ପାରନ୍ତି। ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ।

ମିଥୁନ:- କୌଣସି କାରଣ ନେଇ ଅଶାନ୍ତି ସୃଷ୍ଟି ହୋଇପାରେ। ନୂତନ ପନ୍ଥା ଅବଲମ୍ବନ କରିପାରନ୍ତି। କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ।

କର୍କଟ:- କ୍ଷେତ୍ରେ ପରିସର ବୃଦ୍ଧି ପାଇଁ ଲାଗି ପଡିବେ। ଗ୍ରାମଗୋଷ୍ଠୀ କାର୍ଯ୍ୟରେ ପ୍ରଶଂସିତ ହେବେ। ମାନ ସମ୍ମାନ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ଧନବାନ ହେବେ।

ସିଂହ:- ଧର୍ମ କାର୍ଯ୍ୟରେ ଲିପ୍ତ ରହିପାରନ୍ତି। କେତେକ ପଦାର୍ଥ ଚୋରି ଦ୍ୱାରା ଅପହରଣ ହୋଇପାରେ। ସତର୍କ ରୁହନ୍ତୁ। ବ୍ୟବସାୟରେ ପରିବର୍ତ୍ତନ ଘଟିପାରେ। ଡାକ୍ତର ଚିକିତ୍ସାରେ ଖର୍ଚ୍ଚାନ୍ତ ହୋଇପାରନ୍ତି।

କନ୍ୟା:- ଉପାର୍ଜନ ବୃଦ୍ଧି ହେବାର ସମ୍ଭାବନା ଅଛି ।ସରକାରୀ ବନ୍ଧୁ ସୂତ୍ରରୁ ଲାଭବାନ ହୋଇପାରନ୍ତି। ଉତ୍ତମ ତଥା ମିଷ୍ଟାନ୍ନ ଭୋଜନ ମିଳିବ। ପାରିବାରିକ ଜୀବନରେ ସୁଖୀ ହେବେ।

ତୁଳା:- କୌଣସି ପ୍ରକାରେ ପରିସ୍ଥିତିକୁ ସୁଧାରିବାରେ ଚେଷ୍ଟା କରନ୍ତୁ। ଉପରିସ୍ଥ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଅପବାଦ ପାଇବେ। ପାରିବାରିକ ଶାନ୍ତି ମିଳିବ।

ବିଛା:- ବ୍ୟବସାୟ କ୍ଷେତ୍ରରେ ଉନ୍ନତି ଦେଖାଯିବ। ପାରିବରିକ କ୍ଷେତ୍ରରେ ଅଶାନ୍ତି ତଥା ଦାମ୍ପତ୍ୟ ଜୀବନରେ କଳହର ସୂତ୍ରପାତ ହୋଇପାରେ। କର୍ମକ୍ଷେତ୍ରରେ ଆଳସ୍ୟ ପରାୟଣ ହୋଇ କ୍ଷତି ସହିବାର ସମ୍ଭାବନା।

ଧନୁ:- ବିଦେଶ ଯିବାର ସମ୍ଭାବନା ଅଛି। କୌଣସି ଅନୁଷ୍ଠାନର ସୁବିଧା ପାଇ ଉପକୃତ ହେବେ। ନୂତନ ଦାୟିତ୍ୱ ନେବାର ଯୋଗ ଅଛି। ବନ୍ଧୁ ସାହାଯ୍ୟରେ ଜମିବାଡିର ଲାଭ ଅଛି।

ମକର:-ସହଯୋଗ ପାଇଁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବ୍ୟବସାୟରେ ହଠାତ୍ ଲାଭର ସୁଯୋଗ ଅଛି ।ବିଦେଶ ଗସ୍ତ କରିବାର ଯୋଗ ଅଛି।

କୁମ୍ଭ:- ଆଜି ଦିନଟି ଆପଣଙ୍କ ପାଇଁ ଉତ୍ତମ ଦାୟକ ଅଟେ। ଧନ ବୃଦ୍ଧି ପାଇଁ ଚେଷ୍ଟା କରିବେ। ସଫଳ କାମୀ ହେବେ। ପାରିବାରିକ ଜୀବନ ହସିଲାପୁରିଲା ଲାଗିବ ।ଆପଣଙ୍କ କଥା ଭାଷାରେ ଅନ୍ୟମାନେ ପ୍ରଭାବିତ ହେବେ।

ମୀନ:- ବେପାର ବାଣିଜ୍ୟ କ୍ଷେତ୍ରରେ ଅଧିକ ଲାଭ ପାଇବା ପାଇଁ ନୂତନ ବୁଦ୍ଧି କୌଶଳ ଅବଲମ୍ବନ କରିବେ। ଭୂମି ଓ ଭବନର ବିକାଶ ପାଇଁ ଧନ ବ୍ୟୟ କରିବେ। ସ୍ତ୍ରୀ ଓ ସନ୍ତାନମାନେ ଆପଣଙ୍କ ଠାରୁ ସୁଖଶାନ୍ତି ଆଶା କରିବେ।

ପୁରୀ ସମ୍ବାଦ...

ସରକାର ଜମି ନଦେବାରୁ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଉଠିଯିବ !

ପୁରୀ, ୪।୨ (ଶ୍ରୁ.ମି) : ପୁରୀରେ ଏକ ଜାତୀୟ ଅନୁଷ୍ଠାନ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀ ବେଳରେ ଦୀର୍ଘ ୧୬ ବର୍ଷ ହେବ ପୁରୀରେ ପ୍ରତିଷ୍ଠା ହୋଇଥିବାବେଳେ ଏବେ ଭଡା ଘରେ ଚାଲୁଥିବା ଓ ସରକାର ଜମି ଯୋଗାଇ ନଦେବାରୁ ବର୍ତ୍ତମାନ ଉକ୍ତ ଅନୁଷ୍ଠାନଟି ଭୁବନେଶ୍ୱର ଉଠିଯିବାର ଯୋଜନା ଜଣାପଡିବା ପରେ ଗତକାଲି ବିଜେପି ପୁରୀ ସହରର ତରଫରୁ ନାଏକ

ବିଜେପିର ସାମ୍ବାଦିକ ସମ୍ମିଳନୀ

ପ୍ଲାଜା ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀକ କରି ଏହାକୁ ପ୍ରତିବାଦ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ପ୍ରକାଶ କରିଥିଲେ । ସଂସ୍ଥାଟି ଭଡା ଘରେ ଚାଲୁଥିବାରୁ ଅନ୍ୟାନ୍ୟ ବିଭାଗ ଖୋଲୁପାରୁନଥିବା ବେଳେ ଏକପ୍ରକାର ଅଚଳ ହୋଇପଡିଛି । ବୋର୍ଡ ବୈଠକରେ ପୁରୀରୁ ଭୁବନଶ୍ୱେର ଉଠାଇନେବା ନିଷ୍ପତ୍ତି ଜଣାପଡିବା ପରେ ବିଜେପି ପକ୍ଷରୁ ବିରୋଧ ଆରମ୍ଭ ହୋଇଛି । ବିକ୍ଷେପିର ସହର କର୍ମକର୍ତ୍ତା, ପୌର ସଦସ୍ୟ ଓ ଅନ୍ୟ କର୍ମକର୍ତ୍ତମାନେ ଉପସ୍ଥିତଥିଲେ ।

ଶ୍ରୀମନ୍ଦିର ପରିଚାଳିତ ଯାତ୍ରୀ ନିବାସ ନାଁରେ ଫେକ୍ ୱେବସାଇଟ୍

ବ୍ୟବସାୟ କରୁଥିବା ଘରୋଇ ଲଜିଂ ମାଲିକ ଧରାହେଲେ

ପୁରୀ, ୪।୨ (ଶ୍ରୁ.ମି) : ପୁରୀ ଶ୍ରୀମନ୍ଦିର ଅଧୀନରେ ପରିଚାଳିତ ଗ୍ରାଣ୍ଡରୋଡରେ ଥିବା ଭକ୍ତ ନିବାସ ଓ ଗୁଣ୍ଡିଚା ମନ୍ଦିର ନିକଟରେ ଗୁଣ୍ଡିଚା ଭକ୍ତ ନିବାସ ନାଁରେ ଫଟୋ ୱେବ ସାଇଟ୍‌ରେ ଦେଇ ଜନୈକ ସହରର ଲଜିଂ ମାଲିକ ମୋବାଇଲ ନମ୍ବର ଦେଇ ତାଙ୍କ ନିଜ ଲଜିଂ ବୁକ୍ ନେଟ୍ ଜରିଆରେ କରି ରୋଜଗାର କରିବା ଏବେ ଧରା ପଡିଯିବାରୁ ଏବେ ସହରରେ ଚର୍ଚ୍ଚା ହେବା ସହ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଖୋଳତାଡ କରାଯିବା ସହ କୁମ୍ଭାରପଡା ଓ ଟାଉନ ଥାନାରେ ଏତଲା ଦିଆଯାଇଥିବା ଜଣାପଡିଛି । ଏଥିରେ ବଡଶଙ୍ଖର ସାଗର ଇନ୍ ଲଜ ମାଲିକ ସଂପୃକ୍ତିଥିବା ଜଣାପଡିବା ପରେ ପୋଲିସ ପଚରା ଉଚରା କରୁଥିବା ବେଳେ ଦୀର୍ଘଦିନ ହେବ ଏଭଳି କରି ବାହାର ତୀର୍ଥଯାତ୍ରୀ, ଭକ୍ତ, ପର୍ଯ୍ୟଟନମାନଙ୍କୁ ଅଡୁଆରେ ପକାଉଥିବା ଜଣାପଡିଛି । ବାହାର ଲୋକେ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ଯାତ୍ରୀ ନିବାସକୁ ରହିବା ପାଇଁ ଅଧିକ ପସନ୍ଦ କରୁଥିବାରୁ ଏହି ଲଜିଂ ମାଲିକମାନେ ଏହାର ସୁଯୋଗ ନେଇ ଏଭଳି କରିଥିବା ଚର୍ଚ୍ଚା ହେଉଛି ।

ଆଜି କୋରାପୁଟ ବାର ଆସୋସିଏସନର ନିର୍ବାଚନ

ରଣାଙ୍ଗନରେ ୧୦ ପ୍ରାର୍ଥୀ

କୋରାପୁଟ,୪/୨(ଶୃତି)- ୫ ତାରିଖ ସୋମବାର ଦିନ କୋରାପୁଟ ବାର ଆସୋସିଏସନର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ନିର୍ବାଚନ ରଣାଙ୍ଗନରେ ମୋଟ ୧୦ ଜଣ ପ୍ରାର୍ଥୀ ରହିଥିବା ଜଣାଯାଇଛି । ବାର ଆସୋସିଏସନର ସଭାପତି ପଦ ପାଇଁ ସୁଦର୍ଶନ ଗୌଡ ଏବଂ ଆର ବିଶ୍ୱରଜଂନ ପଟ୍ଟନାୟକ ମଧ୍ୟରେ ସିଧାସଳଖ ଲଢେଇ ହେଉଥିବାବେଳେ ଉପସଭାପତି ନିମନ୍ତେ ଚନ୍ଦ୍ର ଶେଖର ତ୍ରିପାଠି ଓ ନୃପେନ୍ଦ୍ର ନାରାୟଣ ବାଘ ମଧ୍ୟରେ ଲଢେଇ ହେବ ବୋଲି ଜଣାଯାଇଛି । ସେହିପରି ସଂପାଦକ ପଦ ପାଇଁ ସୁବାଷ ଚନ୍ଦ୍ର ସେନାପତି, ସୁନିଲ କୁମାର ଜେନା, ଦିପ୍ତେଶ୍ୱର ପ୍ରସାଦ ନନ୍ଦ, ନମିତା ମହାନ୍ତି ଆଦି ୪ ଜଣ ପ୍ରାର୍ଥୀ ରହିଥିବାବେଳେ କୋଷାଧକ୍ଷ ପଦ ପାଇଁ ବିଘ୍ନରାଜ ବେହେରା ଓ ରମେଶ ଚନ୍ଦ୍ର ନାୟକଙ୍କ ମଧ୍ୟରେ ଲଢେଇ ହେବ ବୋଲି ଜଣାଯାଇଛି । ନିର୍ବାଚନ ଅଧିକାରୀ ଭାବେ ଶରତ ଆଚାର୍ଯ୍ୟ ଦାୟିତ୍ୱ ତୁଲାଉଥିବାବେଳେ ସୁଜାତା ନାୟକ ଓ ମନୋରଜଂନ ରାଉତରାୟ ନିର୍ବାଚନ ପରିଚାଳନାରେ ସହଯୋଗ କରୁଛନ୍ତି ।

ଯୁବକକୁ ଗୁଳି କରି ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୪।୨ (ଶ୍ରୁ.ମି) : ସୀମାନ୍ତ ଛତିଶଗଡ ରାଜ୍ୟ ଦାନ୍ତେବାଡା ଜିଲ୍ଲା କେଟକଲ୍ୟାଣ ଥାନା ପାଟନା ଗ୍ରାମରେ ଶନିବାର ରାତ୍ରିରେ ମାଓବାଦୀମାନେ ମନୋଜ ପଢିଗାମୀ ନାମକ ଯୁବକଙ୍କୁ ଗୁଳି କରି ହତ୍ୟା କରିଥିଲେ । ମାଓବାଦୀ ଗୁଳିରେ ଯୁବକଙ୍କ ଶାଳି ମୁସତାନ (୯)ଙ୍କୁ ଗୁରୁତର ଅବସ୍ଥାରେ କେଟକଲ୍ୟାଣ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି ।

ପିକ୍‌ଅପ୍ ଭ୍ୟାନ ଓ ବାଇକ ମୁହାଁମୁହିଁ

୨ ବାଇକ ଆରୋହୀ ମୃତ

ଅନୁଗୋଳ, ୪।୨ (ଶ୍ରୁ.ମି) : ଜରପଡ଼ା ଥାନା ଅନ୍ତର୍ଗତ ୫୫ ଜାତୀୟ ରାଜପଥ ତୁବେ ମଧୁବନ ଢ଼ାବା ନିକଟରେ ଆଜି ସନ୍ଧ୍ୟା ୬.୩୦ମି ବେଳେ ଏକ ପିକ୍‌ଅପ୍ ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଆରେହୀ ଦୁଇଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ଅନୁଗୋଳ ଥାନା ଅନ୍ତର୍ଗତ ରନ୍ତଲେଇ ଗାଁର ଦିଲ୍ଲୀପ ସିଂହ ଓ ଆଠମଲ୍ଲିକ ଅଞ୍ଚଳର ଧଉରାଗୋଠ ଗାଁର ରିଙ୍କୁ ସିଂହ ଦୁଇ ଜଣ ମିଶି ଆଜି ସନ୍ଧ୍ୟାରେ ତାଙ୍କ ବାଇକ ନଂ (ଓଆର ୧୯-ଏଲ ୮୨୧୭) ଯୋଗେ ଆଠମଲ୍ଲିକ ଅଭିମୁଖେ ବାହାରିଥିଲେ ତେବେ ୫୫ ନମ୍ବର ଜାତୀୟ ରାଜପଥର ତୁବେ ମଧୁବନ ଢ଼ାବା ନିକଟରେ ଏକ ପିକ୍‌ଅପ୍ ଭ୍ୟାନ ନଂ (ଓଡ଼ି - ୧୯ -ଡ଼ି-୮୬୩୮)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଜଣ ବାଇକ ଆରୋହୀ ଦିଲ୍ଲୀପ ଓ ରିଙ୍କୁଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତ ଶରୀରକୁ ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି।

ଡ଼ଃ ଅଜୟ କୁମାରଙ୍କୁ ଆଦର୍ଶ ଶିକ୍ଷା ସମ୍ମାନ

ଚଣ୍ଡିଖୋଲ ,୪/୨(ଶ୍ରୁମି) ବଡ଼ଚଣା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ତଥା ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ଲେଙ୍କାଙ୍କୁ ଆଦର୍ଶ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ଚଣ୍ଡିଖୋଲ ସନ୍ନିକଟ ଗରୀବାଟିଆସ୍ଥିତ ଗଣପତି ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବରେ ଶିକ୍ଷାବିତ ବିନାୟକ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥି ଯୋଗ ଦେଇ ଡ଼ଃ ଲେଙ୍କାଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନୀତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ସୁ ସାହିତ୍ୟିକ ଡ଼ଃ ସୂର୍ଯ୍ୟମଣି ଖୁଣ୍ଟିଆ ଓ ଗବେଷଣା କ୍ଷତ୍ରରେ କୃତିତ୍ୱ ଅର୍ଜନ କରିଥିବା ଡ଼ଃ ଲେଙ୍କା ଅବସର ପରେ ବହୁ ସାମାଜିକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଜଡ଼ିତ ହେବା ସହିତ ବଡ଼ଚଣା ଅଞ୍ଚଳର ଶିକ୍ଷା, ସଂସ୍କୃତି, ଐତିହ୍ୟ, ପରମ୍ପରା ଉପରେ ଗବେଷଣାରତ। ତାଙ୍କର ଏହି କୃତିତ୍ୱ ପାଇଁ ଡ଼ଃ ଲେଙ୍କା ବହୁ ସରକାରୀ, ବେସରକାରୀ ସଂଗଠନମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଛନ୍ତି। ଡ଼ଃ ଲେଙ୍କାଙ୍କ ଲିଖିତ ପାରାଦ୍ୱୀପ ପୋର୍ଟ ଓ ବିଜୁପଟ୍ଟନାୟକ ସନ୍ଦର୍ଭ ଲେଖି ଡ଼କ୍ଟରେଟ୍ ପାଇଥିଲେ। ଉକ୍ତ ଲେଖାଟି ବେଶ ଜନାବୃତ ହେବା ସହିତ ବହୁ ପ୍ରସଂସିତ ହୋଇଛି।

ରାସ୍ତା ଅବରୋଧ କରି ଗୃହ ନିର୍ମାଣ ଅଭିଯୋଗ

କେନ୍ଦ୍ରାପଡା ୪/୨ (ଶ୍ରୁ.ମି) : କଟକ - ଚାନ୍ଦବାଲି ରାସ୍ତାର ଦୁହୁରିଆ ରେଲୱେ ଓଭରବ୍ରିଜ ନିକଟରୁ ଗୁଆଳସିଂ କଲୋନୀ ଭିତରକୁ ଯାଇଥିବା ରାସ୍ତାର ଆରମ୍ଭରୁ ଜନୈକ ବ୍ୟକ୍ତି ଅବରୋଧ କରିଥିବାରୁ ସେହି ରାସ୍ତାରେ ଗାଡି ମଟର ଚଳାଚଳରେ ଗୁରୁତର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ଜନୈକ ଭିକାରି ଚରଣ ଦାସ ନାମକ ବ୍ୟକ୍ତି ଗ୍ରାମ ଭିତରକୁ ଯାଇଥିବା ରାସ୍ତାକୁ ଅବରୋଧ କରି ଗୃହ ନିର୍ମାଣ କରୁଥିବାରୁ ସେହି ରାସ୍ତାରେ କଲୋନୀ ଭିତରେ ଘରକରି ରହିଥିବା ବାସୀନ୍ଦାମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେହି ଅବରୋଧକାରୀଙ୍କୁ କଲୋନୀବାସୀଙ୍କ ବାରଣ ସତ୍ୱେ ସେ ରାସ୍ତା ଅବରୋଧ କରି ଗୃହ ନିର୍ମାଣ କରୁଥିବାରୁ ଏ ସମ୍ପର୍କରେ କଲୋନୀବାସୀଙ୍କ ପକ୍ଷରୁ ଦିଲ୍ଲିପ କୁମାର ସାହୁ,ରମେଶ ରାଉତ, ତପସ୍ୱିନୀ ସାମଲ,ଆଲୋକେଶ ପ୍ରଧାନ,ନିରଞ୍ଜନ ମଲ୍ଲିକ, ନାରାୟଣ ପ୍ରଧାନ, ମାନସ ସାମଲ, ମଳୟ ସାମଲ, ଉଦୟଭାନୁ ସାହୁ, ଅଜୟ ନାୟକ, ଲିଙ୍ଗରାଜ ପରିଡା,କ୍ଷିରୋଦ ପ୍ରଧାନ, ସୁଧିର ସାମଲ ପ୍ରମୁଖ ଡେରାବିଶ ତହସିଲଦାରଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ କଲୋନୀବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।

ବିଶ୍ୱ କର୍କଟ ଦିବସ ପାଳିତ

ମାଲକାନଗିରି, ୪।୨ (ଶ୍ରୁ.ମି) : ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ସତ୍ୟନାରାୟଣ ନର୍ସିଂ କଲେଜଠାରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅମରେନ୍ଦ୍ର ମହାନ୍ତି, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଶଶିଭୂଷଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ପ୍ରୋଜେକ୍ଟର ମାଧ୍ୟମରେ କର୍କଟ ରୋଗର ଲକ୍ଷଣ କଣ ପାଇଁ ରୋଗ ହୋଇଥାଏ ଏବଂ ଏହାର ନିରାକରଣ କିପରି କରାଯିବ ସେ ବିଷୟରେ ଉପସ୍ଥିତ ଥିବା ଛାତ୍ରୀମାନଙ୍କୁ ବୁଝାଇଥିଲେ । ସତ୍ୟନାରାୟଣ ଜେଏନଏମ କଲେଜର ସାଧାରଣ ପରିଚାଳକ ସଞ୍ଜୟ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

ଆଜିଠାରୁ ଚାଲିଲା ରାଉଲକେଲା-କୋରାପୁଟ ଇନ୍ଟରସିଟି ଟ୍ରେନ

ସପ୍ତାହରେ ୩ ଥର

କୋରାପୁଟ,୪/୨(ଶୃତି)- ଆଜିଠାରୁ ରାଉଲକେଲା-କୋରାପୁଟ ଇନ୍ଟରସିଟି ଏକ୍ସପ୍ରେସ ଟ୍ରେନ (୧୮୧୦୭) ପୁଣିଥରେ ଚାଲିବା ଆରମ୍ଭ କରିଥିବା ରେଲୱେ ବିଭାଗ ପକ୍ଷରୁ ଜଣାଯାଇଛି। ରାଉଲକେଲାରୁ ସପ୍ତାହର ରବିବାର, ମଙ୍ଗଳବାର ଓ ଗୁରବାର ୩ ଥର ଏହା ଚାଲିବାକୁ ଥିବାବେଳେ କୋରାପୁଟ ଷ୍ଟେସନରୁ ଏହି ଟ୍ରେନ(୧୮୧୦୮) ପ୍ରତ୍ୟେକ ସୋମବାର, ବୁଧବାର ଓ ଶୁକ୍ରବାର ଏପରି ୩ ଦିନ ଏହା ଚଳାଚଳ କରିବ ବୋଲି ଇଷ୍ଟ କୋଷ୍ଟ ରେଲୱେ ପକ୍ଷରୁ ଜଣାଯାଇଛି। ସୁଚନା ଥାଉକି ଯେ ଏହି ଟ୍ରେନ ଚଳାଚଳ ପ୍ରାୟ ୬ ମାସ ହେବ ବନ୍ଦ ରହିଥିଲା ।

କ୍ୟାବିନ ଭାଙ୍ଗି ଚୋରି

ଅନୁଗୋଳ, ୪।୩ (ଶ୍ରୁ.ମି) : ଅନୁଗୋଳ ଥାନା ଖଲାରୀ ଗ୍ରାମରେ ଥିବା ବିଶ୍ୱଜିତ ନାଥଙ୍କ ଦୋକାନ କ୍ୟାବିନ୍ ଭାଙ୍ଗି କେହି ଦୁର୍ବୃତ୍ତ ୫ଟି ମୋବାଇଲ ଓ ୨ଟି ଜେରକ୍ସ ପ୍ରିଣ୍ଟର ମେଶିନ୍ ଚୋରି କରି ନେଇଯାଇଛି। ଶନିବାର ସକାଳେ ସେ ଦୋକାନର ତାଲା ଭାଙ୍ଗି ଯାଇଥିବା ଦେଖିବାକୁ ପାଇଥିଲେ। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ କରୁଛି।

ପ୍ରଧାନ ଶିକ୍ଷୟିତ୍ରୀଙ୍କ ଯୋଗଦାନକୁ ସ୍ୱାଗତ

କେନ୍ଦ୍ରାପଡା ୪/୨(ଶ୍ରୁ.ମି) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତର ପୁରୁଷୋତ୍ତମପୁର ୟୁଜିଏମଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଜୟନ୍ତୀ ପୃଷ୍ଟି ଯୋଗଦାନ କରିଛନ୍ତି । ଏହି ସ୍କୁଲରେ ଦୀର୍ଘ ଦିନ ଧରି ଖାଲି ପଡିଥିବା ପଦବୀଟି ପୁରଣ ହୋଇଥିବାରୁ ସ୍କୁଲର ରାଜ କିଶୋର ନାୟକ, ସହକାରୀ ଶିକ୍ଷକ ଖଗେଶ୍ୱର ସାମଲଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ପ୍ରାକ୍ତନ ଛାତ୍ରଛାତ୍ରୀମାନେ ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ ।

ନାଲକୋ ସ୍ମେଲଟରରେ ଶ୍ରମିକ ଦୁର୍ଘଟଣାଗ୍ରସ୍ତ

ଅନୁଗୋଳ, ୪।୨ (ଶ୍ରୁ.ମି) : ନାଲକୋ ସ୍ମେଲଟର ପ୍ଲାଣ୍ଟରେ ଜଣେ ଠିକା ଶ୍ରମିକ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଠିକା ଶ୍ରମିକ କୁମୁଦ ଦଳବେହେରା ଦିନ ୧୧ଟା ବେଳେ ପ୍ଲାଣ୍ଟ କାର୍ବନ ଏରିଆରେ କାମ କରିବା ସମୟରେ ତାଙ୍କ ଡ଼ାହାଣ ହାତ ବୁଢ଼ା ଆଙ୍ଗୁଠିରେ ୯୫ ପ୍ରତିଶତ କଟିଯିବବା ସହ ଆଉ ଦୁଇଟି ଆଙ୍ଗୁଠିରେ ହାଡ଼ ଫାଟିଯାଇଛି। ତାଙ୍କୁ ସଙ୍ଗେ ସଙ୍ଗେ ନାଲକୋ ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କୁମୁଦଙ୍କ ଘର ବଅଁରପାଳ ବ୍ଲକ ଗୋତମରା ଗ୍ରାମର ବୋଲି ଜଣାପଡ଼ିଛି

କେନ୍ଦ୍ର ବଜେଟ୍‌ରେ ଅଙ୍ଗନୱାଡି କର୍ମୀଙ୍କୁ ଉପେକ୍ଷା ନେଇ ବିକ୍ଷୋଭ ପ୍ରଦର୍ଶନ

ତାଳଚେର,୪/୨(ଶ୍ରୁ.ମି): ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପାଇଁ ଏନ୍.ଡି.ଏ. ସରକାର ଚଳିତ ବଜେଟ୍ ରେ ଭତା ବୃଦ୍ଧି ନକରିବା ତଥା ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତି ଅନୁଯାୟୀ ୱାର୍କର ମାନ୍ୟତା ପ୍ରଦାନ ନିମନ୍ତେ ବଜେଟ୍ ରେ ଘୋଷଣା କରିନଥିବା ପ୍ରତିବାଦରେ ଶନିବାର ଦିନ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ତାଳଚେର ବ୍ଲକ ସଭାନେତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କ ନେତୃତ୍ୱରେ ସି.ଡି.ପି.ଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ର ସରକାର ଭତା ବୃଦ୍ଧି ନେଇ ପୂର୍ବରୁ ପ୍ରତିଶୃତି ଦେଇଥିଲେ ମଧ ଚଳିତ ବଜେଟ୍ ରେ ତାହା ଘୋଷଣା ନକରିବାରୁ ଅଙ୍ଗନୱାଡି କର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଶୈଳୀରେ ଘରୋଇ କରଣ ଉଦ୍ୟମ ପ୍ରକ୍ରିୟାକୁ ବନ୍ଦ କରାଯିବାକୁ ଆନ୍ଦୋଳନକାରୀ ମାନେ ଦାବୀ କରିଛନ୍ତି। ଆଗାମୀ ଦିନରେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ବିକ୍ଷୋଭ ପ୍ରଦର୍ଶନରେ ଅନୁଗୋଳ ଜିଲ୍ଲା ସଭାପତି ବିଜୟ ଦେବତା, ତାଳଚେର ବ୍ଲକର ଜ୍ୟୋସ୍ନାମୟୀ ଗଡନାୟକ, ନିରୁପମା ବେହେରା,ପ୍ରଭାତୀ ପାଣି, ସଂଯୁକ୍ତା ପାଢ଼ୀ, ମିନତୀ ଶତପଥି, ଜୟନ୍ତୀ ତ୍ରିପାଠୀ, ସୁଜାତା ରାଉଳ, ପୁଷ୍ପାଞ୍ଜଳୀ ମହାପାତ୍ର,ରୀତାଞ୍ଜଳୀ ବେହେରାଙ୍କ ସମେତ ବହୁ କର୍ମୀ ସାମିଲ ହୋଇ ସି.ଡି.ପି.ଓ.ଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ ।

ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ
NIKHILA ORISSA ANGANWADI KARMI SANGHA
Regd. No. : 634/98 (Affiliated to AITUC)
TALCHER BLOCK, TALCHER
Dist- ANGUL (ODISHA)

ଚାଷୀଙ୍କ ନିଦ ହଜାଇଛି ହାତୀ

ଭାଲୁ ବାରହାଙ୍କ ଉତ୍ପାତରେ ଆଖୁ ଚାଷୀ ହତାଶ

ଢେଙ୍କାନାଳ ୪।୨ (ଶ୍ରୁ.ମି) : ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ବାରଦା ଗ୍ରାମରେ ବଣୁଆ ହାତୀ ଆଖୁ ଚାଷୀଙ୍କ ନିଦ ହଜାଇ ଦେଇଥିବା ବେଳେ ଏବେ ହାତୀଙ୍କ ସହିତ ଭାଲୁ ଓ ବାରହାଙ୍କ ଉତ୍ପାତ ଯୋଗୁ ଚାଷୀ ହତାଶ ହୋଇପଡିଛନ୍ତି। ଗତ ୧୦ ଦିନ ଧରି ବାରଦା ଗେଙ୍ଗୁଟିଆ,ଜହ୍ନିତଏଲା,ଭୋଜଦେଇପୁର ଓ ସଦାଶିବପୁର ଗ୍ରାମରେ ହାତୀ ଉତ୍ପାତ ଲାଗିରହିଛି। ଏହି ହାତୀ ପଲ ଚାଷୀମାନଙ୍କ ଖଳାରୁ ଓ ଘରୁ ଧାନ ଖାଇବା ସହିତ ହାତୀ ଫସଲକୁ ବ୍ୟାପକ ଭାବରେ ନଷ୍ଟ କରୁଥିବାର ଅଭିଯୋଗ ହୋଇଛି। ହାତୀଙ୍କ ଭୟରେ ଚାଷୀମାନେ ଆଖୁ ଜମିକୁ ଆଖୁ କାଟିବାକୁ ଯାଇପାରୁନଥିବା ବେଳେ ଗତ ୨ ଦିନ ଧରି ଗୋଟିଏ ଭାଲୁ ଓ ବାରହା ପଲ ନଦୀ କୂଳରେ ଆଖୁ ବିଲରେ ପଶି ଆଖୁ ନଷ୍ଟ କରୁଥିବାର ଜଣାପଡିଛି। ଆଖୁ କାଟି ଅମଳ ସମୟ ହୋଇଥିବା ବେଳେ ହାତୀ,ବାରହା ଓ ଭାଲୁଙ୍କ ଉତ୍ପାତରେ ଚାଷୀଙ୍କ ନିଦ ହଜିଯାଇଥିବାର ଜଣାପଡିଛି।

ନୋଡ଼ାଲ ଅଧିକାରୀ ଶୁଭ ଶର୍ମାଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ସୋନପୁର, ୪।୨ (ଶ୍ରୁ.ମି) : ସୁବର୍ଣ୍ଣପୁର ଜିଲ୍ଲା ପଞ୍ଚାୟତରେ ଥିବା ନୋଡାଲ ଅଧିକାରୀ ତଥା ହସ୍ତତନ୍ତ ଓ ବୟନଶିଳ୍ପ ସଚିବ ଶୁଭ ଶର୍ମା କ୍ଷେତ୍ର ପରିଦର୍ଶନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । କ୍ଷେତ୍ର ପରିଦର୍ଶନରେ ଯାଇ ବୁଣାକାର ସମବାୟ ସମିତି ପିପିଲିକାନିର ସଦସ୍ୟମାନଙ୍କ ସହ ବସ୍ତ୍ର ବୟନ ଉପରେ ଆଲୋଚନା କରିଥିଲେ । ଉଚିତ୍ ମୂଲ୍ୟରେ ବୟନ କରାଯାଇ ସେଗୁଡିକର ବିକ୍ରୟ ବ୍ୟବସ୍ଥା ଗ୍ରହଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଉପ ନିର୍ଦ୍ଦେଶକ ବୟନ ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଉଲୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ମଧ ଆୟୋଜନ କରାଯାଇଥିଲା । ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଗ୍ରାମୀଣ ଆବାସ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇ ନିରାମୟ ଯୋଜନା ସମୀକ୍ଷା କରିଥିଲେ । ଝାରବାହାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ତୁରନ୍ତ ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୁତମେଣ୍ଡାରେ ଥିବା ଜଳ ଯୋଗାଣ ପ୍ରକଳ୍ପ ବଡମାରୀରେ ଥିବା ଗ୍ରାମୀଣ ଆବାସ ଯୋଜନା ଏବଂ ଲଖନପୁରରେ ଅଙ୍ଗନବାଡି କେନ୍ଦ୍ରରେ ଚାଲିଥିବା କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଲଖନପୁରରେ ଜମି ପଟ୍ଟା ପାଇନଥିବା ଅଧିବାସୀମାନଙ୍କୁ ନିୟମ ମୁତାବକ ପଟ୍ଟା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ନିନିକା ବ୍ଲକ୍ ରାଜୀବ ଗାନ୍ଧୀ ସଭାଗୃହରେ ସମୀକ୍ଷା ବୈଠକରେ ଯୋଗ ଦେଇ ବ୍ଲକରେ ଚାଲୁଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୋଗାଣ, ମହିଳା ଓ ଶିଶୁ କଲ୍ୟାଣ, ଶିକ୍ଷା, ଜଳ ସେଚନ, ବିଦ୍ୟୁତ, ଶ୍ରମିକ କଲ୍ୟାଣ ଗ୍ରାମ୍ୟ ଜଳ ଯୋଗାଣ ଓ ଆବାସ ଯୋଜନା ସଂପର୍କରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ମମତା ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କ ନାମକୁ ଫେବୃୟାରୀ ମାସ ସୁଦ୍ଧା ନିଶ୍ଚିତ ରୂପେ ଆଧାର ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରଥମ ପୃଷ୍ଠାରୁ.....

'ସିଟି ଷ୍ଟାଇଲ' ମଲ ସମେତ ....

ବ୍ୟବସ୍ଥା ସଠିକ ଭାବେ ଗ୍ରହଣ କରାଯାଇନଥିବା ଜଣାପଡିଛି । ତେଣୁ ଘଟଣାର ତଦନ୍ତ ପାଇଁ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେଯ ଏକ ୩ଜଣିଆ ଟିମ ଗଠନ କରାଯାଇଛି । ସିଭିଲ ଡିଫେନ୍ସ ଡିଜି ବିକେ ଶର୍ମା ଏହି ସୂଚନା ଦେଇଛନ୍ତି ।

ପ୍ରକାଶ ଥାଉକି ଆଜି ପୂର୍ବାହ୍ନ ପ୍ରାୟ ୧୧.୩୦ମିନିଟ୍‌ରେ ସିଟି ଷ୍ଟାଇଲ ନାମକ ଏକ ତ୍ରିତଳ ବିଶିଷ୍ଟ ସପିଂ ମଲ ହଠାତ୍ ଧୂଆଁମୟ ହୋଇଉଠିଥିଲା । ଏହି ଧୂଆଁ ପରବର୍ତ୍ତୀ ଅବସ୍ଥାରେ ଭୀଷଣ ରୂପ ଧାରଣ କରିଥିବା ବେଳେ ନିଆଁ ହୁତୁହୁତୁ ହୋଇ ଜଳିଥିଲା । ନିଆଁ ବାହାରିବା କ୍ଷଣି ମଲରେ ଥିବା ଗ୍ରାହକ ଏବଂ କର୍ମଚାରୀମାନେ ଜୀବନ ବିକଳରେ ବାହାରକୁ ଦୌଡିଥିବା ଦେଖିବାକୁ ମିଳିଥିଲା । ପରେ ଦମକଳ ବାହିନୀକୁ ଖବର ଦିଆଯାଇଥିଲା । ଖବର ପାଇ ଘଟଣାସ୍ଥଳରେ ପ୍ରଥମେ ବକ୍ସିବଜାର ଦମ୍‌କଳ ବାହିନୀର ଦୁଇଟି ଗାଡି ପହଂଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏହି ଦୁଇଟି ଗାଡି ନିଆଁକୁ ଆୟତ୍ତ କରିପାରିନଥିଲେ । ପରେ ସହରରେ ଥିବା ଅନ୍ୟ ଫାୟାର ଷ୍ଟେସନ୍‌ରୁ ପୁଣି ୪ଟି ଗାଡି ମଗା ଯାଇଥିଲା । ତଥାପି ବି ନିଆଁ ଆୟତ୍ତ ହୋଇପାରିନଥିଲା । ଏହା ପରେ ଚୌଦ୍ୱାର, ନିଆଳି, ଭୁବନେଶ୍ୱର ଏବଂ ଆଠଗଡ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ଅଫିସରୁ ୨୧ଟି ଗାଡି ଏବଂ ୧୫୦ରୁ ଉର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଦୀର୍ଘ ଅଢ଼େଇଘଂଟା କାଳ ପାଣି ସିଂଚନ ସତ୍ତ୍ୱେ ନିଆଁ ଆୟତ୍ତ ନହେବାରୁ ଭୁବନେଶ୍ୱରରୁ ଅତ୍ୟାଧୁନିକ ନିଆଁ ଲିଭା ଗାଡି ଘଟଣାସ୍ଥଳରେ ପହଂଚିଥିଲା । ତେବେ ଏହା କାର୍ଯ୍ୟକ୍ଷମ ହୋଇନପାରିବାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଅତ୍ୟାଧୁନିକ ଗାଡିକୁ ଅଗ୍ନିଶମ ବିଭାଗ ପକ୍ଷରୁ ଫେରାଇ ନିଆଯାଇଥିଲା । ସପିଂ ମଲରୁ ନିଆଁ ପାଖରେ ଥିବା ଏକ ପୁସ୍ତକ ଦୋକାନ, ବୁକ୍ ବଜାର, ସ୍ପାର୍କ ଲାଇଟ୍, ନାରାୟଣୀ ହୋଟେଲ ପୋଡି ଯାଇଥିବାବେଳେ ନିକଟସ୍ଥ ଆଉ ଏକ ସପିଂ ମଲ୍ ଗୀତା ଫେସନରେ ଆଂଶିକ ନିଆଁ ଲାଗିଥିଲେ ବି ବିଶେଷ କ୍ଷୟକ୍ଷତି ହୋଇନାହିଁ ।

ଅଗ୍ନିକାଣ୍ଡର ସଂପର୍କରେ ଖବର ପାଇ ଘଟଣାସ୍ଥଳରେ କଟକର ଜିଲ୍ଲାପାଳ ସୁଶାନ୍ତ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରଘୁରାମ ଆର୍. ଆୟାର, କଟକ ସଦର ତହସିଲଦାର ସିବିତା ରାୟ ଡିସିପି ଅଖିଳେଶ୍ୱର ସିଂ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟକୁ ତଦାରଖ କରିଥିଲେ । ଅଗ୍ନିକାଣ୍ଡ ଯୋଗୁ ଲିଙ୍କରୋଡରୁ ବାଦାମବାଡି ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହୋଇଯାଇଥିଲା । ଆଜି ଦିନତମାମ ଲିଙ୍କରୋଡରୁ ବାଦାମବାଡିକୁ ମୁଖ୍ୟରାସ୍ତାର ବାମ ପଟେ ଚାରିଚକିଆ ଓ ଦୁଇଚକିଆ ଯାନ ଚଳାଚଳକୁ ବନ୍ଦ କରାଯାଇଛି । ବାଦାମବାଡି ବସଷ୍ଟାଣ୍ଡକୁ ବସ୍ କାଠଯୋଡି ରିଂ-ରୋଡ ଖାନନଗର ଦେଇ ବସ୍ ଚଳାଚଳ କରୁଛି ।

ସୂଚନାଯୋଗ୍ୟ, ଗତ ୨୦ରେ ଅଗ୍ନିଶମ ସେବା ବିଭାଗ ପକ୍ଷରୁ କଟକ ସହରରେ ଥିବା ୧୨ଟି ମଲ ଉପରେ ଚଢ଼ଉ କରାଯାଇ ସେଥିରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ରହିଛି କି ନାହିଁ ଯାଞ୍ଚ କରାଯାଇଥିଲା । ଏହି ଯାଂଚରେ ସଂପୃକ୍ତ ୧୨ଟି ମଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ୍ ନଥିଲା ବୋଲି ଏମାନଙ୍କୁ ବିଭାଗୀୟ ନୋଟିସ୍ ଜାରି କରାଯାଇଥିଲା । ତେବେ ଅଗ୍ନିକାଣ୍ଡ ଘଟିଥିବା ଏହି ସିଟି ଷ୍ଟାଇଲ ସପିଂ ମଲରେ ଅଗ୍ନିନିର୍ବାପକ ବ୍ୟବସ୍ଥା ଆଦୌ ନଥିଲା ବୋଲି ଅଗ୍ନିଶମ ଡିଜି ସୂଚନା ଦେଇଛନ୍ତି । ସପିଂ ମଲ ପାଇଁ ଅନୁମତି ଦେବା କ୍ଷେତ୍ରରେ ପ୍ରିୟାପ୍ରୀତି ହେତୁ ପ୍ରକୃତ ତଦାରଖ କରାନଯାଇ ଏଥିପାଇଁ ଥିବା ନିୟମଗୁଡିକ ପ୍ରତି ଆଖି ବୁଜି ଦିଆଯାଉଛି । ପ୍ରାୟ କୌଣସି ସପିଂ ମଲ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକର ପାର୍କିଂ ପ୍ଲେସ୍ ନଥିବା, କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଓ କୌଣସି ଅଘଟଣ ସମୟରେ ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ କୋଠା ବା ପ୍ରତିଷ୍ଠାନର ପ୍ରବେଶ ଓ ପ୍ରସ୍ଥାନ ପଥ ନଥିବା ସତ୍ତ୍ୱେ କିପରି ସେମାନଙ୍କୁ ଅନୁମତି ଦିଆଯାଇଛି ଏବଂ ଏଥିପାଇଁ କେଉଁ ଅଧିକାରୀ ଦାୟୀ ସେ ସବୁର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକତା ରହିଥିବା ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି । ଗଳିକନ୍ଦିରେ କିପରି ବଡ ବଡ ମଲ ଖୋଲୁଛି ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି ।

କୁନ୍ଦୁଲି ପୀଡିତାଙ୍କ ପ୍ରସଙ୍ଗରେ....

ସେତେବେଳ ସମ୍ବେଦନଶୀଳ ଓଡିଆ ସମାଜ ପୀଡିତା ସହିତ ଦୃଢତାର ସହିତ ଠିଆ ହୋଇ ଅହଂକାରଗ୍ରସ୍ତ ସରକାରୀ ବ୍ୟବସ୍ଥାକୁ ସିଧା ସିଧା ସାମନା କରିଥିଲା । ଆଜି ଓଡିଆ ସମାଜରେ ବର୍ତ୍ତମାନ ସରକାର ବିରୁଦ୍ଧରେ ସେହି ଭାବନା ତିଆରି ହେଲାଣି । ଏହା ଆଉ ଦଳୀୟ ପ୍ରତିବାଦରେ ସୀମିତ ହୋଇ ରହି ନାହିଁ ବରଂ ଏବେ ପୂରା ଓଡିଶା ବିରୋଧ କରିବାକୁ ଅଣ୍ଟା ଭିଡି ବାହାରିଲାଣି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ୪ଜଣ ଜବାନ ତା' ସହ ଦୁଷ୍କର୍ମ କରିଥିବା ଝିଅଟି ଅଭିଯୋଗ କରିଥିଲା । ଶାସକ ଦଳର ପ୍ରବକ୍ତା ମାନେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳ ଏହି କାଣ୍ଡ ଘଟାଇଥିବା କଥା ବାରମ୍ବାର ଉଠାଇ କେନ୍ଦ୍ର ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଜବାନ କେନ୍ଦ୍ରର ହେଉ କି ରାଜ୍ୟର, ଦଳିତ ଓଡିଆ ଝିଅର ମାନ ଇଜ୍ଜତଠୁ ବଡ କେହି ନୁହନ୍ତି । ଦୋଷୀ ଯିଏ ବି ହେଉ ରାଜ୍ୟ ସରକାର ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ । ତେଣୁ ରାଜ୍ୟ ସରକାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଘଟଣାର ସିବିଆଇ କିମ୍ବା ସୁପ୍ରିମକୋର୍ଟଙ୍କ ତତ୍ତ୍ୱବଧାନରେ ଏସଆଇଟି ତଦନ୍ତ ପାଇଁ ଅନୁରୋଧ କରନ୍ତୁ । ନଚେତ ଏହାର ଗମ୍ଭୀର ପରିଣାମ ହେବ । ପ୍ରତିବାଦ ଜନଆନ୍ଦୋଳନର ରୂପ ନେବ ବୋଲି ସେ ଚେତାଇ ଦେଇଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଶାସକ ଦଳର ପ୍ରବକ୍ତାମାନେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳକୁ ଦୋଷ ଦେଉଥିବା ବେଳେ କ୍ରାଇମ ବ୍ରାଞ୍ଚ ଡିଆଇଜି କେନ୍ଦ୍ର ମାନବ ଅଧିକାର କମିଶନଙ୍କୁ ଡିସେମ୍ବର ୧୪ତାରିଖର ଚିଠିରେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳ ଏହି ମାମଲାରେ ସମ୍ପୃକ୍ତ ନ ଥିବା ଲିଖିତ ଭାବେ କାହିଁକି ଜଣାଇଛନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ଏବଂ ବିଜେପି ରାଜ୍ୟ ସଂପାଦକ କାଳିନ୍ଦୀ ସାମଲ ଉପସ୍ଥିତ ଥିଲେ ।

କୁନ୍ଦୁଲି ପୀଡିତାଙ୍କ ପରିବାରର...

ପ୍ରଦାନ କରିବେ । ଏହି କେନ୍ଦ୍ରୀୟ ପ୍ରତିନିଧୀ ଦଳ ସହ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ବିଜେପି ସଂପାଦିକା ଡ.ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ବିଜେପୁର ଉପନିର୍ବାଚନ...

ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନଥିଲା । ଦଳ ଯାହାକୁ ଟିକେଟ୍ ଦେଇଛି ସମସ୍ତେ ତାଙ୍କୁ ସମର୍ଥନ କରିବା ଉଚିତ । ଏଆଇସିସି ପକ୍ଷରୁ ମୋ ପ୍ରାର୍ଥୀତ୍ୱ ନେଇ ଘୋଷଣା କରାଯାଇଛି । ବିଜେପୁର କଂଗ୍ରେସର ଗଡ଼ ଥିଲା ଓ ଏଠାରେ କଂଗ୍ରେସ ନିଶ୍ଚୟ ଜିତିବ ବୋଲି ସେ ଦୃଢ଼ ମତପୋଷଣ କରିବା ସହ କହିଛନ୍ତି ଯେ, ରିପୁନାଥ ସେଠଙ୍କ ସହ ତାଙ୍କର ଭଲ ସମ୍ପର୍କ ଅଛି । ଅପରପକ୍ଷରେ ରିପୁନାଥ ସେଠ କହିଛନ୍ତି ଯେ, ଦଳର ନିର୍ଦ୍ଦେଶ ଅନୁସାରେଯ ମୁଁ କାର୍ଯ୍ୟ କରିବି ।

ଜାଉଁଳିଆପଟି ହତ୍ୟାକାଣ୍ଡ ଅଭିଯୁକ୍ତ ଗିରଫ ; ବାଉଁଶ ଖଣ୍ଡ ଜବତ



ଅଭିଯୁକ୍ତ ବାବୁଆକୁ ଗିରଫ କରିବା

କଟକ ୪/୨ (ଶ୍ରୁମି)ଗତକାଲି ବିଳମ୍ବିତ ରାତି ରେ ସ୍ଥାନୀୟ ପୁରୀଘାଟ ଥାନା ଅନ୍ତର୍ଗତ ଜାଉଁଳିଆପଟି ରେ ଘଟିଥିବା ଏକ ହତ୍ୟାକାଣ୍ଡ ଘଟଣା ର ତଦନ୍ତ କରି ପୁରୀଘାଟ ଥାନା ପୋଲିସ ଅଭିଯୁକ୍ତ ବାବୁଆ ପ୍ରଧାନ(୩୮) କୁ ଗିରଫ କରିବା ସହ ସେହି ହତ୍ୟାକାଣ୍ଡ ରେ ବ୍ୟବହୃତ ବାଉଁଶ ଖଣ୍ଡ କୁ ଜବତ କରିଛି । ମିଳିଥିବା ଖବର ଅନୁସାରେ ଜାଉଁଳିଆପଟି ର ବିଜୟ ଅଗ୍ରୱାଲଙ୍କ ପତ୍ନୀ ଉର୍ମିଳା ଅଗ୍ରୱାଲ ଆଜି ସକାଳେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ ଯେ ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ବାଣପୁର ତଳସାହିନିବାସୀ ତାଙ୍କ ଭିଣୋଇ ପବନ ବାଥୁଆଲ(୫୬) ସ୍ଥାନୀୟ ଚୌଧୁରୀ ବଜାରସ୍ଥିତ ମାରୁତି ମଣ୍ଡପରେ ଶୋଇଥିବା ସମୟରେଙ୍କୁ କେହି ହତ୍ୟା କରିଛି । ପୋଲିସ ସେହି ଅଭିଯୋଗ ଆଧାରରେ ଆଇପିସିର ୩୦୨ ଦଫାରେ ୨୦/୨୦୧୮ ନମ୍ବର ମକଦ୍ଦମା ରୁଜୁ ପୂର୍ବକ ତଦନ୍ତ କରି ଅଭିଯୁକ୍ତ ବାବୁଆକୁ ଗିରଫ କରିବା ସହ ସେହି ହତ୍ୟାକାଣ୍ଡରେ ସେ ବ୍ୟବହାର କରିଥିବା ବାଉଛଶ ଖଣ୍ଡ କୁ ଜବତ କରିବାରେ ସଫଳ ହୋଇଛି । ତଦନ୍ତ ସମୟରେ ଗଂଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ଫସାଗୁଡା ନିବାସୀ ବାବୁଆ ପୂର୍ବଶତ୍ରୁତା କାରଣରୁ ସେ ପବନ କୁ ହତ୍ୟାକରିଥିବାର ସ୍ୱୀକାର କରିଛି ।

ରାତି ଅଧିଆ ଲାଠି ଚାର୍ଯ ବିରୁଦ୍ଧରେ ମାନବ ଅଧିକାର କମିଶନରଙ୍କ ଦ୍ୱାରସ୍ଥ ରାଜ୍ୟ ଗୃହରକ୍ଷୀ ମହାସଂଘ

ଭୁବନେଶ୍ୱର : ୦୪/୦୨(ଶ୍ରୁ.ମି.) : ରାଜ୍ୟ ଗୃହରକ୍ଷୀ ମହାସଂଘ ତରଫରୁ ଗତ ତା୧୫.୦୧.୨୦୧୮ରିଖରୁ ଏକ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ଡାକରା ଦେଇ ରାଜ୍ୟର ପ୍ରାୟ ୯ ହଜାର ଉର୍ଦ୍ଧ୍ୱ ଗୃହରକ୍ଷୀଙ୍କୁ ନେଇ ଧାରଣା ସ୍ଥଳରେ ୩ଦିନ ବସି ରହିବା ପରେ ସରକାରଙ୍କ ସହିତ ଆଲୋଚନ ବିଫଳ ହେବା ପରେ ଗତ ତା ୧୮.୦୧.୨୦୧୮ ରିଖ ରାତି ୪ଘଟିକା ସମୟରେ ପାଖାପାଖି ୧ହଜାରରୁ ଅଧିକ ଗୃହରକ୍ଷୀ ଧାରଣା ସ୍ଥଳରେ ଗଭୀର ନିଦରେ ଶୋଇଥିବା ଅବସ୍ଥାରେ ପୋଲିସ ଅଧିକାରୀମାନେ ରାଜରାସ୍ତାର ଆଲୋକ ବ୍ୟବସ୍ଥାକୁ ବନ୍ଦ କରିଦେଇ ଶୋଇଥିବା ଅବସ୍ଥାରେ ଅତର୍କିତ ଆକ୍ରମଣ କରି, ଲାଠି ଚାଳନା କରିବା ସହ ନିରିହ ନିର୍ଦ୍ଦୋଶ ୧୨ ଜଣ ଗୃହରକ୍ଷୀଙ୍କୁ ୨ଟି ମିଥ୍ୟା ମକଦ୍ଦମା ଦେଇ ଜେଲକୁ ପଠାଇ ଦେଇଥିଲେ । ଏହାର ପ୍ରତିବାଦରେ ମହାସଂଘ ତରଫରୁ ଗତ ୦୨.୦୨.୨୦୧୮ରିଖ ଦିନ ଓଡିଶା ମାନବ ଅଧିକାର କମିଶନ, ଭୁବନେଶ୍ୱରଙ୍କ ଦ୍ୱାରସ୍ତ ହୋଇଛନ୍ତି । ଏହି ଘଟଣାକୁ ମାନ୍ୟବର କମିଶନ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଏହାର ଜବାବ ଦେବା ସହିତ ସେହି ସମୟର ଧାରଣା ସ୍ଥଳର ସି.ସି.ଟି.ଭି. ଫୁଟେଜ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମକଦ୍ଦମା ଓ.ଏଚ୍.ଆର.ସି.ନଂ-୨୯୭/୨୦୧୮କୁ ସଂଘର ଆଇନ ପରାମର୍ଶଦାତା ତଥା ଆଇନ ଜୀବି ଜ୍ଞାନେନ୍ଦ୍ର କୁମାର ତ୍ରିପାଠି ପରିଚାଳନା କରିଥିଲେ ।

ନକଲି ସାମଗ୍ରୀ ପ୍ରସାରକୁ ରୋକିବା ପାଇଁ ଖାଉଟି ସୁରକ୍ଷା ଆଇନ୍‌ରେ କଠୋର ଦଣ୍ଡର ବ୍ୟବସ୍ଥା ଆବଶ୍ୟକ

ନୂଆସାହି ମହାବିଦ୍ୟାଳୟରେ ଖାଉଟି ସଚେତନତା କର୍ମଶାଳା

ଗୋପବନ୍ଧୁ ନଗର,୨୫/୧୨(ଶ୍ରୁ.ମି.) : ଆଜି ମୁକ୍ତ ବଜାର ବ୍ୟବସ୍ଥାରେ ବାଟ ବଣା ହୋଇ ଉଠିଛି ଦ୍ରବ୍ୟର କ୍ରୟ ବିକ୍ରୟ ବ୍ୟବସ୍ଥା । ନକଲି ସାମଗ୍ରୀର ବିସ୍ତାରରେ ଖାଉଟିମାନେ ସମସ୍ୟାରେ ସମ୍ମୁଖୀନ । ଅସାଧୁ ବ୍ୟବସାୟୀ ମାନଙ୍କୁ ଉପଯୁକ୍ତ ଶିକ୍ଷାଦେବା ପାଇଁ ଖାଉଟି ଅଦାଲତ ମାଧ୍ୟମରେ ଉପଯୁକ୍ତ ଦଣ୍ଡଦେବାକୁ ଆଗେଇ ଆସିବା ଉଚିତ୍ ବୋଲି କପ୍ତିପଦା ମହାବିଦ୍ୟାଳୟ ନୂଆସାହିଠାରେ ଖାଉଟି ସୁରକ୍ଷା ଦିବସ ପାଳନ ଅବସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୟୂରଭଞ୍ଜ ଜିଲ୍ଲା ଖାଉଟି ସୁରକ୍ଷା ପ୍ରତିକାର ମଞ୍ଚ ସଭାପତି ନରେନ୍ଦ୍ର କୁମାର ପ୍ରଧାନ. ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ମୟୂରଭଞ୍ଜର ଅତରିକ୍ତ ଜିଲ୍ଲାପାଳ ଗଙ୍ଗାଧର ନାୟକ ଯୋଗଦାନ କରି ଏହି କର୍ମଶାଳାକୁ ଉଦ୍‌ଘାଟନ କରି ୨୦୧୩ ମସିହାରୁ ଖାଉଟି ମାନଙ୍କ ପାଇଁ ଆମ ଦେଶରେ ଆଇନ୍ ପ୍ରଣୟନ ହୋଇଛି । ଏହି ଆଇନ୍‌ର ସଦୁପଯୋଗ ହୋଇପାରିଲେ ଉନ୍ନତମାନର ବ୍ୟବସାୟିକ ବାତାବରଣ ସୃଷ୍ଟି ହୋଇପାରିବ । ଏହି ଆଇନରେ ଖାଉଟିମାନେ ବିକ୍ରେତାଙ୍କ ଓଜନ ଯନ୍ତ୍ରକୁ ତନଖି ପାରିବେ । ସେମାନଙ୍କଠାରୁ ସଠିକ ରସିଦ୍ ମଧ୍ୟ ନେଇପାରିବେ । କୌଣସି ଦ୍ରବ୍ୟ ନକଲି ଜଣା ପଡ଼ିଲେ ଖାଉଟି ଆଇନ୍‌ର ଆଶ୍ରୟ ନେବାର ଉପଯୁକ୍ତ ବ୍ୟବସ୍ଥା ଏହି ଆଇନ୍‌ରେ ରହିଛି ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ରୂପେ ଜିଲ୍ଲା ସହକାରୀ ବୈଧମାପ ବିଜ୍ଞାନ ନିୟନ୍ତ୍ରକ ମାନସିଂ ମାଝୀ ଯୋଗଦାନ କରି ଦ୍ରବ୍ୟ କ୍ରୟ ସମୟରେ ସାମାଗ୍ରୀ ଗୁଡ଼ିକରେ ଗୁଣବତ୍ତା ପାଇଁ ନିର୍ଦ୍ଦିଷ୍ଟ ଥିବା ଆଇ. ଇ. ଏସ୍ ମାର୍କା ଥିବା ଦ୍ରବ୍ୟକୁ ଗୁରୁତ୍ୱ ଦେଇ କ୍ରୟ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ରୂପେ କପ୍ତିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶୀଳା ବାନାରା, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଲିପିକା ବେହେରା, ରାଜନୀତି ବିଜ୍ଞାନ ଅଧ୍ୟାପକ ଲମ୍ବୋଦର ବାରିକ୍ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ରଙ୍କ ପରିଚାଳାନରେ ଅନୁଷ୍ଠିତ ଏହି ବୈଠକରେ ଅଧ୍ୟାପକ ସଂଜୟ କୁମାର ସେନାପତି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବର ସଫଳ ରୂପାୟନରେ କର୍ମଚାରୀ ବୃନ୍ଦ ତଥା ସ୍ୱେଚ୍ଛାସେବୀ ବୃନ୍ଦ ସକ୍ରିୟ ସହଯୋଗ କରିଥିଲେ ।

ସିଆଇଏସଏଫ ପାସିଙ୍ଗ ଆଉଟ୍ ପ୍ୟାରେଡ୍‌ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସେନା ସୀମା ସୁରକ୍ଷା କଲାବେଳେ ସିଆଇଏସଏଫ ଶିଳ୍ପ ସୁରକ୍ଷା ସହ ଅର୍ଥନୀତି ସୁରକ୍ଷିତ କରିବ - ଧର୍ମେନ୍ଦ୍ର ପ୍ରଧାନ

ମୁଣ୍ଡୁଳି, ୪ ଫେବୃଆରୀ - ସେନା ସୀମା ସୁରକ୍ଷା କରୁ ଥିବା ବେଳେ ସିଆଇଏସଏଫ ଶିଳ୍ପ ସୁରକ୍ଷା ସହ ଅର୍ଥନୀତି ସୁରକ୍ଷିତ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେଂଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ (ସିଆଇଏସଏଫ)ର ମୁଣ୍ଡୁଳି ଠାରେ ଆୟୋଜିତ ୪୩ ତମ ପାସିଂ ଆଉଟ୍ ପ୍ୟାରେଡ୍ ରେ ଯୋଗ ଦେଇ ଶ୍ରୀ ଏହା ପ୍ରଧାନ କହିଛନ୍ତି । ସିଆଇଏସଏଫକୁ ଦେଶର ଆର୍ଥିକ ପ୍ରଗତିର ସୁରକ୍ଷା କବଚ ଭାବେ ବର୍ଣ୍ଣନା କରିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସିଏସଆଇଏଫକୁ ଅର୍ଦ୍ଧ ସୈନିକ ବଳ କୁହା ଯାଇ ପାରେ । ମାତ୍ର ଭାରତୀୟ ସେନା ଦେଶର ସୀମା ସୁରକ୍ଷା ଦେଉଥିବା ବେଳେ ସିଆଇଏସଏଫ ଦେଶର ଶିଳ୍ପକୁ ସୁରକ୍ଷା ଦେଇ ଅର୍ଥନୈତିକ ପ୍ରଗତି ସୁରକ୍ଷା ଦେଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦେଶର ସୀମା ଶତ୍ରୁ ପକ୍ଷର ନଜରରେ ଥିବା ବେଳେ ଦେଶର ଅର୍ଥନୀତିକୁ ବିଗାଡିବା ପାଇଁ ଶିଳ୍ପ ଓ ପାଇପଲାଇନକୁ ବିପଦ ତିଆରି କରିବା ପାଇଁ ଶତ୍ରୁପକ୍ଷ ଷଡଯନ୍ତ୍ର କରି ଅର୍ଥନୀତିକୁ ବିପଦ ଆଣିବାକୁ ଚେଷ୍ଟାରତ । ମାତ୍ର ସିଆଇଏସଏଫ ବିଶ୍ୱ ମାନର ସୁରକ୍ଷା ଦେବାର ଶୈଳୀ ଭାରତୀୟ ଶିଳ୍ପ ଓ ଆର୍ଥିକ ପ୍ରଗତିକୁ ସୁରକ୍ଷା ଦେବାକୁ ସକ୍ଷମ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସତ୍ୟଭାମାପୁରରେ ମଧୁବାବୁଙ୍କୁ ଶ୍ରଦ୍ଧା ସୁମନ ଦେଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୪/୨(ଶ୍ରୁ.ମି.) : ମଧୁବାବୁଙ୍କ ଜନ୍ମପୀଠ କଟକ ଜିଲ୍ଲାର ସତ୍ୟଭାମାପୁର ଠାରେ ତାଙ୍କର ୮୪ତମ ପୁଣ୍ୟ ତିଥିରେ ଶ୍ରଦ୍ଧା ସୁମନ ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମଧୁବାବୁଙ୍କ ଜୀବନ ଆଦର୍ଶ ନୂଆ ଓଡିଶା ଗଠନର ଭିତିଭୂମି ହେଉ ବୋଲି ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି । ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠନ କରିବାର ପ୍ରମୁଖ ସେନାନୀ ତଥା ଓଡିଶାର ଭାଷା, ସଂସ୍କୃତି, ସ୍ୱାଭିମାନ ଓ ପରମ୍ପରାକୁ ଦେଶରେ ସର୍ବୋଚ୍ଚ ସ୍ଥାନକୁ ନେଇଥିବା ମଧୁବାବୁଙ୍କ ଜନ୍ମ ସ୍ଥାନରେ ପହଞ୍ଚିଥିବା କାରଣରୁ ଓଡିଆ ଭାବେ ନିଜକୁ ଧନ୍ୟ ମନେ କରୁଥିବା ଶ୍ରୀ ପ୍ରଧାନ କହିଛନ୍ତି । ପାଖା ପାଖି ଦୁଇ ଶତାବ୍ଦୀ ପରେ ବି ମଧୁ ବାବୁଙ୍କ ପ୍ରେରଣା ଆଜିର ଯୁବ ପୀଢୀକୁ ସାମାଜିକ କାମରେ ଲାଗି ରହିବାକୁ ପ୍ରେରଣା ଦେଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ମଧୁବାବୁଙ୍କ ଉପଯୁକ୍ତ ସ୍ମୃତିରକ୍ଷା ହୋଇ ପାରି ନ ଥିବା ସାମ୍ବାଦିକଙ୍କ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ଏ ସମ୍ବନ୍ଧରେ ସେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସଂପୃକ୍ତ ବିଭାଗ ସହ ଆଲୋଚନା କରିବେ ଓ ମଧୁ ବାରିଷ୍ଟରଙ୍କ ସ୍ମୃତି ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେ । ୧୮ ବର୍ଷ ମୁଖ୍ୟମନ୍ତ୍ରୀତ୍ୱ ପରେ ବି ନବୀନ ପଟ୍ଟନାୟକ ମଧୁବାବୁଙ୍କ ଜନ୍ମ ମାଟିକୁ ଆସି ନ ଥିବା ସମ୍ପର୍କିତ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସେ ସମାଲୋଚନା କରିବାକୁ ନୁହେଁ , ମଧ୍ୟୁବାବୁଙ୍କ ବ୍ୟକ୍ତିତ୍ୱରୁ ପ୍ରେରଣା ନେବାକୁ ଏହି ପୁଣ୍ୟ ମାଟିକୁ ଆସିଛନ୍ତି ବୋଲି କହିଛନ୍ତି । ପୂର୍ବରୁ ରାଜଭବନ ସାମନାରେ ଶ୍ରୀ ପ୍ରଧାନ ମଧୁବାବୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି କୋର୍ଟରେ ମଧୁବାବୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଉପରେ ବ୍ରିଟିଶଙ୍କ କବ୍‌ଜାକୁ ବିରୋଧ କରି ଗଜପତି ମହାରାଜଙ୍କ ତରଫରୁ ମାମଲା ଲଢିଥିବା କହି ମଧୁବାବୁ ଓଡିଆ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ ।

ମଧୁବାବୁଙ୍କ ଜୀବନ ଆଦର୍ଶ ନୂଆ ଓଡିଶା ଗଠନର ଭିତିଭୂମି ହେଉ

୩୭ ଜଣ ଇନିସପେକ୍ଟରଙ୍କ ବଦଳି ; ଭିଜିଲାନସରୁ ଗଲେ ୨, ଆସିଲେ ୩

କଟକ ୪/୨ (ଶ୍ରୁମି) ରାଜ୍ୟ ପୋଲିସ ବିବାଗରେ କାର୍ଯ୍ୟରତ ୩୭ ଜଣ ଇନିସପେକ୍ଟର ଙ୍କୁ ବଦଳି କରାଯାଇଛି । ଭିଜିଲାନସ ରେ କାର୍ଯ୍ୟରତ ୨ ଜଣ ଇନିସପେକ୍ଟରଙ୍କୁ ବାହାରକୁ ବଦଳି କରାଯାଇଥିବା ବେଳେ ୩ ଜଣ ଇନିସପେକ୍ଟର ଙ୍କୁ ଭିଜିଲାନଓ ବିଭାଗକୁ ବଦଳି କରାଯାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବାମଦେବ ନନ୍ଦ ଙ୍କୁ ମାଲକାନଗିରି ରୁ ଯାଜପୁର କୁ, ଭବାନନ୍ଦ ପ୍ରଧାନ ଙ୍କୁ କନ୍ଧମାଳ ରୁ ବୌଦ, ବିମଳ କୁମାର ବାରିକ ଙ୍କୁ ବିଟିଆଇ,ବୁର୍ଲା ରୁ କଟକ, ବିଶ୍ୱଜିତ ରାଉତରାୟ ଙ୍କୁ ଅନୁଗୁଳ ରୁ ନୟାଗଡ, ଡି.ବାସୁଦେବ ରାଓ ଙ୍କୁ କୋରାପୁଟ ରୁ ଭିଜିଲାନସ, ଦାମୁ ପରଜା ଙ୍କୁ କେନ୍ଦ୍ରାପଡା ରୁ କଳାହାଣ୍ଡି, ଦୀପିକା ଦେବୀ ରାୟ ଙ୍କୁ ନବରଙ୍ଗପୁର ରୁ ଯାଜପୁର, ଧୀରଜ ଲେଙ୍କା ଙ୍କୁ ଢେଙ୍କାନାଳ ରୁ ପୁରୀ, ଦିଲୀପ କୁମାର ଜେନା ଙ୍କୁ ପିଟିଆଇ, ବୈରୀ ରୁ ପିଟିଏସ, ନୟାଗଡ, ଜ୍ଞାନରଂଜନ ସାମଲ ଙ୍କୁ ଢେଙ୍କାନାଳ ରୁ ପୁରୀ, ଇସମାଇଲ ଏକ୍କା ଙ୍କୁ ମୟୁରଭଂଜ ରୁ ରାଉରକେଲା, ଜୟଶ୍ରୀ ପ୍ରଧାନ ଙ୍କୁ ବ୍ରହ୍ମପୁର ରୁ ରାୟଗଡା, ଜ୍ଞାନେନ୍ଦ୍ର କୁମାର ସାହୁ ଙ୍କୁ ରାୟଗଡା ରୁ ରାଉରକେଲା ଜିଆରପି, କବିତା ସାହୁ ଙ୍କୁ ଭିଜିଲାନସ ରୁ ଗୁଇନ୍ଦା ବିଭାଗ, ଓ ସୌମ୍ୟଚିତ ମିଶ୍ରଙ୍କୁ ଭିଜିଲାନସ ରୁ ଯାଜପୁର, ଲୋକନାଥ ସାହୁ ଙ୍କୁ ରାଉରକେଲା ଜିଆରପି ରୁ ଗୁଇନ୍ଦା ବିଭାଗ, ମୋନାଲିସା କର ଙ୍କୁ ବ୍ରହ୍ମପୁର ରୁ ଭଦ୍ରକ, ପାରାଓ ଟୁଡୁ ଙ୍କୁ ବିଟିଆଇ, ବୁର୍ଲା ରୁ ଯାଜପୁର, ପ୍ରମୋଦ କୁମାର ଲେଙ୍କା ଙ୍କୁ କେନ୍ଦ୍ରାପଡା ରୁ ଢେଙ୍କାନାଳ, ପ୍ରେମାନନ୍ଦ ଲେଙ୍କା ଙ୍କୁ ଅନୁଗୁଳ ରୁ ଗୁଇନ୍ଦା ବିଭାଗ, ପୁଷ୍ପେନ୍ଦ୍ର ସାଗର ଙ୍କୁ ଗଂଜାମ ରୁ ନବରଙ୍ଗପୁର, ଆର.ବିଜୟ କୁମାର ଙ୍କୁ କୋରାପୁଟ ରୁ ଭିଜିଲାନସ, ରାମଚନ୍ଦ୍ର ସାହୁ ଙ୍କୁ ମୟୁରଭଂଜ ରୁ କଟକ, ରମାକାନ୍ତ ପାତ୍ର ଙ୍କୁ ପୁରୀ ରୁ କନ୍ଧମାଳ, ରମେଶ ଚନ୍ଦ୍ର ବିଶୋୟୀ ଙ୍କୁ କଳାହାଣ୍ଡି ରୁ ଅନୁଗୁଳ, ରମେଶ ଚନ୍ଦ୍ର ଦୋରା ଙ୍କୁ ରାଉରକେଲା ରୁ ସମ୍ବଲପୁର, ରୀନା ସେଠୀ ଙ୍କୁ ବ୍ରହ୍ମପୁର ଆଇଜି ଅଫିସ ରୁ ଭିଜିଲାନସ, ସବିତାରାଣୀ ଜେନା ଙ୍କୁ ପିଟିଏସ ଅନୁଗୁଳ ରୁ ପିଟିଆଇ ବୈରୀ, ସରୋଜ ପୁନମ କିସପୋଟ୍ଟାଙ୍କୁ ବିଟିଆଇ ବୁର୍ଲା ରୁ ଝାରସୁଗୁଡା, ସୌଭାଗ୍ୟ କୁମାର ସ୍ୱାଇଁ ଙ୍କୁ କଟକ ଜିଆରପି ରୁ ଅନୁଗୁଳ, ସୁରେନ୍ଦ୍ରନାଥ ଦାସଙ୍କୁ କମିଶନରେଟ ରୁ କଟକ ଜିଆରପି, ସୁରେଶ କୁମାର ତ୍ରିପାଠୀଙ୍କୁ ବ୍ରହ୍ମପୁର ରୁ ସମ୍ବଲପୁର, ଶୁଭେନ୍ଦୁ କୁମାର ସବରଙ୍କୁ ବଲାଙ୍ଗିରରୁ ରାଉରକେଲା ଜିଆରପି, ତ୍ରିଲୋଚନ ସେଠୀ ଙ୍କୁ ଭଦ୍ରକ ରୁ ଅର୍ଥନୈତିକ ଅପରାଧ ଶାଖା, ଏବଂ ତାପସ କୁମାର ପ୍ରଧାନ ଙ୍କୁ କମିଶନରେଟ ରୁ କ୍ରାଇମବ୍ରାଂଚକୁ ବଦଳି କରାଯାଇଥିବା ବେଳେ ବିଜୟିନୀ ମଲ୍ଲ ଏବଂ ସୁଦାମ ସାହୁ ଙ୍କର ପୂର୍ବ ବଦଳି ଅର୍ଡର କୁ ବାତିଲ କରାଯାଇ ସେଦୁହିଙ୍କୁ ଯଥାକ୍ରମେ କମିଶନରେଟ ଏବଂ ଏସସିଆରବିରେ କାମ କରିବାର ସୁଯୋଗ ଦିଆଯାଇଛି ।

ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ପାଳନରେ ଶ୍ରଦ୍ଧାଞ୍ଜଳି

'ମଧୁବାବୁ ପ୍ରତିଟି ମୁହୂର୍ତ୍ତରେ ତାଙ୍କ ଅନ୍ତରାତ୍ମାରୁ ଓଡ଼ିଆଙ୍କୁ ଭଲ ପାଉଥିଲେ' - ମନ୍ତ୍ରୀ ଶ୍ରୀ ସାମଲ

ଭୁବନେଶ୍ୱର, ୦୪ ଫେବୃଆରୀ - ଉତ୍କଳଗୌରବ ମଧୁସୂଦନ ଥିଲେ ଓଡ଼ିଆ ଜାତିର ଅସ୍ମିତା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିଦ୍ଧାଣୀ, ଓଡ଼ିଶାର ସାମାଜିକ, ଅର୍ଥନୈତିକ ବିକାଶର ସ୍ୱପ୍ନଦ୍ରଷ୍ଟା । ସେ ପ୍ରତିଟି ମୁହୂର୍ତ୍ତରେ ତାଙ୍କ ଅନ୍ତରାତ୍ମାରୁ ଓଡ଼ିଆଙ୍କୁ ଭଲ ପାଉଥିଲେ । ତାଙ୍କ ଚିନ୍ତା ଓ ଚେତନାରେ ଓଡ଼ିଆତ୍ୱ ହିଁ ଭରି ରହିଥିଲା । ତାଙ୍କ ସ୍ୱପ୍ନର ଓଡ଼ିଶାକୁ ବାସ୍ତବ ରୂପ ଦେବା ପାଇଁ ସଂକଳ୍ପ ନେବାକୁ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ସାମଲ ଓଡ଼ିଶାର ଯୁବପିଢ଼ିକୁ ଆହ୍ୱାନ ଜଣାଇଛନ୍ତି । ଆଜି ସନ୍ଧ୍ୟାରେ ସୂଚନା ଓ ଲୋକସଂପର୍କ ବିଭାଗ ତଥା ଉତ୍କଳ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ କୂଳବୃଦ୍ଧ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ କାଯର୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସାମଲ କହିଲେ ଯେ ମଧୁବାବୁଙ୍କ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ଜୀବନର ପ୍ରତିଟି ସୋପାନରେ ସେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ । ତାଙ୍କ ଭଳି ଜଣେ ସ୍ୱାଭିମାନୀ ସନ୍ତାନକୁ ଜନ୍ମଦେଇ ଉତ୍କଳମାତା ଧନ୍ୟ ହୋଇଛି । ମଧୁବାବୁଙ୍କ ଜୀବନକାହାଣୀ ବର୍ତ୍ତମାନ ପିଢ଼ିର ସମସ୍ତ ଯୁବକଯୁବତୀ ପଢ଼ିବା ପାଇଁ ମନ୍ତ୍ରୀ ଶ୍ରୀ ସାମଲ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଓ ଆଦର୍ଶ ସଂପର୍କରେ ଅବତାରଣା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କେବଳ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନୁହେଁ ବରଂ ଓଡ଼ିଶାର ନବନିର୍ମାଣ କ୍ଷେତ୍ରରେ ସେ ଯେଉଁ ଭିତ୍ତିଭୂମି ସ୍ଥାପନ କରିଯାଇଛନ୍ତି ଓ ଉଦାହରଣ ସୃଷ୍ଟି କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଧ୍ୟେୟ ହେବ ବୋଲି ଉଲ୍ଲେଖ କରିଥିଲେ । ସାମାଜିକ ଓ ଅର୍ଥନୈତିକ ବିକାଶ ସହ ସଂସ୍କୃତି, ଶିକ୍ଷା, ସାହିତ୍ୟ କ୍ଷେତ୍ରରେ ଜାଗରଣ ସୃଷ୍ଟି କରିବା ପାଇଁ ମଧ୍ୟ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ । ମଧୁବାବୁଙ୍କ ପିଲାଦିନର ସଂକଳ୍ପ ଓ ପ୍ରତିଜ୍ଞା ସଂପର୍କରେ ଆଲୋଚନା କରି ଛାତ୍ରଛାତ୍ରୀମାନେ ମଧୁବାବୁଙ୍କ ଭଳି ନିର୍ଭୀକ ଧୀସଂପନ୍ନ ଓ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ସେ ଉପଦେଶ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ଓ ମଧୁବାବୁଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପାର୍ଘ୍ୟ ପ୍ରଦାନ କରିବା ପରେ ଅର୍ପଣ ମ୍ୟୁଜିକାଲ ସର୍କଲର କଣ୍ଠଶିଳ୍ପୀମାନେ ଆବାହନ ସଂଗୀତ ପରିବେଷଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମୀଧର ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନପୂର୍ବକ ସ୍ୱାଗତ ଭାଷଣ ଦେଇ ତାଙ୍କର ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ସାମଲ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସୂଚନା ଅଧିକାରୀ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାଯର୍ୟକ୍ରମ ଶେଷରେ ବିଭାଗୀୟ ଯୁଗ୍ମ ସଚିବ ଶ୍ରୀ ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅର୍ପଣ ମ୍ୟୁଜିକାଲ ସର୍କଲ ଦ୍ୱାରା ନୃତ୍ୟ ଓ ସଙ୍ଗୀତଭରା ଦେଶାତ୍ମବୋଧକ ସାଂସ୍କୃତିକ କାଯର୍ୟକ୍ରମ 'ପ୍ରଣାମ ମଧୁବାବୁ' ପରିବେଷିତ ହୋଇଥିଲା । ଏହି ଅବସରରେ ସୂଚନା ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ବିବେକାନନ୍ଦ ବିଶ୍ୱାଳ, ଶ୍ରୀ ବିପିନ ବିହାରୀ ବାରିକୀ, ବହୁ ବରିଷ୍ଠ ଅଧିକାରୀ, ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଆଜି ସକାଳେ ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା ।

କାଇପଦର ହାଇସ୍କୁଲ ୧୯୯୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଖୋର୍ଦ୍ଧା, ୦୪/୦୨(ଶ୍ରୁ.ମି.) : କାଇପଦର ହାଇସ୍କୁଲ ୧୯୯୧ ବ୍ୟାଚ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ବରୁଣେଇ ପାହାଡ଼ର ପାଦଦେଶରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯମେଶ୍ୱର କହଲସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ୭୨ ଜଣ ପ୍ରାକ୍ତନ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହ ଏକାଠି ହେବାରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ପ୍ରଥମେ ବିଦ୍ୟାଳୟର ପରଲୋକଗତ ଶିକ୍ଷକ ନରେଶ ପଟ୍ଟନାୟକ ଓ ରଙ୍କନିଧି ପ୍ରତାପସିଂହଙ୍କ ଫଟୋଚିତ୍ରରେ ପୁଷ୍ପଚନ୍ଦନ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଦିବଂଗତ ୪ଜଣ ସହପାଠୀଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରାକ୍ତନ ଶିକ୍ଷକ ଭାଗିରଥି ସାହୁ, ଈଶ୍ୱର ଚନ୍ଦ୍ର ମହାପାତ୍ର, ବିଜୟ ଚନ୍ଦ୍ର ସାହୁ, ନାରାୟଣ ସାହୁ ଏବଂ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଅତିଥି ଭାବେ ଯୋଗ ଦେଇଥିଲେ । ଗୁରୁ ପ୍ରଣାମ କାର୍ଯ୍ୟକ୍ରମକୁ ବିଦ୍ୟାଧର ଶ୍ରୀଚନ୍ଦନ, ନିଶିକାନ୍ତ କହଲସିଂହ ଓ ନବକିଶୋର ଚମ୍ପତି ପରିଚାଳନା କରିଥିବା ବେଳେ ସର୍ବଶ୍ରୀ ଗୌତମ ମଙ୍ଗରାଜ, ମହାବଳ ହରିଚନ୍ଦନ, ଅବନୀ ପାଇକରାୟ, ଲତିଫୁର ମିଆଁ, ଗାୟତ୍ରୀ ମାର୍ଥା ଓ ବଲ୍ଲଭାନନ୍ଦ ପାଇକରାୟ ସହଯୋଗ କରିଥିଲେ । ଗୁରୁମାନଙ୍କୁ ପୁରାତନ ଛାତ୍ରଛାତ୍ରୀ ବନ୍ଦାପନ କରିବା ସହ ପ୍ରଣାମ ଜଣାଇ ଆଶୀର୍ବାଦ କାମନା କରିଥିଲେ ଓ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ପ୍ରତ୍ୟେକ ଦୂରଦୂରାନ୍ତରୁ ସସ୍ତ୍ରୀକ ଓ ସନ୍ତାନମାନଙ୍କୁ ନେଇ ଆସିଥିବାରୁ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଥିଲା । ଆସନ୍ତା ବର୍ଷ ଏକ ସ୍ମରଣିକା ପ୍ରକାଶ ପାଇବାକୁ ସ୍ଥିର କରାଯାଇଥିଲା ।

ଦେଉଳବେଡ଼ା କଲୋନୀ କ୍ୱାର୍ଟରରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିବାର ଅଭିଯୋଗ

ତାଳଚେର,୪/୨(ଶ୍ରୁ.ମି): ଏମ୍.ସି.ଏଲ.ର ତାଳଚେରସ୍ଥିତ ଦେଉଳବେଡ଼ା କଲୋନୀ କ୍ୱାର୍ଟରରେ ଯାବତୀୟ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଥିବାର ଓଡ଼ିଶା କୋଲଫିଲଡ଼ସ ୱ୍ୱାର୍କରସ ୟୁନିୟନ(ସିଟୁ) ର ସାଧାରଣ ସମ୍ପାଦକ ଆନନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଥାନାରେ ଅଭିଯୋଗ କରିଛନ୍ତି । ଶ୍ରୀ ଆଚାର୍ଯ୍ୟଙ୍କ କହିବାନୁଯାୟୀ ସେ ଦେଉଳବେଡ଼ା କଲୋନୀ ୱେଲଫେୟାର ବିଲଡିଂରେ ଦୀର୍ଘ ୧୪ବର୍ଷ ହେବ ରହି ଆସୁଛନ୍ତି । ତାଙ୍କ କ୍ୱାର୍ଟର ପାଖକୁ ଅନ୍ୟ ଏକ କ୍ୱାର୍ଟର ରହିଛି । ଯାହାକି ନନ୍ଦିରା କୋଲିୟରୀରେ କାର୍ଯ୍ୟରତ ହରମୋହନ ପ୍ରଧାନ ନାମକ କର୍ମଚାରୀଙ୍କ ନାମରେ ରହିଛି । ଶ୍ରୀ ପ୍ରଧାନଙ୍କ ନିଜ ଘର ନରହରିପୁରର ଡିମିରିଆ ଗ୍ରାମରେ ହୋଇଥିବା ବେଳେ ବିଗତ ୧୦ବର୍ଷ ହେଲା ସେ ଉକ୍ତ କ୍ୱାର୍ଟରରେ ନରହି ଭଡ଼ାସୂତ୍ରରେ ଦେଇଛନ୍ତି । ତେବେ ବର୍ତମାନ ଉକ୍ତ କ୍ୱାର୍ଟରରେ ବିଭିନ୍ନ ପ୍ରକାରର ଗଞ୍ଜେଇ,ଅଫିମ,ମଦ,ବେଶ୍ୟା ବୃତି ଆଦି କାରବାର ଚାଲୁଥିବାର ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସେ ଲିଙ୍ଗରାଜ କ୍ଷେତ୍ର ମହାପ୍ରବନ୍ଧକ ଆର,ବି,ରିଙ୍ଗେଙ୍କୁ ଶନିବାର ଦିନ ଜଣାଇଥିଲେ । ଶ୍ରୀ ରିଙ୍ଗେ କ୍ଷେତ୍ରର ଏପିଏମ୍ ଜି.ବି.ମହାପାତ୍ରଙ୍କୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ କହିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି । ଏହାର ଫାଇଦା ନେଇ ରବିବାର ଦ୍ୱିପହର ସମୟରେ ୧୦/୧୨ଜଣ ଯୁବକଙ୍କ ସହ ଏକ ଯୁବତୀ ଉକ୍ତ କ୍ୱାର୍ଟରକୁ ଯାଇଥିଲେ । ଶ୍ରୀ ଆଚାର୍ଯ୍ୟ ଏହାର ପ୍ରତିବାଦ କରିବାରୁ ସେମାନେ ଯୁକ୍ତିତର୍କ କରିଥିଲେ । ସେମାନଙ୍କ ସହ ଲାଗିଲେ ଜୀବନରୁ ମାରିବାକୁ ଧମକ ମଧ୍ୟ ଦେଇଥିଲେ । ଏ ସମ୍ପର୍କରେ ଶ୍ରୀ ଆଚାର୍ଯ୍ୟ ଏମ୍.ସି.,ଲ ଡି.ପି,ଲିଙ୍ଗରାଜ ଜି.ଏମ୍ ରିଙ୍ଗେ,ଜେ.ବି.ସି.ସି.ଆଇ ସଦସ୍ୟ ଡିଡି ରାମାନନ୍ଦନ,ଅନୁଗୋଳ ଜିଲ୍ଲାପାଳ,ଆରକ୍ଷୀ ଅଧିକ୍ଷକ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ତାଳଚେର ଏସ୍.ଡି.ପି.ଓ ପ୍ରମୁଖଙ୍କୁ ହ୍ୱାଟସ ଆପ ମାଧ୍ୟମରେ ଜଣାଇବା ପରେ ଅତିରିକ୍ତ ଏସପି ତାଙ୍କୁ କୋଲୀୟରୀ ଥାନାରେ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଏ ସମ୍ପର୍କରେ ଲିଙ୍ଗରାଜ ଜି.ଏମ୍ ରିଙ୍ଗେ ସିକ୍ୟୁରିଟି ଇନଚାର୍ଜ କୁମୁଦ ସାହୁଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ତାଙ୍କ ଜ୍ଞାତସାରରେ ଏହା ଚାଲିଥିବା ତଥା ତାଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଥିବାର ଶ୍ରୀ ଆଚାର୍ଯ୍ୟ କୋଲିୟରୀ ଥାନାରେ ଲିଖିତ ଅଭିଯୋଗ କରିଥିବାର ଜଣାଇଛନ୍ତି ।

ନୀତିଶ୍ଳୋକ

ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।
ଯଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି ॥

ଯେ ସମସ୍ତ କ୍ରିୟାକୁ ସର୍ବତୋଭାବେ ପ୍ରକୃତି ଦ୍ୱାରା କରାଯାଉଥିବାର ଦେଖେ ଏବଂ ନିଜକୁ ଅକର୍ତ୍ତା ଦେଖେ(ଅନୁଭବ କରେ), ସେ ଯଥାର୍ଥ ଦେଖେ ।

କେବେ ଚେତିବା

ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି । ଗତ କିଛି ମାସ ମଧ୍ୟରେ ଓଡିଶାରେ ଏକାଧିକ ସ୍ଥାନରେ ନିଆଁ ଲାଗି ବହୁ ଧନ ଜୀବନ ନଷ୍ଟ ହୋଇଛି । ବେଆଇନଭାବେ ଗଢି ଉଠିଥିବା ମଲ , ହସପିଟାଲ, ହୋଟେଲ ବା ରେସ୍ତୋରାଁ ଭଳି ସାର୍ବଜନୀନ ପ୍ରାସାଦ ଗୁଡିକରେ ଅଗ୍ନିକାଣ୍ଡ ଦିନକୁ ଦିନ ବଢିବଢି ଚାଲିଛି । ଅଗ୍ନିକାଣ୍ଡ ଘଟି ଧନଜୀବନ ହାନି ଘଟୁଥିବା ଅଧିକାଂଶ ହୋଟେଲ ଓ ରେସ୍ତୋରାଁରେ ଅଗ୍ନିନିର୍ବାପକ ସୁବିଧା ନାହିଁ । କୌଣସି ସ୍ଥାନରେ ଅଗ୍ନିକାଣ୍ଡ କିମ୍ବା ଅନ୍ୟ କୌଣସି ବିପର୍ଯ୍ୟୟ ଘଟିଲେ ସରକାର ନୂଆ ନିୟମ ପ୍ରଣୟନ କରି ମୁଣ୍ଡରୁ ଦାୟିତ୍ୱ ଖସାଇ ବସିପଡୁଛି ।
ନିୟମ କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶାସନ କି ଅନ୍ୟ ବିଭାଗ ଆନ୍ତରିକତା ପ୍ରକାଶ କରନ୍ତି ନାହିଁ । ସରକାରୀ ଅଧିକାରୀଙ୍କ ଉଦାସୀନତା ଓ ଆନ୍ତରିକତା ଅଭାବ ଯୋଗୁଁ ମଲ , ହସପିଟାଲ , ବିବାହ ମଣ୍ଡପ,ହୋଟେଲ ବା ରେସ୍ତୋରାଁ ଗୁଡିକ ପାଇଁ ପ୍ରଣୀତ ନିୟମ କେବଳ ନିର୍ଦ୍ଦେଶରେ ହିଁ ଅଟକି ରହୁଛି । ନିୟମ କଡାକଡିଭାବେ କାର୍ଯ୍ୟକାରୀ ହେଉନଥିବାରୁ ଏଭଳି ସଂସ୍ଥାଗୁଡିକ ସରକାରୀ ନିର୍ଦ୍ଦେଶ ପାଳିବାକୁ ତତ୍ପରତା ନ କରି ବେଆଇନଭାବେ କାମ କରୁଛନ୍ତି । ପ୍ରଚୁର ମୁନାଫା ପାଉଥିଲେ ମଧ୍ୟ ଲୋକଙ୍କ ସୁରକ୍ଷା ପ୍ରସଙ୍ଗକୁ ଆଖିଠାର କରିଚାଲିଛନ୍ତି । ଏହିସବୁଗୁଡିକର ପଞ୍ଜୀକରଣ ପାଇଁ ସବୁ ରାଜ୍ୟରେ ସ୍ୱତନ୍ତ୍ର ନିୟମ ରହିଛି । ଏହି ନିୟମ ଅନୁଯାୟୀ ଅଗ୍ନିଶମ ବିଭାଗରୁ ଅଗ୍ନିନିର୍ବାପକ ସଂକ୍ରାନ୍ତ ସାର୍ଟିଫିକେଟ ଦାଖଲ କରିବା ପରେ ସମ୍ପୃକ୍ତ ସଂସ୍ଥାର ପଞ୍ଜୀକରଣ ନବୀକରଣ କିମ୍ବା ନୂତନ ପଞ୍ଜୀକରଣ ସାର୍ଟିଫିକେଟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । କିନ୍ତୁ ମଲ, ହସପିଟାଲ, ହୋଟେଲ ବା ରେସ୍ତୋରାଁ କର୍ତ୍ତୃପକ୍ଷ ଅଗ୍ନିଶମ ବିଭାଗରୁ ଅଗ୍ନିନିର୍ବାପକ ସଂକ୍ରାନ୍ତ ସାର୍ଟିଫିକେଟ କୌଶଳ କ୍ରମେ ହାସଲ କରୁଥିଲେ ହେଁ ପ୍ରକୃତ ପକ୍ଷେ ସେମାନଙ୍କର ଆବଶ୍ୟକ ଭିତ୍ତିଭୂମି ନଥିବା ସମ୍ମୁଖକୁ ଆସୁଛି । ଏଗୁଡିକରେ ଆଇନକୁ ଉଲ୍ଲଂଘନ କରି ନିର୍ମାଣ କରାଯାଉଛି । ହେଲେ ଏଭଳି କ୍ଷେତ୍ରରେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ସ୍ଥଳ ବିଶେଷରେ ସ୍ଥାନୀୟ ପ୍ରଶାସନର ଅପାରଗପଣିଆର ସୁଯୋଗ ନେଇ କୌଣସି ହୋଟେଲ ଓ ରେସ୍ତୋରାଁ କର୍ତ୍ତୃପକ୍ଷ ଅଗ୍ନିଶମ ବିଭାଗରୁ ଏହି ସାର୍ଟିଫିକେଟ ସଂଗ୍ରହ କରିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରୁନାହିଁ । ଅଗ୍ନିଶମ ବିଭାଗର କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ନ ଥିବାରୁ ସେମାନେ ହାତବାନ୍ଧି ବସିରହୁଛନ୍ତି ।
ବଡ଼ବଡ଼ ମଲ, ହସପିଟାଲ, ବିବାହ ମଣ୍ଡପ,ହୋଟେଲ ବା ରେସ୍ତୋରାଁଗୁଡ଼ିକର ସୁପରିଚାଳନା ଏବଂ ସେବା ପ୍ରଦାନ ପାଇଁ ପେସାଦାରୀ ବ୍ୟବସ୍ଥାର ଉପଯୋଗ କେବେଠୁ ଅନୁଭୂତ ହେଲାଣି । ଏଥିପାଇଁ ଯେଉଁ ପୁରୁଣାକାଳିଆ ବିଧିବ୍ୟବସ୍ଥା ରହିଛି ତାହା ନୂଆ ଆହ୍ୱାନର ମୁକାବିଲା ପାଇଁ ସଫଳ ହେଉନି । ଅତଏବ ଏବେ ଆଧୁନିକ ଆବଶ୍ୟକତାକୁ ଦେଖି ସେବା, ଭିତ୍ତିଭୂମି ବିକାଶ ତଥା ବିପର୍ଯ୍ୟୟ ପରିଚାଳନା ଆଦି ପରିବର୍ତ୍ତିତ ପରିସ୍ଥିତିକୁ ଆଖି ଆଗରେ ରଖି କରାଯିବା ଆବଶ୍ୟକ । କିନ୍ତୁ ଭାରତରେ ବଡ ବଡ ସହରଗୁଡିକରେ ମଧ୍ୟ ତାହା ହୋଇପାରୁନାହିଁ । ଲୋକଙ୍କ ଆୟ ବୃଦ୍ଧି ସହ ସେମାନଙ୍କ ଜୀବନ ଶୈଳୀ ବଦଳୁଛି ତେଣୁ ମଲ, ପ୍ରେକ୍ଷାଳୟ , ବିବାହ ମଣ୍ଡପ, ହୋଟେଲ ବା ରେସ୍ତୋରାଁ ଗୁଡିକରେ ଲୋକଙ୍କ ଭିଡ଼ ବଢୁଛି । ଏହି ଭିଡ଼କୁ ନିୟନ୍ତ୍ରଣ କରିବାସହ ସମସ୍ତଙ୍କୁ ଉଚିତ ସେବା ଓ ସୁରକ୍ଷା ଯୋଗାଣ ବେଳେବେଳେ ସମ୍ଭବ ହେଉନାହିଁ । ନିକଟ ଅତୀତରେ, ମୁମ୍ବଇର କମଲା କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟି ୧୪ଜଣଙ୍କ ଜୀବନ ଯାଇଥିଲା । ଏହା ପରେ ଏବେ ବାଙ୍ଗାଲୋରର ଏକ ହୋଟେଲରେ ନିଆଁ ଲାଗି ଆଉ ୫ଜଣଙ୍କ ଜୀବନ ଯାଇଛି । ଭୁବନେଶ୍ୱରର ସମ୍ ହସ୍ପିଟାଲ ଓ କୋଲକାତାର ଆମ୍ରି ହସପିଟାଲ ଅଗ୍ନିକାଣ୍ଡ ଘଟଣା କେହି ଭୁଲି ନଥିବେ । କିଛି ମାସ ତଳେ ଭୁବନେଶ୍ୱରର ଜନପଥରେ ଥିବା ଜାଜ ମଲରେ ଅଗ୍ନିକାଣ୍ଡ ଘଟି ଲକ୍ଷ ଲକ୍ଷ ଟଙ୍କା ସମ୍ପତ୍ତି ଜଳିଯାଇଥିଲା । ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ମଲ, ହସପିଟାଲ, ହୋଟେଲ ବା ରେସ୍ତୋରାଁରେ ଅଗ୍ନିସମ ବିଭାଗ ପକ୍ଷରୁ ଅଗ୍ନିନିର୍ବାପକ ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ ସତର୍କ କରାଇ ଦିଆଯାଇଥିଲା । ଏବେ କଟକ ବାଦାମବାଡିରେ ଯେଉଁ ମଲ(ସିଟି ଷ୍ଟାଇଲ)ରେ ନିଆଁ ଲାଗିଛି ତାହାର ମଧ୍ୟ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ଏହି ମଲରେ ଅଗ୍ନିନିର୍ବାପକ ବ୍ୟବସ୍ଥା କରାଯାଇନଥିବା ଜଣାପଡିଥିଲା । ଏଥିଯୋଗୁଁ ପ୍ରାୟ ଦେଢ଼ମାସ ତଳେ ଉକ୍ତ ମଲକୁ ଅଗ୍ନିନିର୍ବାପକ ବ୍ୟବସ୍ଥା କରିବାକୁ ତାଗିଦ କରାଯାଇଥିଲା । କିନ୍ତୁ ମଲ କର୍ତ୍ତୃପକ୍ଷ ଏହାକୁ ବେଖାତିର କରି ଥିବା ସ୍ପଷ୍ଟ ବାରି ହେଉଛି । ତେଣୁ ମଲ କର୍ତ୍ତୃପକ୍ଷଙ୍କୁ ତାଗିଦ ସତ୍ତ୍ୱେ ସେ ଏଭଳି ବ୍ୟବସ୍ଥା କରିନଥିଲେ ହେଁ ଏହାକୁ ଚାଲିବାକୁ ଅନୁମତି ଦିଆଯାଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ଏଭଳି ମଲକୁ ତୁରନ୍ତ ବନ୍ଦ କାହିଁକି କରାଗଲା ନାହିଁ । ଏଥି ପୂର୍ବରୁ ଅନେକ ଥର ବିଭିନ୍ନ ହାଇକୋର୍ଟ ଓ ସ୍ଥାନୀୟ କୋର୍ଟଗୁଡିକ ଏଭଳି ଘଟଣାରେ ନିଜ ଆଡୁ ହସ୍ତକ୍ଷେପ କରି ବିଭିନ୍ନ ସଂସ୍ଥାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିବା ନଜିର ରହିଛି । ପ୍ରଶାସନ ଓ ସରକାର ଯେତେବେଳେ ନିଦାବିଷ୍ଟୁ ସାଜିବେ ଏବଂ ପରିଚାଳନା ଓ ଜନସୁରକ୍ଷାରେ ତ୍ରୁଟି ଘଟିବ ସେତେବେଳେ ଅଦାଲତ ତ ହସ୍ତକ୍ଷେପ କରିବାକୁ ବାଧ୍ୟ । ତେବେ ସେ ଯା'ହେଉ ଏବେ ବଡ଼ବଡ଼ ହୋଟେଲରେ ବିପର୍ଯ୍ୟୟ ପରିଚାଳନା ଯାଞ୍ଚ ପାଇଁ ସରକାରୀ ଭାବେ ଉଦ୍ୟମ ଆରମ୍ଭ ହୋଇଛି । ବିଭିନ୍ନ ହୋଟେଲରେ ଅଗ୍ନିସୁରକ୍ଷା ବ୍ୟବସ୍ଥାର ପରିକଳ୍ପନା କରାଯାଉଛି; ଯେଉଁଥିରେ ଦମକଳ କେନ୍ଦ୍ର ପ୍ରତିଷ୍ଠାସହିତ ସବୁ ବିଭାଗରେ ସ୍ୱୟଂକ୍ରିୟ ଅଗ୍ନି ସତର୍କତା ବ୍ୟବସ୍ଥା ଆଦି କରାଯିବାକୁ କୁହାଯାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇ ନଥାଏ । ଫଳସ୍ୱରୂପ ଅନେକ ଥର ଏଭଳି ଅଘଟଣ ଦେଖିବାକୁ ମିଳେ । ଏହାଛଡ଼ା ଦେଶର ଅନ୍ୟ ଛୋଟ ବଡ ସହରରେ ରେସ୍ତୋରାଁ ଓ ହୋଟେଲରେ ଅବସ୍ଥା ଅତି ସଙ୍ଗୀନ । ସେଠାରେ ଏକ ପୂର୍ଣ୍ଣାଙ୍ଗ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ ହେବା ତ ଦୂରର କଥା ବରଂ ଏଭଳି ବ୍ୟବସ୍ଥା ସମ୍ପର୍କରେ ଏଗୁଡିକର ନିର୍ମାଣ ସମୟରେ କେହି ଚିନ୍ତା ବି କରି ନଥାନ୍ତି । ଏ କ୍ଷେତ୍ରରେ ଅବଶ୍ୟ ଅନେକ ପ୍ରତିବନ୍ଧକ ରହିଛି । ଆମ ପ୍ରେକ୍ଷାଳୟ, ହସପିଟାଲ , ମଲ , ହୋଟେଲ ଓ ରେସ୍ତୋରାଁଗୁଡ଼ିକର ପୁରୁଣାକାଳିଆ ଭିତ୍ତିଭୂମି, ସଂକୀର୍ଣ୍ଣ ପରିସର ଏବଂ କମ ସ୍ଥାନରେ କିଛି ଅଧିକ କରି ପକାଇବାର ମୁନାଫା ଖୋର ମନୋବୃତ୍ତି ପ୍ରଥମ ପ୍ରତିବନ୍ଧକ । ପ୍ରାୟ ସବୁ ହୋଟେଲରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଭିନ୍ନ ଭିନ୍ନ ଦ୍ୱାର ନାହିଁ । ଉପଯୁକ୍ତ ନିର୍ଗମନ ବ୍ୟବସ୍ଥା ନାହିଁ । ସୁରକ୍ଷା ବ୍ୟବସ୍ଥା ମଧ୍ୟ ଦୁର୍ବଳ । ଅଗ୍ନିନିର୍ବାପକ ବ୍ୟବସ୍ଥା ନାମରେ କେବଳ କିଛି ଫଳକ ଓ ଫାୟାର ଏକଷ୍ଟିନଗ୍ୱିଶର ଟଙ୍ଗା ଯାଇଥିବାର ଦେଖିବାକୁ ମିଳେ । କେବଳ ଦିଲ୍ଲୀ ବମ୍ବେ ନୁହେଁ, ଅଧିକାଂଶ ସହରରେ ସମାନ ଅବସ୍ଥା । ୨୪ଘଣ୍ଟା ବିଜୁଳିପଙ୍ଖା ଓ ଏସି ଚାଲିବା ଫଳରେ ସେସବୁ ଅତ୍ୟଧିକ ଚାପଯୋଗୁଁ ସର୍ଟସର୍କିଟ ସୃଷ୍ଟି କରୁଛି । ସେଥିପାଇଁ ବିକଳ୍ପ ବ୍ୟବସ୍ଥା ଅପରିହାର୍ଯ୍ୟ । ଲିଫଟ୍ ଏବଂ ହୋଟେଲ ତଥା ରେସ୍ତୋରାଁରେ ପ୍ରବେଶ ତଥା ପ୍ରସ୍ଥାନ ବାଟ ମଧ୍ୟ ଜରୁରୀକାଳୀନ ଆବଶ୍ୟକତାକୁ ମେଣ୍ଟାଇବା ଅବସ୍ଥାରେ ନାହିଁ । ତେଣୁ ନୂଆ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାରେ ଏ ସମସ୍ତ ବିଷୟ ପ୍ରତି ଧ୍ୟାନ ଦେବାକୁ ହେବ ଏବଂସେଗୁଡିକୁ ସଂପ୍ରସାରିତ କରିବାକୁ ପଡ଼ିବ । ବିଭିନ୍ନ ହସପିଟାଲ, ମଲ, ବିବାହ ମଣ୍ଡପ, ପ୍ରେକ୍ଷାଳୟ, ହୋଟେଲ ଓ ରେସ୍ତୋରାଁକୁ ଆସୁଥିବା ଲୋକମାନେ ଅଗ୍ନିନିର୍ବାପକ ଯନ୍ତ୍ରପାତି ଓ ଉପକରଣର ସ୍ଥିତି ନିରୀକ୍ଷଣ, ବିଜୁଳି, ପାଣି, ପରିଷ୍କାର ପରିଚ୍ଛନ୍ନତାର ଭିତ୍ତିଭୂମି ସମ୍ପର୍କରେ ଯାଞ୍ଚ କରିବାକୁ ସୁଯୋଗ ପାଇ ନଥାନ୍ତି । କୌଣସି ଅଘଟଣ ଘଟିଲେ ଲୋକମାନେ ଏସମ୍ପର୍କରେ ଜାଣିବାକୁ ସୁଯୋଗ ପାଇଥାନ୍ତି । ବଡ କଥା ହେଉଛି ଗୁରୁତ୍ୱପୂର୍ଣ୍ଣ ସର୍ବଓାଧାରଣ ସ୍ଥାନଗୁଡିକରେ ଅଗ୍ନିନିର୍ବାପକ ବ୍ୟବସ୍ଥା ଯାଞ୍ଚ କରିବାର ଅତିରିକ୍ତ ବୋଝ ବୋହିବାକୁ ସାଧାରଣ ପ୍ରଶାସନ ନାରାଜ । କେବଳ କାଗଜ କଲମରେ ଦାୟିତ୍ୱ ସାରିବାକୁ ଉଦ୍ୟମ ହେଉଛି । ସୁରକ୍ଷିତ ଓ ଉତ୍ତମ ପରିବେଶରେ କିଭଳି ଲୋକଙ୍କୁ ସେବା ମିଳିପାରିବ ସେଥି ପାଇଁ ଯତ୍ନଶୀଳ ହେବା ଉଚିତ । ଯେଉଁ ହସପିଟାଲ , ବିବାହ ମଣ୍ଡପ , ମଲ , ପ୍ରେକ୍ଷାଳୟ , ହୋଟେଲ ଓ ରେସ୍ତୋରାଁରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନାହିଁ ସେଗୁଡିକୁ ସାମୟିକ ଭାବେ ବନ୍ଦ କରି ଅଗ୍ନିନିର୍ବାପକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ସୁଯୋଗ ଦିଆଯାଉ । ଆଉ ଯେଉଁ ସଂସ୍ଥାଗୁଡିକ ନୂଆ ଲାଇସେନ୍ସ ପାଇଁ ଆବେଦନ କରୁଛନ୍ତି ସେଗୁଡିକର ଅଗ୍ନିନିର୍ବାପକ ବ୍ୟବସ୍ଥା କଡାକଡି ଭାବେ ଯାଞ୍ଚ କରାଯାଉ । ଭବିଷ୍ୟତ ଓ ବର୍ତ୍ତମାନର ଆବଶ୍ୟକତାକୁ ଦେଖି କେତେ ଭିଡ ହେବ ତାହାର ଆକଳନ କରି ଠିକଣା ଅଗ୍ନିନିର୍ବାପକ ବ୍ୟବସ୍ଥା କରାଯାଇଛି କି ନାହିଁ ତାହା ଯାଞ୍ଚ ପରେ ସେମାନଙ୍କୁ କାର୍ଯ୍ୟକ୍ଷମ କରିବାକୁ ଅନୁମତି ମିଳୁ । କାରଣ ଏଥିସହିତ ଲୋକମାନଙ୍କ ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ଜଡିତ ରହିଛି । ମଲ, ହସପିଟାଲ, ବିବାହ ମଣ୍ଡପ, ହୋଟେଲ ବା ରେସ୍ତୋରାଁ କାର୍ଯ୍ୟକୁ ଅଧିକ ବିକେନ୍ଦ୍ରିତ ଓ ବିଭାଜିତ କରି ତାହାର ପରିଚାଳନା ପାଇଁ ସମ୍ପୃକ୍ତ ମାଲିକ ମାନେ ପେସାଦାର ଆଭିମୁଖ୍ୟ ଗ୍ରହଣ ପୂର୍ବକ ଅଧିକ ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ ।

ଫକୀରମୋହନଙ୍କ ମାନସନନ୍ଦିନୀ : ସାରିଆ-ରେବତୀ-ସୁଲୋଚନା

ଯୋଗଜନ୍ମା ଫକୀରମୋହନ, ୧୮୪୩ ମସିହା, ଜାନୁୟାରୀ ୧୩ ତାରିଖ। ପବିତ୍ର ମକର ସଂକ୍ରାନ୍ତି। ଏହି ଦିନ ଫକୀରମୋହନଙ୍କ ଆବିର୍ଭାବ। ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ଉତ୍ତରାୟଣ। ଅନୁରୂପ ଭାବେ ସାରସ୍ୱତ ଜଗତର ପ୍ରଚଣ୍ଡ ଦିବାକର ଫକୀର ମୋହନ, ଓଡ଼ିଆ ସାହିତ୍ୟରେ ଆଣିଲେ ଯୁଗାନ୍ତକାରୀ ପରିବର୍ତ୍ତନ। ଖଟିଖିଆ, ମଜୁରିଆ, ସାଧାରଣ ଗାଉଁଲି ମଣିଷ; ପୋଲିସଠାରୁ ଚପରାସି, ଜମିଦାର ମହାଜନ, ଗୁମାସ୍ତା, ଦୁଃଖିନୀ ଗୋବର ଗୋଟେଇ - ଏମାନେ ସାହିତ୍ୟ ଦରବାରରେ ପାଇଲେ ଯଥୋଚିତ ମର୍ଯ୍ୟାଦା। ଫକୀରମୋହନ ହିଁ ଏହି ନୂତନ ଗଦ୍ୟଧାରାର ପ୍ରବର୍ତ୍ତକ। ସମାଲୋଚକମାନେ ତାଙ୍କୁ ଇଂରାଜୀ ଔପନାସିକ ଥୋମାସ ହାର୍ଡ଼ି, ହିନ୍ଦୀ ସାହିତ୍ୟର କଥା ସମ୍ରାଟ ପ୍ରେମ୍‌ଚନ୍ଦ୍ରଙ୍କ ସହିତ ତୁଳନା କରିଛନ୍ତ; ମାତ୍ର ସେ ହିଁ ତାଙ୍କର ଉପଲକ୍ଷ୍ୟ।

ଓଡ଼ିଶା ସାହିତ୍ୟର ଅନନ୍ୟ ବିନ୍ଧାଣି ଫକୀର ମୋହନ। ପଦ୍ୟ, କାବ୍ୟ, କବିତା ଅନୁବାଦ, ଆତ୍ମଜୀବନୀ, କ୍ଷୁଦ୍ରଗଳ୍ପ ଆଦି ବିଭିନ୍ନ ବିଭାଗରେ ଲେଖନୀ ଚଳନା କରି ସେ ଯଶସ୍ୱୀ। ସ୍ରଷ୍ଟା ଲେଖିଲେ ଚରିଖଣ୍ଡ ଉପନ୍ୟାସ (ଛ' ମାଣ ଆଠଗୁଣ୍ଠ, ମାମୁ, ଲଛମା, ପ୍ରାୟଶ୍ଚିତ)। ସର୍ବଶ୍ରେଷ୍ଠ କୃତି ବା ମାଷ୍ଟରପିସ୍ "ଛ' ମାଣ ଆଠ ଗୁଣ୍ଠ" (୧୮୯୭)। ପଲ୍ଲୀ ଜୀବନର ହସ, କାନ୍ଦ, ସୁଖ, ଦୁଃଖ ଶୋଷକ ଶୋଷିତ; ଏମିତି ବହୁ କଥା ବ୍ୟବସ୍ଥାକୁ ନେଇ ଉପନ୍ୟାସଟି ଗତିଶୀଳ। ଉପନ୍ୟାସଟିର ବିଷୟବସ୍ତୁ ପ୍ରାକ୍ ସ୍ୱାଧୀନତା କାଳର। ସେବେକା ଜମିଦାର ସାହୁକାର ଅଖଣ୍ଡ କ୍ଷମତାଧାରୀ। ସେମିତି ଏକ ଜମିଦାର ରାମଚନ୍ଦ୍ର ମଙ୍ଗରାଜ। ତା'ର ଫତେପୁରସରଷଣ୍ଡ ଜମିଦାରୀ। ତଥାପି ତା'ର ଲୋଭ ମେଣ୍ଟିନି। ସେ ଗର୍ଭସ୍ଥ କଲା ନିରୀହ ସାରିଆ ଭଗିଆଙ୍କ ଛ' ମାଣ ଆଠଗୁଣ୍ଠ ଜମି। ତନ୍ତି ବାପୁଡ଼ା ପରିବାର ଉଚ୍ଛନ୍ନ ହେଲା। ଏଇଟି ଉପନ୍ୟାସର କରୁଣାର୍ଦ୍ର କଥାବସ୍ତୁ। ଫକୀରମୋହନ ମଧ୍ୟ ଓଡ଼ିଆ କ୍ଷୁଦ୍ରଗଳ୍ପର ଜନକ। ଲେଖିଛନ୍ତି ମୋଟ୍ ୨୦ଟି ଗପ। ଜୀବନର ଖଣ୍ଡିତାଂଶର ଚିତ୍ର ଏଥିରେ ସ୍ଥାନିତ। ମୁଗ୍ଧ ପାଠକଟିଏ ଏଥିରୁ ପାଏ ଊନବିଂଶ ଶତାବ୍ଦୀ ଜନଜୀବନର କଥାକାହାଣୀ। ସମାଜର ଉନ୍ନତି ପାଇଁ ନାରୀଶିକ୍ଷା ଏକାନ୍ତ ଲୋଡ଼ା। ଏକଥା ଲେଖକ ବୁଝିଥିଲେ। ନାରୀଶିକ୍ଷାର ପ୍ରୋତ୍ସାହନ ପାଇଁ ଲେଖନୀ ଚଳାଇଲେ। ଏଇଟି ଥିଲା ଯୁଗାନ୍ତକାରୀ ପଦକ୍ଷେପଟିଏ।

ଡକ୍ଟର ସର୍ବେଶ୍ୱର ସେଣ

ଫକୀର ମୋହନଙ୍କ ତିନୋଟି ମାନସ ନନ୍ଦିନୀ (୧) ସାରିଆ, (୨) ରେବତୀ, (୩) ସୁଲୋଚନା ଦେବୀ। ସାରିଆ ଛ' ମାଣ ଆଠଗୁଣ୍ଠ ଉପନ୍ୟାସର ନାରୀ ଚରିତ୍ର, ଅପାଠୋଇ। ସାଆନ୍ତେ ମଙ୍ଗରାଜ ତାଙ୍କୁ ନାନାଦି ଦୁଃଖ କଷ୍ଟ ଦେଲେ। ଏଥିରେ ଫକୀର ମୋହନଙ୍କ ଆଉ ଦିହ ସହିଲାନି। ଦ୍ୱିତୀୟ ଝିଅଟି ସାରିଆ ଠାରୁ ବରଷେ ସାନ, ରେବତୀ। ଲେଖିଲେ 'ରେବତୀ' ଗପ (୧୮୯୮)। ତାକୁ ପାଠ ପଢ଼ାଇବାକୁ ମନସ୍ଥ କଲେ। ରେବତୀ ଖଡ଼ି ଛୁଇଁଲା। ବାପେ ଶ୍ୟାମବନ୍ଧୁ ସଞ୍ଜବେଳେ ପିଣ୍ଡାରେ ବସି 'କୃପାସିନ୍ଧୁ ବଦନ' ଗାଏ, ଆଉ ଆଉ ଭଜନ ଗାଏ, କେବେ କେବେ କାଠ ଦୀପରୁଖାଟି ଉପରେ ବଇଠାଟିଏ ଥୋଇ ଭାଗବତ ପଢ଼େ। ରେବତୀ ପାଖରେ ବସି ଶୁଣୁଥାଏ। ସେ ମୁହେଁ ମୁହେଁ ଢେର ଭଜନ ଶିଖିଲାଣି, ତା' ପିଲା ମୁହଁକୁ ଭଜନଗୁଡ଼ିକ ଖୁବ୍ ମାନେ। ସଞ୍ଜବେଳେ ବାପା ପାଖରେ ବସି ଗାଇଲେ ଗାଁର କୌଣସି କୌଣସି ଲୋକ ଆସି ଶୁଣନ୍ତି।" ଏସବୁକୁ ଶୁଣି ଶୁଣି ରେବତୀ ଅଭ୍ୟାସ କରି ଦେଇଛି। ଏଣିକି ତାକୁ ପାଠ ପଢ଼େଇବେ 'ବାସୁ ମାଷ୍ଟ୍ରେ'। ଗାଁ ଅପର ପ୍ରାଇମେରୀରେ ଚାକିରି ପାଇଛନ୍ତି। ବାସୁ ଆସନ୍ତି ଶ୍ୟାମବନ୍ଧୁ ଘରକୁ। ଖଣ୍ଡେ ଦୂରରେ ରେବତୀ ଡାକେ, 'ବାସୁ ଭାଇ ଅଇଲେ, ବାସୁ ଭାଇ ଅଇଲେ।" ଏଣିକି ସେ ପାଠ ପଢ଼ିବ, ଢେର ପଢ଼ିବ, ବାସୁଭାଇ ସବୁ ପଢ଼ାଇ ଦେବେ ! ଫକୀରମୋହନଙ୍କ ତୃତୀୟ ଝିଅ ସୁଲୋଚନା ଦେବୀ। ତାକୁ ନେଇ ତାଙ୍କର ଗପ 'ପେଟେଣ୍ଟ ମେଡ଼ିସିନ୍'। ସୁଲୋଚନା ରେବତୀ ଠାରୁ ଅଧିକ ପଢ଼ିଲା। ସାହସୀ ହେଲା। ଶେଷରେ ନିଜ ମଦ୍ୟପ ସ୍ୱାମୀକୁ ବାଟକୁ ଆଣିଲା। ସେହି ପାଠୋଇ ଝିଅର ଢେର୍ କରାମତି। ପୁରୁଷ ସହ ସମକକ୍ଷା। ସେ ସହଧର୍ମିଣୀ, ସହକର୍ମିଣୀ, ସହମର୍ମିଣୀ ମଧ୍ୟ।

ଔପନାସିକଙ୍କ ଗେହ୍ଲା ଝିଅ ସାରିଆ। ମଙ୍ଗରାଜଙ୍କ ଗାଁ ଗୋବିନ୍ଦପୁରରେ ଛତିଶ ପାଟକ। ସେମାନଙ୍କ ମଧ୍ୟରୁ ଅନେକ ଦାରିଦ୍ର୍ୟର ସୀମାରେଖା ତଳେ। ସ୍ରଷ୍ଟା ବାଛିଥିଲେ ସାରିଆ-ଭଗିଆଙ୍କୁ। ସେବେକାର ତନ୍ତି କୁଳଙ୍କ ପ୍ରତି ଥିଲା ତାଙ୍କର ଯଥେଷ୍ଟ ସମ୍ମାନ। ଏକଦା ବାଲେଶ୍ୱର ତନ୍ତିମାନେ କାପାସ, ରେଶମୀ ଶାଢ଼ୀ ବୁଣିବାରେ କୁଶଳୀ ଥିଲେ। ଏଗୁଡ଼ିକ ପାଇଁ ବିଦେଶିନୀଙ୍କର ଢେର୍ ଆଦର। ଫଳରେ ବିଦେଶୀ ବଣିକମାନେ ବାଲେଶ୍ୱର ପ୍ରତି ଆକୃଷ୍ଟ ହେଲେ। ବୁଣାକାରମାନେ ବେଶ୍ ଦି' ପଇସା କମେଇଲେ। ସୁଖରେ ଦିନ କାଟିଲେ। ସେମାନଙ୍କର ସ୍ତ୍ରୀଙ୍କ ଦେହରେ ମୂଲ୍ୟବାନ ସୁନା, ରୂପା ଅଳଙ୍କାର। ଏଇଟି ତାଙ୍କ ଆର୍ଥନୀତିକ ସ୍ୱଚ୍ଛଳତାର ନିଦର୍ଶନ ଥିଲା। ଫକୀର ମୋହନ ଏସବୁକୁ ଖୁବ୍ ନିକଟରୁ ଦେଖିଥିଲେ। ତାଙ୍କ ଗାଁ ପାଖ ମାକଲପୁରରେ ଶହ ଶହ ତନ୍ତି ପରିବାର। ବାଲେଶ୍ୱର ଜାହାଜାତି କାରବାର ବନ୍ଦ ହେଲା। ସେମାନେ ହେଲେ ଦାଣ୍ଡର ଭିକାରୀ। ଫକୀରମୋହନ ଏମାନଙ୍କୁ ଭାରି ଭଲ ପାଉଥିଲେ। ତନ୍ତି ପରିବାରରୁ ସାଉଁଟି ଆଣିଲେ ସାରିଆ ଭଗିଆଙ୍କୁ। ତାଙ୍କ ଜୀବନର କରୁଣ କାହାଣୀକୁ ଲେଖିଲେ ଛ' ମାଣ ଆଠଗୁଣ୍ଠରେ।

ଫକୀରମୋହନ ବଡ଼ଝିଅ ସାରିଆ, ଅପୁତ୍ରକ। ତା' ସଂସାରକୁ ଆସିଛି ନେତ ଗାଈ। ନେତ; ସାରିଆର ପୁଅ, ଝିଅ, ଜୀବନ, ଆତ୍ମା ସବୁକିଛି। 'ନେତକୁ ସାରିଆ ଝିଅ ପରି ପୋଷିଥାଏ। ଝିଅପରି ଗେହ୍ଲା କରେ। ପଘାରୁ ଫିଟି ମଧ୍ୟ ନେତ କାହିଁ ଯାଏ ନାହିଁ, ସାରିଆ ପାଖେ ପାଖେ ଥାଏ। ଟିକିଏ ଦାଣ୍ଡକୁ ଚଳିଲେ ସାରିଆ ଡାକେ ନେତଲୋ ! ନେତ କହେ ହଁ... ମାଁ, ଧାଇଁ ଆସି ସାରିଆକୁ ଚଟେ, ସାରିଆ ତା' ଦିହରେ ହାତ ବୁଲାଇ ନେଇ ଢେର ଆଦର କରେ। ଢେର ସୁଖ ଦୁଃଖ କଥା କହେ।" ଅପତ୍ୟ ସ୍ନେହରେ ଭିଜିଯାଏ ସାରିଆ। ଏକଥା କିନ୍ତୁ ସାଆନ୍ତେ ମଙ୍ଗରାଜକୁ ସୁଖ ଦେଇନି। ମନ୍ତ୍ରଣାଦାତ୍ରୀ ଚମ୍ପାଠାରୁ ସେ ଶୁଣିଲେ ନେତ କଥା। ନେତ ଭାରି ଦୁଧିଆଳି। ସାଆନ୍ତେ କହିଲେ, "ତନ୍ତି ବାପୁଡ଼ାର ଏମନ୍ତ ଗାଈ ?" ଚମ୍ପା ଚକ୍ରାନ୍ତ ଚଳାଇଲା। ଛ' ମାଣ ଆଠଗୁଣ୍ଠ ସହିତ, ନେତ ଗାଈକୁ ମଙ୍ଗରାଜେ ନେଇଗଲେ। ଚମ୍ପାର ଖୁସି ଦେଖେ କିଏ ? ସେ ଛାତି ଫୁଲେଇ କହୁଥିଲା - "ଜମି ହେଉ, ଘର ହେଉ, ଯାହା ହେଉ ସେଇ ଗାଈଟି ଲାଗି ଏତେ କଥା କଲି, ଗାଈ ତ ନୁହେଁ, ଗୋଟେ ଗୁଣ୍ଡୁଣୀ ହାତୀ, ଆଜି କଚେରି ପିଣ୍ଡାରେ ବାନ୍ଧି ଆସିଛି, କାଲିଠାରୁ ଉଆସ ଭିତରେ ବାନ୍ଧିବି।" ଧନ ସମ୍ପତ୍ତି, ବିଲବାଡ଼ି ଗଲା, ନେତ ଗାଈ ବି। ଭଗିଆ ହେଲା ପାଗଳ, ସାରିଆ ବାୟାଣୀ ପାଲଟିଲା। ଯାହାକୁ ଦେଖିଲେ ଡକାପାରେ, ବାଉଳି ହୁଏ- "ମୋ ଛ' ମାଣ ଆଠଗୁଣ୍ଠ, ମୋ ନେତ, ମୋ ନେତ।" ତା'ର କାକୁତିମିନତି ନିଷ୍ଫଳ ହେଲା, ଉପାସ ଭୋକେ ସେ ବିଚାରୀ ବାଟକାଟିଲା। ଅପାଠୋଇଟା କିଛି ବୁଝି ନଥିଲା। ଚମ୍ପା ମଙ୍ଗରାଜେ ମିଶି ତାଙ୍କୁ ତଳିତଳାନ୍ତ କଲେ। କାନ୍ଦିକାନ୍ଦି ଚମ୍ପା ଜୀବନ ହାରିଲା। ଫକୀରମୋହନ ଭାଙ୍ଗିପଡ଼ିଲେ। ସାନଝିଅ ରେବତୀକୁ ପାଠ ଦି' ଅକ୍ଷର ପଢ଼ାଇବାକୁ ମନ ବଳାଇଲେ। ରେବତୀ ବି ପାଠ ପଢ଼ିଲା।

ରେବତୀ ଗପର କଥା। ଶ୍ରୀ ପଞ୍ଚମୀ, ରେବତୀ ସକାଳୁ ବୁଡ଼ ପାରିଲା। ଖଣ୍ଡେ ନୂଆ ଲୁଗା ପିନ୍ଧି ଚାହିଁଛି। ଆଜି ତା'ର ପାଠ ପଢ଼ା ଆରମ୍ଭ, ବୁଢ଼ୀଟା ଭୟରେ କିଛି ଆୟୋଜନ ନାହିଁ। ବେଳ ଛ' ଘଡ଼ି ହେବ, ବାସୁ ମାଷ୍ଟ୍ରେ ଆସି ପହଞ୍ଚିଲେ। ପଢ଼େଇ ଦେଲେଁ ସ୍ୱରେ-ଅ, ସ୍ୱରେ-ଆ, ହ୍ରସ୍ୱ-ଇ, ଦୀର୍ଘ-ଈ, ହ୍ରସ୍ୱ-ଉ, ଦୀର୍ଘ-ଊ; ଇତ୍ୟାଦି। ଏମିତି ପ୍ରତି ସଞ୍ଜବେଳେ ପଢ଼ାହୁଏ। ଦୁଇବର୍ଷ ହେଇଗଲାଣି। ରେବତୀ ଢେର ପଢ଼ିଲାଣି, ମଧୁରାଓଙ୍କ ଛାନ୍ଦମାଳା ପଢ଼ିବାରେ ତୁଣ୍ଡରେ ବାତୁଳି ବାଜୁନି। ଏୟା ପରେ 'ରେବତୀ' କ'ଣ ପଢ଼ିବ, ସେତକ ତା' ଧର୍ମ ପିତା ଫକୀରମୋହନ ଜାଣି ନଥିଲେ। ଗାଁ ମାନଙ୍କରେ ତ ଆଉ ଅଧିକ ପାଠ ପଢ଼ିବା ସୁଯୋଗ ନଥିଲା। ପାଠ ରଙ୍କୁଣୀର ପୋଥିରେ ଡୋର ବନ୍ଧା ହେଲା, ଏଣିକି ଫକୀର ମୋହନ ହେଇଗଲେ ନିଷ୍ଠୁର। ଝିଅଟାକୁ ନାନାଦି ବୋଲଣା ଶୁଣେଇଲେ, ଜେଜୀମାଟା ରାଗି ନିଆଁବାଣ। ରେବତୀ କି ଆଉ ସଂସାର କରିବାକୁ ରଖିଲେନି। ଏଇଟି ଥିଲା ନିଷ୍ଠୁର ସମାଜର ତାଡ଼ନା, ଫକୀରମୋହନ ବନ୍ଧା ପଡ଼ିଲେ ସମାଜ ନିକଟରେ, ଆଉ ମୁକୁଳି ପାରିଲେନି। ସେ ଜାଣିଥିଲେ, ଏ ଦିନ ରହିବନି। ଦିନ ଆସିବ, ତାଙ୍କ ରେବତୀମାନେ ଆଗକୁ ମାଇନର ପଢ଼ିବେ, ଉଚ୍ଚଶ୍ରେଣୀ, ଏମିତି ଢେର ଢେର ପାଠ ପଢ଼ିବେ। ଚାକିରୀ କରିବେ, ବାପା ଭାଇଙ୍କୁ ଟଙ୍କା ରୋଜଗାର କରିଦେବେ। ପୁରୁଷଙ୍କ ସହ ସମାନ ହେବେ। ନାଁ କରିବେ। ତାଙ୍କ କଥା ସତହେଲା। ଏବେ ଓଡ଼ିଆ ନାରୀ ବହୁ ଆଗରେ।

ସମାଜ ସଂସ୍କାରକ ଫକୀର ମୋହନ। ଲେଖିଲେ ପେଟେଣ୍ଟ ମେଡ଼ିସିନ୍ ଗପ। ନିଶାଳୀ ସ୍ୱାମୀ ଚନ୍ଦ୍ରମଣି ବାଟକୁ ଆସିଲେ। ପତ୍ନୀ ସୁଲୋଚନା ତାଙ୍କ ନିଶାରୋଗକୁ ଛଡ଼ାଇଲେ। ନିର୍ଘାତ ଛାଞ୍ଚୁଣୀରେ ପିଟିଲେ। ଚନ୍ଦ୍ରମଣି ବାବୁ ସବୁଦିନ ପାଇଁ ନିଶା ଛାଡ଼ିଲେ। ଏହାହିଁ ଗପଟିର ସାରକଥା।

ଜମିଦାର ଘର ବୋହୂ ସାଆନ୍ତାଣୀ ସୁଲୋଚନା। ବାବୁ ଚନ୍ଦ୍ରମଣିଙ୍କ ପତ୍ନୀ। ହିନ୍ଦୁନାରୀ, ପତି ତାଙ୍କର ଇହକାଳ, ପରକାଳର ଦେବତା। କିନ୍ତୁ ସ୍ୱାମୀ ପୂରା ନିଶାଳି। ବାବୁଙ୍କ ବାପେ ଜମିଦାର ଶ୍ୟାମବନ୍ଧୁ ପଟ୍ଟନାୟକେ। ତାଙ୍କର ଖୁବ୍ ଗୋଟିଏ ବଡ଼ ଇଲାକା। ଭୋଗକରିବାକୁ ଏକା ଚନ୍ଦ୍ରମଣି। ଶ୍ୟାମବନ୍ଧୁ ପୁଅକୁ ମାଷ୍ଟର ରଖି ପାଠ ପଢ଼ାଇଲେ, ସ୍କୁଲ୍‌ରେ ବି ପଢୁଥାନ୍ତି। ହେଲେ ପାଠର ମାନ ମହତ କିଛି ରଖିଲେନି। ବିଲାତି ପାଠ ସାଙ୍ଗକୁ ଇଂରାଜୀ ଢାଞ୍ଚା। ଚନ୍ଦ୍ରମଣି ବଦ୍‌ସଙ୍ଗରେ ପଡ଼ିଲା। ଦିନରାତି ବଦ୍‌ଖିଆଲି। ଚରିତ୍ର ଏକାବେଳେ ଗଲା। ରାତିଯାକ ମନ୍ଦ ଯାଗାରେ ବୁଲାବୁଲି। ଯେତେ ମତୁଆଲା ମନ୍ଦଲୋକ ସାଙ୍ଗ। ଘରୁ ମାଲମତା ନଗଦ ଚୋରି କରିନିଏ। ଦେଣା ପାଞ୍ଚଟଙ୍କା ନେଇ କୋଡ଼ିଏ ଟଙ୍କା ହେଣ୍ଡନୋଟ୍ ଲେଖିଦିଏ। ଗୋଟାପଣ ଅଯୋଗା। ଗାଁର ପାଞ୍ଚଜଣ ପରାମର୍ଶ ଦେଲେ। ଶ୍ୟାମବନ୍ଧୁ ବାବୁ ଚନ୍ଦ୍ରମଣିଙ୍କୁ ହାତକୁ ଦି ହାତ କରିଦେଲେ। ବୋହୂ ସୁଲୋଚନା, ପରମା ସୁନ୍ଦରୀ, ଖୁବ୍ ଗୁଣବତୀ। କିନ୍ତୁ ପୁଅର କିଛି ବି ପରିବର୍ତ୍ତନ ହେଲାନି। ଜଗତଯାକର ମନ୍ଦ ବୁଦ୍ଧି। ମନ ବାଇନାଚ, ମଦଖଟି, ବେଶ୍ୟାଳୟରେ। ନିତି ସ୍ୱାମୀ ସ୍ତ୍ରୀଙ୍କ ରଦ୍‌ଖଦ୍, କଳି ତକରାଳ। ସୁଲୋଚନା କେତେ ଦିଅଁ ପୂଜିଲେ, ମାନସିକ କଲେ, ଦେବତାଙ୍କୁ ପ୍ରାର୍ଥନା କଲେ, ସବୁ ନିଷ୍ଫଳ। ତଥାପି ଚେଷ୍ଟାରୁ ବିରତ ହେଲେନି। ନାରୀ ସର୍ବସହଣୀ, ମା' ଧରିତ୍ରୀ ତୁଲ୍ୟା। ନିର୍ଯ୍ୟାତନା ସୀମା ଟପିଲେ ସହିବାର ଧୈର୍ଯ୍ୟ ଭାଙ୍ଗେ। ଶେଷରେ ସେ ଉଗ୍ରରୂପିଣୀ, ସଂହାର ମୂର୍ତ୍ତି ଧାରଣୀ ପାଲଟେ। ଯେଉଁଠି ସ୍ନେହମମତା ମାତ୍ରାଧିକ୍ୟ, କ୍ରୋଧ ମଧ୍ୟ କମ୍ ନୁହେଁ। ଠିକ୍ ସେମିତି ସୁଲୋଚନା, ସୁଗୃହିଣୀ; କିନ୍ତୁ ଟିକେ ବଦ୍‌ରାଗୀ। ସେଦିନ ବାବୁ ନିଶାରେ ଚୁର୍। ବକି ଚାଲିଥାନ୍ତି - "ସୁଲୋଚନା ଏଇଟା କାଠ ମୂର୍ତ୍ତିଟାଏ ! ଆଜି ମାଲ ସଙ୍ଗେ ପେଟେ ଚାଟ୍ ପକେଇଛି। ତୋ ସାଆନ୍ତାଣୀ ବାପ ଶଳା ବି ସାତ ଜନ୍ମରେ ଦେଖି ନଥିବ।" ସୁଲୋଚନା ରାଗରେ ନିଆଁବାଣ - "କ'ଣ କହିଲୁ, କ'ଣ କହିଲୁ ମଦୁଆ, ଯୋଗିନିଖିଆ। ମୋ ବାପା ତୋ ଶଳା।" ସାଆନ୍ତାଣୀ ସାକ୍ଷାତ ରଣଚଣ୍ଡୀ। ହାତରେ ଝାଡୁ ପଡ଼ିଲା। ସେଇଟା ଧରି ପ୍ରହାର - ପ୍ରହାର - ମୁଣ୍ଡରେ, ପିଠିରେ, ହାତରେ ଯେଉଁଠି ବାଜୁ। ବାବୁ ଦୁଲକିନା ପଡ଼ିଗଲେ। ତା' ଉପରେ ବି ପାଣି ଅସରା ପରି ଛାଞ୍ଚୁଣୀ ପଡ଼ିଲା। ବାବୁଙ୍କ ନିଶା ଏକକାର ଗାଏବ। ସାଆନ୍ତାଣୀ ଢେର କାନ୍ଦିଲେ। ଯେତେ ଠାକୁର ଦେବତା ସମସ୍ତଙ୍କୁ ଡାକି କ୍ଷମା ମାଗିଲେ, "ହେ ଠାକୁର ଦେବତାମାନେ ! ମୋତେ କ୍ଷମାକର, ଆଉ ମୋ ସ୍ୱାମୀଙ୍କୁ ସୁବୁଦ୍ଧି ଦିଅ।" ଏତିକି ନୁହେଁ ଗରମ ମାଲପା ବାବୁଙ୍କ ଦରଜ ଜାଗାରେ, ଗୋଡ଼ ହାତରେ ଘଷି ଦେଲେ। ଚନ୍ଦ୍ରମଣି ହେଜିଲେ, ଉସମାନ ତାରା ନୁହେଁ ସୁଲୋଚନା, ତାଙ୍କ ବିବାହିତ ପତ୍ନୀ ହିଁ ସରଗ ହୀରା। ପ୍ରତିଜ୍ଞା କଲେ, "ଆଜିଠାରୁ ସବୁ ନିଶା ଗୋରକ୍ତ ବିଷ୍ଠା।"

ଭାରତ ଉଷ୍ଣମଣ୍ଡଳୀୟ ଜଳବାୟୁ ଅନ୍ତର୍ଭୁକ୍ତ। ଏଠି ଉଷ୍ମ ପ୍ରଦାୟୀ ପାନୀୟର ସ୍ଥାନ ବା କାହିଁ ? ବିଦେଶୀ ଚଳଣିର ଅନ୍ଧାନୁକରଣର ଏଇଟି ବିଷମୟ ଫଳ। ସ୍ୱାଧୀନତା ପୂର୍ବରୁ ନିଶାନିବାରଣ ପ୍ରୟାସ ଜାରି ରହିଛି। ଏଯାଏ ତାହା ସଫଳ ହୋଇନି। ଆଜିର ନାରୀ ଅଧିକ ସଚେତନ। ସମୂହ ଭାବେ ଅନେକତ୍ର ମଦଦୋକାନ ଭାଙ୍ଗୁଛନ୍ତି। ମଦୁଆଙ୍କୁ ଧରି ପିଟୁଛନ୍ତି। ବିଂଶ ଶତାବ୍ଦୀର ପ୍ରଥମ ପାଦ। ପାଠୋଇ ସୁଲୋଚନାବି ସେୟା କଲା। ସ୍ୱାମୀକୁ ବାଟକୁ ଆଣିଲା। କେଉଁ ଆଇନ୍ ବା ନିଶା ନିବାରଣ କରିବାରେ ସମ୍ପୂର୍ଣ୍ଣ ସହାୟକ ହୋଇଛି ? ଏଥିପାଇଁ ଲୋଡ଼ା ଜନସଚେତନତା ସହିତ ସୁସ୍ଥ ଚିନ୍ତନ। ଆଜି ଯୁଗ ତ ବହୁ ଆଗରେ। ନାରୀ ଶିକ୍ଷାଦୀକ୍ଷା ହାର ଅତି ଉଚ୍ଚରେ। ସେହି ପରିମାଣରେ ନିଶାପାନ ହାର କିଛି କମ୍ ନୁହେଁ। ଆଜିର ନାରୀ ସ୍ୱାବଲମ୍ବନଶୀଳା। ସାହସିନୀ ମଧ୍ୟ। ଶତଚେଷ୍ଟା ସତ୍ତ୍ୱେ ଯେଉଁ ନିଶାଳି ସ୍ୱାମୀମାନେ ବାଟକୁ ଆସୁନାହାନ୍ତି, ସେମାନଙ୍କ ପାଇଁ ଫକୀର ମୋହନଙ୍କର ପୁରଃସର ନିବେଦନ ମିଦଂ; ଏହି ପେଟେଣ୍ଟ ମେଡ଼ିସନ୍‌ଟା ଥରେ ଥରେ ପ୍ରୟୋଗ କରନ୍ତୁନା ! ସୁଫଳ ମିଳିବ ହିଁ ମିଳିବ। ଏବେ ନାରୀ ସଶକ୍ତୀକରଣ ବାର୍ତ୍ତା ଚାରିଆଡ଼େ। ଦୂରଦ୍ରଷ୍ଟା ଫକୀରମୋହନ ସେଦିନ ବି ଏକଥା ବୁଝିଥିଲେ। ତାଙ୍କ ସୁଲୋଚନାକୁ ପାଠୋଇ କଲେ। ସେ ହେଲେ ନିର୍ଭୀକା, ଆପଣାର ଘର ଆପେ ସଜାଡ଼ିଲା। କିନ୍ତୁ ପାରିନଥିଲେ ତା'ର ବଡ଼ ଦି' ଭଉଣୀ, ସାରିଆ ଅବା ରେବତୀ। ସେଇଥିପାଇଁ ଦୁଃଖ ଗଞ୍ଜଣା ସହିଲେ। ଫକୀରମୋହନ ଥିଲେ ନାଚାର। ତାଙ୍କ ପାଇଁ ଅଧିକ କିଛି କରିପାରିଲେନି।

ତାଙ୍କ ବଡ଼ଝିଅଟା ସାରିଆ, ଅଳି କରୁଥିବ, କହୁଥିବ ଫକୀରମୋହନଙ୍କୁ "ବାପା, ମତେ ଜନମ ଦେଲ, ଅପାଠୋଇ କଲ, ମୋ ସାନ ଭଉଣୀ ଦି'ଟା - ରେବତୀ, ସୁଲୋଚନା। ତାଙ୍କୁ ପାଠ ପଢ଼ାଇଲେ। ମୋ ଆଡ଼କୁ ଟିକେ ଚହିଁଥିଲେ ତମର ଏ ଦୁଃଖିନୀ ଝିଅକୁ କ'ଣ ମଙ୍ଗରାଜେ ଏତେ ସରି କରିଥାନ୍ତେ ?" ଏହାର ଜବାବ ବା ଫକୀର ମୋହନ କ'ଣ ଦେବେ ? ତାଙ୍କ ହାତରେ ସମୟର ବେଢ଼ି; ତାକୁ ବା କେମିତି ଛିଣ୍ଡେଇ ପାରିଥାନ୍ତେ ?

ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା, ମୋ: ୯୪୩୭୦୮୮୦୩୯

କାମନାର ଦାସ ହୁଅନାହିଁ

ଇଂ.ସଚ୍ଚିଦାନନ୍ଦ ନନ୍ଦ

ଯେତେ ଧନର ମାଲିକ ହେଲେ ମଧ୍ୟ ତୁମେ ସେ ଆନନ୍ଦ ପାଇ ପାରିବ ନାହିଁ। ମୋ ଠାରୁ ସେ ଆନନ୍ଦ ନିଅ। ଯେତେ ତୀର୍ଥ ଭ୍ରମଣ କଲେ ସୁଦ୍ଧା ସେ ଆନନ୍ଦ ଅନୁଭବ କରି ପାରିବ ନାହିଁ। ମୋ ଠାରୁ ସେ ଆନନ୍ଦ ନିଅ। ଯେତେ ବିଦ୍ୟାରେ ପାରଙ୍ଗମ ହେଲେ ମଧ୍ୟ ସେ ଆନନ୍ଦ ପାଇ ପାରିବ ନାହିଁ। ମୋ ଠାରୁ ତାହା ନିଅ। ସେଥିପାଇଁ ପଇସା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଶକ୍ତି ଅପଚୟ କରିବାକୁ ହେବନାହିଁ। କୌଣସି ସାଧନା ମଧ୍ୟ କରିବା ଦରକାର ନାହିଁ। ସାଇଙ୍କ ଠାରୁ ସେ ଆନନ୍ଦ ପାଇବାକୁ ହେଲେ, ତୁମର ହୃଦୟଟି କେବଳ ସାଇଙ୍କୁ ଦେବାକୁ ହେବ। ଜଣେ ସୁଜ୍ଞାନୀ ବା ଭଲଲୋକ ହେଉଛନ୍ତି ସିଏ, ଯେ, ନିଜର ଭୁଲ ଗୁଡ଼ିକ ଦେଖିବାକୁ ଚେଷ୍ଟା କରନ୍ତି। ଯେ ଅନ୍ୟମାନଙ୍କର ଭୁଲ ଖୋଜନ୍ତି ସେ ନିଜ ଭୁଲ ଦେଖିଲା ବେଳକୁ ଅନ୍ଧ ପାଲଟିଯାଆନ୍ତି। ଏଭଳି ଲୋକଙ୍କର ବଞ୍ଚିବା ବୃଥା। ତୁମେ, ପିଲାମାନେ, ଚିର ଆନନ୍ଦପୂର୍ଣ୍ଣ ରାଜ୍ୟର ଉତ୍ତରାଧିକାରୀ। ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ ବେଦରେ କୁହାଯାଉଛି ଯେ ତୁମ୍ଭେମାନେ ହିଁ ପରମାନନ୍ଦଙ୍କ ମୂର୍ତ୍ତିମନ୍ତ ଆକାର। ତୁମେ କେବଳ ରକ୍ତ ମାଂସର ମଣିଷ ବା ମାଟିର ଘଟ ନୁହେଁ, ତୁମେ ଦୈବତ୍ୱର ଅଂଶ ବିଶେଷ। ପ୍ରକୃତି ରାଣୀର ବିଭିନ୍ନ ଉପାଦାନ ଗୁଡ଼ିକ ତୁମର ଖେଳନା ଓ ଏ ବିଶ୍ୱ ତୁମର ଖେଳ ପଡ଼ିଆ ସଦୃଶ। ଏ ସଂସାରର କ୍ରୀତଦାସ ନ ହୋଇ ଏହାର ପ୍ରଭୁ ହେବାକୁ ତୁମେ ଚେଷ୍ଟା କରିବା ଦରକାର। କିନ୍ତୁ ଯେତେ ଦିନ ଯାଏଁ ତୁମେ ବସ୍ତୁଗତ ଆନନ୍ଦ ଓ ସାଂସାରିକ ସୁଖ ଚାହୁଁଥିବ, ଛୋଟ ଛୋଟ କ୍ଷଣସ୍ଥାୟୀ କାମନା ପୂରଣ କରିବାକୁ ମନ କରିଥିବ, ସେ ପର୍ଯ୍ୟନ୍ତ ସଂସାରର କ୍ରୀତଦାସ ହେବାକୁ ବାଧ୍ୟ। ଯିଏ କାମନାର ଦାସ ହୋଇପଡ଼େ, ସେ ସଂସାରର ଦାସ ହୁଏ। ରାବଣ ଜଣେ ବଡ଼ ଯୋଦ୍ଧା, ତପସ୍ୱୀ ଓ ପଣ୍ଡିତ ଥିଲା, କିନ୍ତୁ ସେ ସୀତାଙ୍କୁ ନିଜର ଅଧିନ କରିବାକୁ ଚେଷ୍ଟା କଲା ଯାହା ପାଇଁ ତାକୁ ନିଜର କରୁଣ ପରିଣାମ ଭୋଗିବାକୁ ପଡ଼ିଥିଲା। ସୀତା ଭୂ-ମାତାଙ୍କ କନ୍ୟା। ସେ ହେଉଛନ୍ତି ପ୍ରକୃତି ମାତା। ସେ କାହା ଦ୍ୱାରା ଅଧିକୃତ ହୋଇ ନପାରନ୍ତି। ଭଗବାନ କେବଳ ତାଙ୍କୁ ନିଜର କରିପାରନ୍ତି। ପ୍ରତ୍ୟେକେ, ଯଦି ନିଜ ନିଜର କର୍ତ୍ତବ୍ୟ ସଠିକ ଭାବେ ପାଳନ କରନ୍ତି ତେବେ ପ୍ରକୃତିରେ ବିକୃତି ଦେଖାଦେବ ନାହିଁ। ବରଂ ପ୍ରକୃତିରେ ସାମ୍ୟ ଓ ଶୃଙ୍ଖଳା ଦେଖାଦେବ। ରାବଣ ଧର୍ମ ଅଚାରଣର ନିୟମ ଲଙ୍ଘନ କରିବାରୁ ନିଜର ପତନକୁ ଡାକି ଆଣିଲା।

ପ୍ରକୃତି ଉପରେ ପ୍ରଭୁତ୍ୱ ହାସଲ କରିବାର ଏକ ମାତ୍ର ଉପାୟ ହେଉଛି ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ। ଆମେ ଯେଉଁ ଠାରୁ ଆସିଛୁ, ଆମର ସେଇ ପ୍ରକୃତ ଘରକୁ ଆମେ ଭୁଲି ଗଲୁଣି। ଗୋଟିଏ ଛୋଟ ଉଦାହରଣ ଦେଉଛି। ଜଣେ ରାଜା ଗୋଟିଏ ଶୁଆ ପୋଷିଥିଲେ। ସେ ତାକୁ ରସାଳ ଫଳ ମାନ ଖୁଆଉଥିଲେ, ସୁମିଷ୍ଟ ରସ ପିଆଉଥିଲେ ଏବଂ ଗୋଟିଏ ସୁନ୍ଦର ସୁନା ପଞ୍ଜୁରୀରେ ରଖିଥିଲେ। କିନ୍ତୁ ସେ ଶୁଆଟି ଟିକେ ହେଲେ ସୁଖ ପାଉନଥିଲା। କାହିଁକି ? ସେ ଚାହୁଁଥିଲା ପୁଣି ତାର ସେଇ ଗଛ ଡାଳରେ ଥିବା ବସାକୁ ଉଡି ଯାନ୍ତା, ବିଭିନ୍ନ ଗଛର ତଟକା ଫଳ ଖାଇ ସ୍ୱାଧୀନ ଭାବରେ ରହନ୍ତା। ଆଜି କାଲିର ମଣିଷ ସେ ଶୁଆ ଠାରୁ ମଧ୍ୟ ବୁଦ୍ଧିଆ ନୁହେଁ। ସେ ନିଜ ଘରକୁ ଫେରି ଯିବାକୁ ମୋଟେ ଆଗ୍ରହ ପ୍ରକାଶ କରୁନାହିଁ। ଜଣେ ଖୁବ୍ ବଡ଼ ପଣ୍ଡିତ ହୋଇ ପାରନ୍ତି, ମହାନ ହୋଇପାରନ୍ତି, କିନ୍ତୁ ଜାଣିରଖ ନିଜ ଘରଠାରୁ ବଡ଼ ଆଉ କିଛି ହୋଇନପାରେ। ନିଜ ଘରେ ଏକ ସରଳ ଜୀବନ ଯାପନ କରିବା ଅପେକ୍ଷା, ବିଦେଶର ବିଳାସୀ ଜୀବନ ମଧ୍ୟ ନିକୃଷ୍ଟତର। ଆମର ପ୍ରକୃତ ସ୍ୱଭାବ ହେଉଛି ଦିବ୍ୟ ଆନନ୍ଦ ତାହା କେବଳ ମୋକ୍ଷରେ, ଆତ୍ମାର ମୁକ୍ତିରେ ହିଁ ମିଳିବ। ପିଲାମାନେ, ତୁମ୍ଭେମାନେ ଦୈବସ୍ୱରୂପ। ଆମ ଦେଶର ସଂସ୍କୃତିର ଉତ୍ତରାଧିକାରୀ ପିଲାମାନଙ୍କୁ ଦିଆଯାଉଥିବା ଶିକ୍ଷା ଉପରେ ଗୋଟିଏ ଦେଶର ମହତ୍ୱ ନିର୍ଭର କରେ। ତେଣୁ, ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେଉଛି, ଶିଶୁମାନଙ୍କର ସ୍ୱାସ୍ଥ୍ୟ ତଥା ସର୍ବ ବିଧ ବିକାଶ ପାଇଁ ଯଥାସାଧ୍ୟ ଚେଷ୍ଟା କରିବା। ସେମାନଙ୍କର ଶିକ୍ଷା ଏଭଳି ହେବା ଦରକାର ଯେ, ସେମାନେ ଯେମିତି ଅନ୍ୟାୟ, ହିଂସା ଓ ଧର୍ମାନ୍ଧତା ରୂପକ ଅଗ୍ନି ଶିଖାକୁ ଦମନ କରି ପାରିବେ। କିନ୍ତୁ କୌଣସି ଏକ ପ୍ରଚେଷ୍ଟାରେ ସଫଳ ହେବାକୁ ହେଲେ ମଣିଷର ଉଦ୍‌ଯୋଗ ସହିତ ଭଗବତ୍ କୃପା ଦରକାର। ଭଗବତ୍ କୃପା ସଦା ସର୍ବଦା ତୁମ ପାଖରେ ଓ ତୁମ ଭିତରେ ଅଛି। ନିଜ ଘରେ ଦିବ୍ୟ ଆଲୋକ ଜଳୁଥିବା ବେଳେ ପଡ଼ୋଶୀ ଘରୁ ଦୀପ କାହିଁକି ମାଗୁଛ ? ତୁମେ ଦିବ୍ୟତ୍ୱର ସାକାର ପ୍ରତିମା, ସେହି ଦୈବତ୍ୱର ବିକାଶ ଲାଗି ତୁମକୁ ସାଧନା କରିବାକୁ ହେବ। ପ୍ରଥମେ କେତେ ଗୁଡ଼ିଏ ସଦ୍‌ଗୁଣ ଅଭ୍ୟାସ କରିବାକୁ ହେବ ଓ ବଦଭ୍ୟାସମାନ ଛାଡ଼ିବାକୁ ପଡ଼ିବ। ସତ୍ୟ, ଶାନ୍ତି ଓ ଧୈର୍ଯ୍ୟ ରକ୍ଷା କରି, ଈର୍ଷା, ଅହଂକାର ଇତ୍ୟାଦି ତ୍ୟାଗ କରିବାକୁ ହେବ। ପ୍ରେମ ତ ତୁମ ଭିତରେ, ତାକୁ କେବଳ ବହି ଯିବାକୁ ଦିଅ।

ଅଲିଶା ବଜାର, କଟକ

ସୁନ୍ଦରଗଡ ଜିଲ୍ଲା ସମାଚାର

ମର୍ମନ୍ତୁକ ସଡ଼କ ଦୁର୍ଘଟଣାରେ ୧ ମୃତ ୨ ଆହତ

ରାଉରକେଲା, ୪।୨ () : ରାଉରକେଲା ଜିଲ୍ଲା ପୋଲିସ ଅଧୀନରେ ସେକ୍ଟର-୧୯ ଥାନା ଅଞ୍ଚଳର ଜି ବ୍ଲକ୍ ଠାରେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ନମ୍ବର ଓଆର-୧୪ ଭି. ୩୨୦୫ର ଚାଳକ ନିୟନ୍ତ୍ରଣ ହରାଇବାରୁ ଗାଡିଟି ଗୋଟିଏ ଗଛରେ ପିଟି ହୋଇ ରାସ୍ତା କଡ଼ରେ ଓଲଟି ପଡିଥିଲା । ଦୁର୍ଘଟଣା ଏତେ ଜୋର ହୋଇଥିଲା କି ଗାଡିରେ ବସିଥିବା ସେକ୍ଟର -୧୬ ଘର ନମ୍ବର ଡି-୭୧ରେ ଘରେ ରହୁଥିବା ବାବୁରାମ ଓଝା ନାମକ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଅଜୟ କୁମାର ପଟ୍ଟନାୟକ ଏବଂ ସିକନ୍ଦର ଗୋଚ୍ଛାୟତ ନାମକ ଦୁଇଜଣ ଯୁବକ ଗୁରୁତର ଭାବେ ଆହତ ହୋଇଥିଲେ । ଏ ସମ୍ବନ୍ଧରେ ଖବର ପାଇଁ ସେକ୍ଟର -୧୯ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ମୃତ ବାବୁରାମ ଓଝାଙ୍କ ଶବକୁ ଜବତ କରି ଆଇଜିଏଚର ସଭାଗୃହରେ ରଖିଛନ୍ତି ।

ପ୍ରଦ୍ୟୁଷଣ ବିଭାଗ ଦ୍ୱାରା ଏମସିଏଲକୁ ୫ ଲକ୍ଷ ଟଙ୍କା ଜୋରିମାନା

ସୁନ୍ଦରଗଡ, ୪।୨ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଞ୍ଚଳରେ ହେମଗିର ଛକଠାରେ ଥିବା ବସୁନ୍ଧରା ଅଞ୍ଚଳର ଏମସିଏଲ କୋଇଲା ଖଣିରୁ ଉତ୍ପନ୍ନ କୋଇଲାକୁ ଟ୍ରେନ ଯୋଗେ ପରିବହନ କରିବା ପାଇଁ ବସୁନ୍ଧରା ଅଞ୍ଚଳରେ ଏକ ରେଲୱେ ସାଇଡିଂ ନିର୍ମାଣ କରିଥିଲେ । ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଏହି ସାଇଡିଂ ପାଇଁ ନିୟମାନୁସାରେ ପ୍ରଥମରୁ ପ୍ରଦ୍ୟୁଷଣ ବିଭାଗକୁ ଅନୁମତି ନେବା କଥା ଏବଂ ଏଥପାଇଁ ଏମସିଏଲ ପ୍ରଦ୍ୟୁଷଣ ବୋର୍ଡକୁ ୧ ଲକ୍ଷ ଟଙ୍କା ଦେବା କଥା । ତେବେ ଏମସିଏଲ୍ ଏହି ଆଇନର ଖିଲାପ କରିବାରୁ ବର୍ତ୍ତମାନ ପ୍ରଦ୍ୟୁଷଣ ବୋର୍ଡ ୫ ଗୁଣ ଟଙ୍କା ଅର୍ଥାତ ୫ ଲକ୍ଷ ଟଙ୍କା ଜୋରିମାନା ବାବଦରେ ଦେବା ପାଇଁ ଏମସିଏଲକୁ ନୋଟିସ ଜାରି କରିଥିବା ଜଣାପଡିଛି ।

ସଡ଼କ ଦୁର୍ଘଟଣାରେ ୩ ଆହତ

ଲହୁଣୀପଡା, ୪।୨ (ଶ୍ରୁ.ମି) : ଲହୁଣୀପଡା ଥାନା ଅଧୀନରେ ଥିବା ଜୁନିଆଣି ଦେଇଯାଇଥିବା ଜାତୀୟ ରାଜପଥ ନମ୍ବର ୧୪୩ ଠାରେ ଅନ୍ନପୂର୍ଣ୍ଣା ନାମକ ଏକ ଯାତ୍ରୀବାହୀ ବସ ସହିତ ଏକ ଟ୍ରକ୍ର ଧକ୍କା ହେବା ଫଳରେ ବସରେ ଥିବା ୩ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ଲହୁଣୀପଡା ଦେ..ଆସୁଥିବା ଅନ୍ୟ ଏକ ଡ୍ରମ୍ପର ଚାଳକ ଭାରସାମ୍ୟ ହରାଇବାରୁ ଗାଡିଟି ରାସ୍ତାକଡରେ ଥିବା ଏକ ଘରକୁ ଭାଙ୍ଗି ପଶି ଯାଇଥିଲା । ଯଦିଓ ଏଥିରେ କେହି ଆହତ ହୋଇନାହାନ୍ତି, ତେବେ ଘରଟି ସଂପୂର୍ଣ୍ଣ ରୂପେ ଭାଙ୍ଗିଯାଇଥିବା ଜଣାପଡିଛି ।

ଓସିଏଲ୍ରେ ଶ୍ରମିକ ସଂଘର ନିର୍ବାଚନ
ସିମୁ ଦ୍ୱାରା ବିଜୟ ଉତ୍ସବ ପାଳନ

ରାଜଗାଙ୍ଗପୁର, ୪।୨ (ଶ୍ରୁ.ମି) : ଓସିଏଲ ଇଣ୍ଡିଆରେ ଥିବା ରିଫ୍ରାକ୍ଟିରେ ସଦ୍ୟ ସମାପ୍ତ ହୋଇ ଶ୍ରମିକ ସଂଘର ସ୍ୱୀକୃତି ନିର୍ବାଚନରେ ସିଆଇଟିୟୁ ସମର୍ଥିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ (ସିମୁ) ବିପୁଳ ଭୋଟରେ ବିଜୟୀ ହୋଇଥିଲେ । ସିମୁ ସାଧାରଣ ସଂପାଦକ ଜାହାଙ୍ଗିର ଅଲ୍ଲୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଲିପକୋଇଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ମାର୍ଗ ପରିକ୍ରମା ପରେ ଓସିଏଲ ଗେଟ ନିକଟରେ ପହଞ୍ଚିଥିଲେ । ଏହି କ୍ରମରେ ଆୟୋଜିତ ଏକ ସାଧାରଣ ସଭାରେ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ଯୋଗ ଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋକପାତ କରି ଆସନ୍ତା ଦିନରେ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା କରି ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ । ଏହି ସଭାରେ ସିଆଇଟିୟୁ ନେତା ଜନାର୍ଦ୍ଦନ ପତି, ବିମାନ ମାଇତି, ଶ୍ରୀମନ୍ତ ବେହେରା ସମେତ ବହୁ ନେତା ଓ କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ମାଲଗୋଦାମରେ ଶିଶୁକୁ ହତ୍ୟା ମାମଲା
ଅଭିଯୁକ୍ତ ମହିଳାକୁ ଆଜୀବନ କାରାଦାଣ୍ଡ

ରାଉରକେଲା, ୪।୨ (ଶ୍ରୁ.ମି) : ଉଦିତନଗର ଥାନା ଅଞ୍ଚଳରେ ଥିବା ମାଲଗୋଦାମ ଅଞ୍ଚଳର କୃଷ୍ଣପଡାରେ ରହୁଥିବା କଲୁ ସିଂଙ୍କ ପୁଅ ବଜରଙ୍ଗୀ (ଅଢେଇ ବର୍ଷ) ଏବଂ ପଡୋଶୀ ଘରେ ରହୁଥିବା ଜ୍ୟୋତି ନାଗଙ୍କ ପୁଅ ମଧ୍ୟରେ ହୋଇଥିବା ମାଡପିଟକୁ ନେଇ ରାଗିଯାଇ ଗତ ୧୯।୬।୨୦୧୬ ରେ ଜ୍ୟୋତି ଅଢେଇ ବର୍ଷର ବଜରଙ୍ଗୀକୁ ତଳେ ଛେଚି ଦେଇ ହତ୍ୟା କରିବା ପରେ ଶବକୁ ଏକ କପଡାରେ ଗୁଡାଇ ନିକଟରେ ଥିବା ପୋଖରୀରେ ପକାଇ ଦେଇଥିଲେ ।ଅପରପକ୍ଷେ ଏସମ୍ବନ୍ଧରେ ଜଣାପଡିବା ପରେ ମୃତ ବଜରଙ୍ଗୀର ବାବା ଥାନାରେ ଏତଲା ଦାଏର କରିଥିଲେ । ପୋଲିସ ଏନେଇ ଏକ କେସ ରୁଜୁ କରି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଜ୍ୟୋତି ଏବଂ ତାଙ୍କ ସ୍ୱାମୀକୁ ଥାନାକୁ ନେଇ ପଚରା ଉଚରା ବେଳେ ଜ୍ୟୋତି ହତ୍ୟା କରିଥିବା ମାନିଯାଇଥିଲେ । ନ୍ୟାୟାଳୟରେ ଦୀର୍ଘ ୨ ବର୍ଷ ଧରି ବିଚାର ପରେ ମାନ୍ୟବର ଅଦାଲତ ପୋଲିସ ଦ୍ୱାର କେସ କରାଯାଇଥିବା ୧୦ ଜଣ ସାକ୍ଷୀଙ୍କ ବୟାନ, ୧୫ଟି ଦସ୍ତାବିଜ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ପ୍ରମାଣକୁ ଭିତ୍ତି କରି ଜ୍ୟୋତିକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜୋରିମାନା ଦେବା ଜେରିମାନ ଅନାଦେୟ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବା ପାଇଁ ଆଦେଶ ଦେଇଥିବା ଜଣାପଡିଛି ।

ଦର୍ଜିଙ୍ଗ ପଞ୍ଚାୟତରେ ହାତୀପଲଙ୍କ ଉପଦ୍ରବ

ଲହୁଣୀପଡା, ୪।୨ (ଶ୍ରୁ.ମି) : ବଣେଇଗଡ ଉପଖଣ୍ଡ ଅଞ୍ଚଳରେ ଥିବା ଲହୁଣୀପଡା ବ୍ଲକର ଦର୍ଜିଙ୍ଗ୍ ଗ୍ରାମ ପଞ୍ଚାର ବିରଡେଲା ଗ୍ରାମକୁ ଗତ ରାତିରେ ନିକଟ ଜଙ୍ଗଲୁ କେତୋଟି ହାତୀ ପଶି ଆସି ଗ୍ରାମରେ ଥିବା ସ୍କୁଲର ରୋଷେଇ ଘର ଏବଂ ଅଙ୍ଗନବାଡି କେନ୍ଦ୍ରକୁ ଲାଗି ରଖାଯାଇଥିବା ଚାଉଳ ସମେତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ଖାଇଦେଇଥିଲେ । ହାତୀମାନଙ୍କର ଉପଦ୍ରବକୁ ଦେଖି ଗ୍ରାମବାସୀମାନେ ଏକାଠି ହୋଇ ହାତୀମାନଙ୍କୁ ଘଉଡାଇଥିଲେ ।

ନାବାଳିକାର ମୃତ୍ୟୁକୁ ନେଇ ଉତ୍ତେଜନା

ସୁନ୍ଦରଗଡ, ୪।୨ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀରେ ଥିବା ଟାଉନଥାନା ଅଞ୍ଚଳ ବୀରେନ ସୁନାମିଙ୍କ ଝିଅ ରଶ୍ମି ସୁନାମି (୧୫) ବିଦ୍ୟାଳୟରେ ହେଉଥିବା ବାର୍ଷିକ କ୍ରୀଡା ବେଳେ ଚେତାଶୂନ୍ୟ ହୋଇଯାଇଥିଲେ । ସ୍କୁଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ରଶ୍ମିକୁ ସୁନ୍ଦରଗଡ ସଦର ଡାକ୍ତରଖାନାକୁ ନେଇଥିଲେ । ତେବେ କିଛି ସମୟ ପରେ ନାବାଳିକାର ମୃତ୍ୟୁ ହୋଇଯାଇଥିଲା । ରଶ୍ମିତ ମୃତ୍ୟୁ ଡାକ୍ତରଖାନାରେ ଉପଯୁକ୍ତ ସମୟରେ ଆବଶ୍ୟକ ଚିକିତ୍ସା ଦିଆଯାଇନଥିବାରୁ ହୋଇଥିବା ଅଭିଯୋଗ କରି ପରିବାର ଲୋକେ ଡାକ୍ତରଖାନାରେ ପାଟିତୁଣ୍ଡ କରିଥିଲେ । ଫଳରେ ଡାକ୍ତରଖାନାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏସମ୍ବନ୍ଧରେ ଖବର ପାଇ ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ଯାଇ ପରିସ୍ଥିତି ଶାନ୍ତ ପଡିଥିଲା । ମୃତ ନାବାଳିକାର ଶବକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି ।

ପଦ୍ୟୁଷଣ ବିରୁଦ୍ଧରେ ଗ୍ରାମବାସୀଙ୍କ ବିକ୍ଷୋଭ

ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଣାଇ

ବଣେଇଗଡ, ୪।୨ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧୀନରେ ଥିବା ବଣେଇଗଡ ଉପଖଣ୍ଡ ଅଞ୍ଚଳର ଲହୁଣୀପଡା ଏବଂ ବଣେଇଗଡ ଅଞ୍ଚଳରେ ଥିବା ଏକାଧିକ ଛୋଟ ବଡ କାରଖାନାମାନେ ପ୍ରଦ୍ୟୁଷଣ ନିୟମକୁ ଉଲ୍ଲଘଂନ କରି ଅଞ୍ଚଳରେ ବାୟୁ ପ୍ରଦ୍ୟୁଷଣ କରି ଚାଲିଥିବା ନେଇ ଲହୁଣୀପଡାରେ କେନ୍ଦ୍ରୀକଳା ଗ୍ରାମବାସୀମାନେ ଗତ ଜାନୁୟାରୁ ମାସରେ ବଣେଇଗଡ ଉପଜିଲ୍ଲାପାଳ ସ୍ୱାଧୀଦେବ ସିଂଙ୍କୁ ଆଣି ଅଞ୍ଚଳ ପରିଦର୍ଶନ କରାଇଥିଲେ । ପରିଦର୍ଶନ ପରେ ଗ୍ରାମବାସୀଙ୍କ ଅଭିଯୋଗ ସତ୍ୟ ପ୍ରମାଣିତ ହେବା ପରେ ପ୍ରଥମ୍ ପର୍ଯ୍ୟାୟରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉପଜିଲ୍ଲାପାଳ ନିକଟରେ ଥିବା ଭାସ୍କର ସ୍ପଞ୍ଜ କାରଖାନାକୁ ବନ୍ଦ କରିବା ପାଇଁ ନୋଟିସ ଜାରି କରିଥିଲେ । ତୁରନ୍ତ କାରଖାନା କର୍ତ୍ତୃପକ୍ଷ ଉପଜିଲ୍ଲାପାଳଙ୍କ ଏହି ଆଦେଶ ବିରୁଦ୍ଧରେ ଜିଲ୍ଲା ଜର୍ଜଙ୍କ କୋର୍ଟରେ ଆବେଦନ କରିବାରୁ ମାନ୍ୟବର କୋର୍ଟ ଉପଜିଲ୍ଲାପାଳଙ୍କ ଆଦେଶ ଉପରେ ରହିତା ଦେଶ ଦେଇଥିଲେ । ଫଳରେ ପ୍ରଶାସନ ଅନ୍ୟ କାରଖାନାମାନଙ୍କ ଉପରେ ଏସମ୍ବନ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହିଁ । ଅପରପକ୍ଷେ ବଢି ଚାଲିଥିବା ପ୍ରଦ୍ୟୁଷଣକୁ ରୋକିବା ଦାବିରେ କେନ୍ଦ୍ରୀକଳାର ଶତାଧିକ ଜନତା ଆସି ଗତକାଲି ପୁଣି ଥରେ ବଣେଇଗଡଠାରେ ଥିବା ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଧାରଣାରେ ବସିଥିବା ବସ୍ତିବାସିନ୍ଦାଙ୍କ ଟ୍ରେନ ରୋକ

ରାଉରକେଲା, ୪।୨ (ଶ୍ରୁ.ମି) : ରାଉରକେଲା ସେକ୍ଟର -୨୧ ବିଏସଏନଏଲ ଛକଠାରୁ ବାସନ୍ତି କଲୋନୀ ପର୍ଯ୍ୟନ୍ତ ଲମ୍ବି ଯାଇଥିବା ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ଚାଲୁଥିବାବେଳେ ରେଳବାଇ ଦ୍ୱାରା କେତେକ ଆପତ୍ତି ଉଠାଇ କାର୍ଯ୍ୟକୁ ଅଟକା ଯାଇଥିଲା । ରେଳବାଇର ଏହି କାର୍ଯ୍ୟକୁ ବିରୋଧ କରି ବସ୍ତି ବାସିନ୍ଦାମାନେ ଗତ ୩ ଦିନ ଧରି ଧାରଣାରେ ବସିଥିଲେ । ତେବେ ଏଥିରେ ସୁଫଳ ନମିଳିବାରୁ ଆଜି ବସ୍ତି ବାସିନ୍ଦାମାନେ ଷ୍ଟେସନ ଯାଇ ଟ୍ରେନକୁ ଅଟକାଇ ଥିଲେ । ଏହି ଘଟଣା ପରେ ରେଳବାଇ କର୍ତ୍ତୃପକ୍ଷ ଆସି ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରିବା ସହିତ ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବାର ପ୍ରତିଶ୍ରୁତି ଦେବା ପରେ ଯାଇ ପରିସ୍ଥିତି ଶାନ୍ତ ପଡିଥିଲା ।

ମୃତ ବ୍ୟକ୍ତିଙ୍କ ନାମରେ ଜମି କିଣା-ବିକା
୨ ମୁଖ୍ୟ ସମେତ ୬ ଅଭିଯୁକ୍ତ ଗିରଫ

ହେମଗିରି, ୪।୨ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲ୍ଲାର ହେମଗିରି ବ୍ଲକରେ ରହୁଥିବା ଜଗତରାମ ଅଲ୍ଲୀଙ୍କ ଗତ ୨୦୧୨ରେ ମୃତ୍ୟୁ ହୋଇଯାଇଥିବାବେଳେ ଝାରସୁଗୁଡା ଅଞ୍ଚଳର ସୁମନ୍ତ ମହାନନ୍ଦ, ଅଲେଖ ସିଂ ଏବଂ ସମ୍ବଲପୁର ଜିଲ୍ଲାର ସଦାନନ୍ଦ ଲେଡି, କୋମଳ ମହାନନ୍ଦ, ଅଜୟ ସ୍ୱାଇଁ, ରଙ୍ଗଲାଲ ବୋର୍ଖା ପ୍ରମୁଖ ମିଶି ମୃତ ଜଗତରାମଙ୍କୁ ଜୀବିତ ଦର୍ଶାଇ ଜାଲ କାଗଜ କମଲରେ ଉଷ୍ମା ଥାନା ଅଞ୍ଚଳର ସୁରେଶ ପଟେଲଙ୍କୁ ୨.୦୭ ଏକର ଏବଂ ବଡଗାଁ ଥାନା ଅଞ୍ଚଳର ରଘୁନନ୍ଦନ ବଡାମାନଙ୍କୁ ୧.୫ ଏକର ଜମି ବିକ୍ରି କରିଦେଇଥିଲେ । ତେବେ ଜମି କିଣିଥିବା ବ୍ୟକ୍ତି ପଟା ପାଇଁ ମ୍ୟୁଟେସନ କେସ କରିବା ଯୋଗୁଁ ତଦନ୍ତ ବେଳେ ଏହି ଜମି ଜାଲିଆତି ହୋଇଥିବା ଜଣାପଡିଲା । ଏନେଇ ମୃତ ଜଗତରାମଙ୍କ ପୁଅ ଥାନାରେ ଏତଲା ଦେବା ପରେ ପୋଲିସ ସମସ୍ତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ଚଣ୍ଡିଖୋଲ,୪/୨(ଶ୍ରୁମି) : ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଶାନ୍ତିପୁର ଗ୍ରାମରେ ପ୍ରତିଷ୍ଠିତ ବିଭିନ୍ନ ଗ୍ରାମର ଶତାଧିକ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ସ୍ୱଚ୍ଛ କଥା ଦୀର୍ଘ ନିରାମୟ ଜୀବନ କାମନା କରାଯାଇଛି । ଏହି ଉପଲକ୍ଷେ ପୂଜ୍ୟ ପୂଜା ସଂସଦ ଆନୁକୁଲ୍ୟରେ ଶାନ୍ତିପୁର ନିକଟସ୍ଥ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦର ସଭାପତି ସାମ୍ବାଦିକ ଭକ୍ତ ଚରଣ ସାହୁ ବରିଷ୍ଠ ନାଗରିକମାନେ ଆମ ସମାଜ ପାଇଁ ଅମୂଲ୍ୟ ସମ୍ପଦ, ସେମାନଙ୍କ ଆର୍ଶିବାଦ, ନୀତି ଆଦର୍ଶ ଆଜିର ଯୁବ ପୀଢିଙ୍କୁ ସଠିକ୍ ବାଟ ଦେଖାଇବ ବୋଲ କହିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ସମିତି ସଭ୍ୟ ନିରଞ୍ଜନ ସେନାପତି ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଆୟୋଜିକ ସଂସଦର ସଭାପତି ତଥା ଯୁବସମାଜ ସେବୀ ଶ୍ରୀବତ୍ସ ବିଶ୍ୱାଳ ଅତିଥି ପରିଚୟ ସହିତ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଶାନ୍ତିପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେଣାପୁର,ଶାନ୍ତିପୁର, ଖଣତାପସି ଓ କୁସୁନପୁର ଆଦି ୪ଟି ଗ୍ରାମର ଶତାଧିକ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ବିଭୁତି ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସୁନାକର ପଲେଇ । ବସନ୍ତ ଦଲେଇ, ମୀନକେତନ ସେଠୀ, ଅଭିମନ୍ୟୁ ନାୟକ ସମେତ ସଂସଦର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

କୁନ୍ଦୁଲି ପୀଡ଼ିତାଙ୍କ ନ୍ୟାୟ ପାଇଁ ବିଜେପି ନଗର ମହିଳା ମୋର୍ଚ୍ଚାର ଶପଥ ପାଠ

ଅନୁଗୋଳ, ୪।୨ (ଶ୍ରୁ.ମି) : କୁନ୍ଦୁଲି ପିଡ଼ିତାଙ୍କ ଆତ୍ମହତ୍ୟା ଘଟଣାରେ ସରକାରୀ ଅବହେଳା ଓ ଉଦାଶିନତା ନେଇ ଅନୁଗୋଳ ନଗର ବିଜେପି ମହିଳା ମୋର୍ଚ୍ଚା ତରଫରୁ ଶପଥପାଠ କରାଯାଇଅଛି । ହତ୍ୟାକାରୀ ନବୀନ ସରକାରଙ୍କୁ ଭର୍ତ୍ସନା କରି ନ୍ୟାୟ ଦେବାକୁ ନଗରର ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଦଳବେହେରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଗରୁଡ଼ ସ୍ତମ୍ଭ ଆଗରେ ଦ୍ୱୀପ ପ୍ରଜ୍ଜଳନ ସହ ଶପଥପାଠ କରାଯାଇଥିଲା । କୁନ୍ଦୁଲି ପୀଡ଼ିତାଙ୍କ ଫୋରେନସିକ୍ ରିପୋର୍ଟକୁ ଚାପି ଦେଇଥିବା ଯୋଗୁଁ ପୋଲିସ ଡ଼ିଜି, ଡ଼ିଆଇଜି, ମାନବ ଅଧିକାର ସୁରକ୍ଷା, କୋରାପୁଟ ଏସ୍‌ପି, ନିଜେ ଗୃହମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଆତ୍ମହତ୍ୟା ମାମଲାରେ ଦୋଷୀ ବୋଲି ମହିଳା ମୋର୍ଚ୍ଚା ଅଭିଯୋଗ କରିଛନ୍ତି । ଏପରି ପରିସ୍ଥିତିରେ ପିଡ଼ିତାଙ୍କୁ ନ୍ୟାୟ ଦେବାକୁ ବିଜେପି ମହିଳା ନେତ୍ରୀ ମାନେ ଜନଆନ୍ଦୋଳନ କରିବା ପାଇଁ ଶପଥ ନେଇଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ଅମାନ୍ତ, ପ୍ରତିମା ମିଶ୍ର, ସୁଷମା ବେହେରା ତଥା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ସୁଜାତା ଦାସ, ରୋଜାଲିନ ଦାସ, ମାଧବ ମହାପାତ୍ର ,ବଂ ନଗର ସଭାନେତ୍ରୀ ନମିତା ଦଳବେହେରା, ତଥା ନେତ୍ରୀ ସରିତା ମିଶ୍ର, ତିଲୋତ୍ତମା ସାମନ୍ତ, ମମତା ମହାପାତ୍ର, ରଂଜିତା ନାଏକ, ବର୍ଣ୍ଣାଲି ମଣ୍ଡଳ, ରମା ବେପାରୀ, ଗୌରୀ ସାହୁ, କିରଣ ଶର୍ମା, ମଞ୍ଜୁଲତା ସାହୁ, ନମିତା ନାଏକ, ଅନୁରାଧା ସାହୁ, ବୁଲାରୀ ଦେହୁରୀ, ସୁମିତ୍ରା ଦେହୁରୀ ତଥା ବିଜେପିର ଅନିଲ ସ୍ୱାଇଁ ରାଜକିଶୋର ଅଗ୍ରୱାଲା, ମହମ୍ମଦ ସାବିର, ପରେଶ ଦାସ, ମାୟାଧର ପ୍ରଧାନ, ଅଚ୍ୟୁତାନନ୍ଦ ଧର, ଡ଼ିଲେଶ୍ୱର ପ୍ରଧାନ ଏବଂ ବହୁ ମହିଳା ନେତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା ୪/୨ (ଶ୍ରୁ.ମି) : କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ପଂଚାୟତର ସରପଂଚ ଏବଂ ୱାର୍ଡସଭ୍ୟ/ସଭ୍ୟାମାନେ ପଂଚାୟତର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ଦଶିପୁର ଗ୍ରାମ ପଂଚାୟତର ଧନେଶ୍ୱର ନାୟକଙ୍କ ପତ୍ନୀ ସରସ୍ୱତୀ ନାୟକ ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ନକରିବାରୁ ତାଙ୍କୁ ବ୍ଲକ ପକ୍ଷରୁ ଏଥି ପାଇଁ ଦୁଇଥର ନୋଟିସ କରାଯାଇଥିଲା । ସେହିଭଳି ବିଷ୍ଣୁ ମଲ୍ଲିକଙ୍କ ପୁଅ ପ୍ରଦୀପ ମଲ୍ଲିକଙ୍କୁ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ମଧ୍ୟ ସେ ଗୃହ ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ କରି ନାହାଁନ୍ତି । ବିଜୁ ପକ୍କାଘର ଯୋଜନାରେ ନୀଳମଣୀ ଦାସଙ୍କ ପତ୍ନୀ ପ୍ରମିଳା ଦାସଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ ସେ ମଧ୍ୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନଥିବା ବେଳେ ଏସମସ୍ତଙ୍କୁ ସରକାରୀ ନୀତି ନିୟମର ଉଲଘଂନ କରାଯାଇ କିସ୍ତି ଅର୍ଥ ପ୍ରଦାନ କରାଯାଇଥିବା ବେଳେ ଲକ୍ଷ୍ମୀଧର କରଙ୍କ ପୁଅ କ୍ଷୀରୋଦ କରଙ୍କ ଦୁଇ ବଖରା କୋଠାଘର ଥିବାର ସରକାରୀ ତଦନ୍ତ ରିପୋର୍ଟ ଥିବା ସତ୍ୱେ ତାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବା ଦ୍ୱାରା ନୀତି ନିୟମର ଖୋଲା ଖୋଲି ଉଲଘଂନ କରାଯାଇଛି ବୋଲି ଦଶିପୁର ପଂଚାୟତର ସରପଂଚ ବାସନ୍ତୀ ବେହେରା,ୱାର୍ଡସଭ୍ୟା ମନୋରମା ଦାସ,ମମତା ମଲ୍ଲିକ,ମଞ୍ଜୁବାଳା ମଲ୍ଲିକ,ମେନକା ମଲ୍ଲିକ,ଉର୍ମିଳା ସେଠୀ,ସ୍ୱର୍ଣ୍ଣଲତା ସାହୁ,ଉମେଶ ବେହେରା ପ୍ରମୁଖ ଜିଲ୍ଲାପାଳ ରଘୁଜୀଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

ସିପିଆଇର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ଚମ୍ପୁଆ,୪।୨ (ଶ୍ରୁ.ମି) : ଚମ୍ପୁଆ ନଗର ଭବନଠାରେ ୨ ଦିନ ଧରି ସି.ପି.ଆଇର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅର୍ଜୁନ ମହାନ୍ତ ସଭାପତିତ୍ୱ କରିଥିଲେ । ସି.ପି.ଆଇ ସାଧାରଣ ସମ୍ପାଦକ ଶ୍ରୀ ଦିବାକର ନାଏକ, ସମ୍ପାଦକ ସଦସ୍ୟ ରାମକୃଷ୍ଣ ପଣ୍ଡା, ଜିଲ୍ଲା ସମ୍ପାଦକ ବିଦ୍ୟାଧର ମହାନ୍ତ, ରାଜ୍ୟ କାରଣୀ ସଦସ୍ୟ ମହେଶ୍ୱର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ ସମ୍ମିଳନୀକୁ ମହେଶ୍ୱର ନାଏକ,ଶ୍ରହରୀ ଘଣା,କାହ୍ନୁ ସାମଲ, ହୃଦା ପାତ୍ର, ବଦ୍ଧ ଜାମା, ଲାବାରାମ ମୁଣ୍ଡା, ବାଗ୍ରା ଚାତାର, ରେଘା ମାଝି, ଭୀମ ଲୋହାର, ବିହିତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଉକ୍ତ ସଭାରେ ଆଗାମୀ ଦିନି ବର୍ଷ ପାଇଁ ଏକ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା (୨୬ଜଣିଆଁ) ଓ ୧୩ଜଣିଆଁ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା । ବିଦ୍ୟାଧର ମହାନ୍ତ ପୂର୍ବପରି ଜିଲ୍ଲା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ସହ ସମ୍ପାଦକ ଭାବରେ କପିଳ ମହାନ୍ତି ଓ ଅର୍ଜୁନ ମହାନ୍ତ ଏବଂ କୋଷାଧକ୍ଷ ଭାବରେ ଅର୍ଜୁନ ମୁଣ୍ଡାଙ୍କୁ ନିର୍ବାଚିତ କରାଯାଇଥିଲା ।

ସମାଜସେବୀ କ୍ଷୀରୋଦ ସାହୁଙ୍କୁ ନେତାଜୀ ସମ୍ମାନ

ତାଳଚେର,୪/୨(ଶ୍ରୁ.ମି): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ସମାଜସେବୀ କ୍ଷୀରୋଦ ସାହୁଙ୍କୁ ଦୈନିକ ଓଡ଼ିଆ ଖବରକାଗଜ ‘ଉତ୍କଳମେଲ୍’ ପକ୍ଷରୁ ନେତାଜୀ ସମ୍ମାନ-୨୦୧୮ ପ୍ରଦାନ କରାଯାଇଛି । ଭୁବନେଶ୍ୱର ଆଂଚଳିକ ବିଜ୍ଞାନ କେନ୍ଦ୍ର ଠାରେ ‘ଉତ୍କଳମେଲ୍’ର ୨୯ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ନରେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ତାଳଚେର ବ୍ଲକ ଘଂଟପଡା ଗ୍ରାମର ଶ୍ରୀ ସାହୁ ସମାଜସେବା କ୍ଷେତ୍ରରେ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରି ଆସୁଥିବା ସହିତ ବସ୍ତି ଠାରୁ ଆରମ୍ଭ କରି ସହରାଂଚଳ ପର୍ଯ୍ୟନ୍ତ ଅନାଥ ଶିଶୁଙ୍କୁ ଉଦ୍ଧାର,ଦୁର୍ଘଟଣାଗ୍ରସ୍ତ ହୋଇ ପଡିଥିବା ବ୍ୟକ୍ତିଙ୍କ ଚିକିତ୍ସା,ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ନ୍ୟାୟ ପ୍ରଦାନ ସମାଜରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହି କନ୍ୟା ସନ୍ତାନ,ପରିବେଶ,ଅନ୍ଧ ବିଶ୍ୱାସ ସଚେତନତା ସୃଷ୍ଟି କରୁଥିବା ନିରନ୍ତର ଉଦ୍ୟମକୁ ପାଥେୟ କରି ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ପାଳନ ଉତ୍ସବରେ ମୁଖ୍ୟବକ୍ତା ଭାବେ ମୁକ୍ତିମଣ୍ଡପର ସମ୍ପାଦକ ଡ.ଚିତରଞ୍ଜନ ମିଶ୍ର, ସମ୍ମାନୀତ ଅତିଥିଭାବେ ସାଧାରଣ ସମ୍ପାଦକ ଓ.ୟୁ.ଡବ୍ଲ୍ୟୁ.ଜେ. ରଜନୀକାନ୍ତ ସାମନ୍ତରାୟ, ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଓ ଶିକ୍ଷାବିଦ୍ ଡ. ସୁଶାନ୍ତ ଦାସ,ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ପଟ୍ଟନାୟକ,ଉତ୍କଳମେଲ୍ ପ୍ରତିନିଧି ସଞ୍ଜୟ ଦାସ,ମାର୍ଗଦର୍ଶକ ଭାଗବତ ତ୍ରିପାଠୀ ମଂଚାସୀନ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପୀତବାସ ମିଶ୍ର ସଭାପତିତ୍ୱ କରିଥିବା ବେଳେ କାଳୀଚରଣ ସିଂ ସଂଯୋଜନା କରିଥିଲେ ।

ରାଧାକୃଷ୍ଣ ମନ୍ଦିର ନିକଟରୁ ବାଇକ୍ ଚୋରି

ଚମ୍ପୁଆ, ୪।୨ (ଶ୍ରୁ.ମି) : ଚଂମ୍ପୁଆ ବଜାରରୁ ଏକ ମୋଟର ସାଇକେଲ ଚୋରି ହୋଇଯାଇଥିବା ଜଣାପଡିଛି । ପୁରୁଣା ରାଧାକୃଷ୍ଣ ମନ୍ଦିର ସମ୍ମୁଖରୁ ଆର୍ଥାତ୍ ଥାନା ଠାରୁ ୧୦୦ମିଟର ଦୂର ଏକ ଜନଗହଳିପୂର୍ଣ୍ଣ ଅଂଚଳରୁ ଗୋର ଗାଡିଧରି ଚମ୍ପଟ ମାରିଛି । ଗାଡିର ମାଲିକ ଅଫସର ଖାନ୍ ସଂଧ୍ୟା ୭.୩୦ମିନିଟ୍ରେ ବଜାରକୁ ବୁଲି ଆସିଥିଲେ । ଏତିକିବେଳେ ବଜାରରେ ଆଗରୁ ଛପି ରହିଥିବା ଚୋର ଗାଡିଧରି ଚମ୍ପଟ ମାରିଥିଲା । ଫଳରେ ଆଜି ଅଫସର ଖାନ୍ ଚୋରୀ ଗାଡି ନଂ ଜେ.ଏଚ୍.୦୬ଇ -୩୫୦୩ ଗାଡି ଚୋରି ସମ୍ପର୍କରେ ଚମ୍ପୁଆ ଥାନାରେ ଲିଖିତ ଏତଲା ଦାୟର କରିଥିବା ଜଣାପଡିଛି ।

ବାଲେଶ୍ୱରରେ ପହଞ୍ଚିଲା ଷ୍ଟାର୍ଟ ଅପ୍ ଇଣ୍ଡିଆ- ଓଡିଶା ଯାତ୍ରା ଭ୍ୟାନ୍

ବାଲେଶ୍ୱର, ୪।୩ (ଶ୍ରୁ.ମି) : ଯୁବ ପ୍ରତିଭାଙ୍କୁ ଷ୍ଟାର୍ଟ ଅପ ସମ୍ପର୍କରେ ସଚେତନ କରାଇବା ସହ ସେମାନଙ୍କର ନୂଆ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବାହାରିଥିବା ଷ୍ଟାର୍ଟ ଅପ ଇଣ୍ଡିଆ-ଓଡିଶା ଯାତ୍ରା ଭ୍ୟାନ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଂଚଳ ପରିଭ୍ରମଣ କରିଛି । ଏଥି ସହିତ ସ୍ଥାନୀୟ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଷ୍ଟାର୍ଟ ଅପ ଇଣ୍ଡିଆ-ଓଡିଶାର ବୁଟ କ୍ୟାମ୍ପ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କ ଏମ.ଏସ.ଏମ.ଇ. ବିଭାଗ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ୩୦ତାରିଖ ଦିନ ଶୁଭାରମ୍ଭ ହୋଇଥିଲା । ଷ୍ଟାର୍ଟ ଅପ ଇଣ୍ଡିଆ-ଓଡିଶା ରଥ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗ୍ରାହୀ ଯୁବପିଢ଼ୀଙ୍କ ନିକଟରେ ଏହି କାର୍ଯ୍ୟକ୍ରମକୁ ପହଂଚାଇବା ଲାଗି ପ୍ରୟାସ କରାଯାଉଛି । ଏହି ପ୍ରଚାର ରଥ ସହିତ ଷ୍ଟାର୍ଟ ଅପ ଇଣ୍ଡିଆ-ଓଡିଶାର କର୍ମକର୍ତାମାନଙ୍କୁ ଗତ ୧ତାରିଖ ଦିନ ବାଲେଶ୍ୱର ଜିଲ୍ଲା ଶିକ୍ଷ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀଯୁକ୍ତ ଘାସିରାମ ମୁର୍ମୁ ଓ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମକର୍ତାମାନେ ସ୍ୱାଗତ କରିଥିଲେ । ଆଇ.ଟି.ଆଇ.ପଡିଆରେ ଚାଲୁଥିବା ବାଲେଶ୍ୱର ମହୋତ୍ସବରେ ସେହିଦିନ ଏହି ରଥକୁ ପ୍ରଦର୍ଶିତ କରାଯିବା ସହିତ ମେଳାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କୁ ଷ୍ଟାର୍ଟ ଅପ ଇଣ୍ଡିଆ-ଓଡିଶାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା । ଏହା ପରେ ଷ୍ଟାର୍ଟ ଅପ ଇଣ୍ଡିଆ-ଓଡିଶା ଭ୍ୟାନ ବାରିପଦା ଅଭିମୁଖେ ଯାତ୍ରା କରିଥିବା ବେଳେ ଆଜି ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ ସ୍ଥିତ କ୍ୟାମ୍ପସରେ ଦିନିକିଆ ଷ୍ଟାର୍ଟ ଅପ ବୁଟ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା । ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁସ୍ମିତା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜି.ଏମ.-ଡି.ଆଇ.ସି. ଶ୍ରୀ ଘାସିରାମ ମୁର୍ମୁ, ନୋସି ପକ୍ଷରୁ ଶ୍ରୀ ଅମିତ ବେହେରା, ମନୀଷ ରଏ, ଗୁରୁମିତ ମଲ୍ଲିକ, ରଶ୍ମି ରଂଜନ, ମୃତ୍ୟୁଞ୍ଜୟ ସୁଆର ପ୍ରମୁଖ ଯୋଗ ଦେଇଥିବା ବେଳେ ଏଥିରେ ବିଶ୍ୱବିଦ୍ୟାଳୟର ପ୍ରାୟ ୩ଶହ ଛାତ୍ର-ଛାତ୍ରୀ ଅଂଶଗ୍ରହଣ କରି ସ୍ରୋଫାଇଲ(୫ଐଜଙରଓଖର) ଆପ୍ଲିକେସନର ଉପଯୋଗିତା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ ।

ରେଲ ଷ୍ଟେସନରେ ମାଘ ପୂର୍ଣ୍ଣିମା ପାଳିତ

ରମ୍ଭା, ୪।୨ (ଶ୍ରୁ.ମି) : ପ୍ରତିବର୍ଷ ପରି ଚଳିତ ବର୍ଷ ରମ୍ଭାରେ ରେଲୱେ ଷ୍ଟେସନ ପାର୍ଶ୍ୱରେ ମାଘମେଳା ବା, ଗୁରୁ ପୂର୍ଣ୍ଣିମା ମହାତ୍ସୋବ ମହା ସମାରୋହରେ ପାଳିତ ହୋଇଯାଇଛି । ମଙ୍ଗଳବାର ବ୍ରହ୍ମମୂହୂର୍ତ୍ତରୁ ଅଖଣ୍ଡ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଥିଲା ମନ୍ଦିର ପ୍ରାଙ୍ଗଣରେ ଝାଡଦୀପରେ ଅଖଣ୍ଡ ବତୀ ପ୍ରଜ୍ୱଳନ କରାଯିବା ସଙ୍ଗେ ଧ୍ୱନି ମନ୍ଦିରରେ ବ୍ରହ୍ମମନ୍ତ୍ରରେ ଘୃତହୂତି ପ୍ରଦାନ କରାଯାଇ ବିଶ୍ୱ ବ୍ରହ୍ମାଣ୍ଡର ପ୍ରତିମାମାନଙ୍କର ସର୍ବବିଧ ମଙ୍ଗଳ କାମନା ନିମନ୍ତେ ସମୂହ ପ୍ରାର୍ଥନା କରାଯାଇଥିଲା । ସନ୍ଧ୍ୟାର ଭଜନ ସମାରୋହ, ଧର୍ମସଭା, ପ୍ରବଚନ, ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦିବାରାତ୍ର ମେଳା ପାଇଁ ସ୍ଥାନୀୟ ରେଲୱେ ଷ୍ଟେସନ ବ୍ୟବସାୟୀ ସଂଘ ଓ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ ।

ତମାଙ୍ଗ ପାହାଡ ଅଞ୍ଚଳରେ ରହୁଥିବା ଭୂୟାଁ ଜନଜାତିଙ୍କ ପାଇଁ ସରକାରଙ୍କ ଅବହେଳା

ତେଲକୋଇ, ୪/୨ (ଶ୍ରୁ.ମି) : ତେଲକୋଇ ବ୍ଲକ ଅନ୍ତର୍ଗତ ଶିବନାରାୟଣପୁର ଗୋଡା ପଂଚାୟତ ଅଧିନରେ ରହିଛି ତମାଙ୍ଗ ଗ୍ରାମ । ପଂଚାୟତ ସହିତ ପ୍ରଶାସନର ଅଣଦେଖା ପାଇଁ ଉକ୍ତ ଗ୍ରାମବାସୀ ମୌଳିକ ସୁବିଧାରୁ ବଂଚିତ ହୋଇଛନ୍ତି । ଉକ୍ତ ଗ୍ରାମବାସୀ ପାହାଡ ତଳ ଦେଶ କୁ ଆସିବା ପାଇଁ ସ୍ଥାନୀୟ ତହସିଲଦାର ଏବଂ ତତକାଳିନ ଜିଲ୍ଲାପାଳଙ୍କୁ ନେହୁରା ହୋଇଥିଲେ । ହେଲେ ପ୍ରଶାସନ ପକ୍ଷରୁ ପାହାଡ ତଳରେ ଜମି ଦେବା ପାଇଁ ପ୍ରତିଶୃତି ଦେଇଥିଲେ । ହେଲେ ଅଦ୍ୟାବଧି ଏହାର କାର୍ଯ୍ୟାକାରିତା ହେଇପାରି ନଥିବା ଯୋଗୁଁ ଉକ୍ତ ପାହାଡ ଅଂଚଳରେ ୧୪ ପରିବାରର ୩୫ଲୋକେ ନାହିଁ ନଥିବା ଅସୁବିଧାତ ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି । ପାହାଡ ଉପରେ ରହୁଥିବା ଯୋଗୁଁ ପାନୀୟଜଳ ସମସ୍ୟା, ଗମନାଗମନ ଅସୁବିଧା ହେତୁ ପଂଚାୟତ ମୂଖ୍ୟାଳୟକୁ ଆସିବା ସମସ୍ୟା ବିଦ୍ୟୁତ,ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ନଥିବା ମୁଖ୍ୟ ପ୍ରସଂଙ୍ଗ କରିଛନ୍ତି । ତମାଙ୍ଗ ଗ୍ରାମର । ଚଇତୁ ଦେହୁରୀ, ରମା ଦେହୁରୀ, ଡାକ୍ତର ଦେହୁରୀ, ଖଗେଶ୍ୱର ଦେହୁରୀ, ନବାତ ଦେହୁରୀ,ଲଳିତା ଦେହୁରୀ ବର୍ତମାନର ନୂତନ ଜିଲ୍ଲାପାଳ ଙ୍କ ଠାରେ ଅଭିଯୋଗ କରିଛନ୍ତି । ଏହା ପୂର୍ବରୁ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାର ପାହାଡ ଅଂଚଳର ତଳକୁ ଆସିବା ପାଇଁ ପ୍ରତିଶୃତି ଦେଇଥିବା ଚଇତୁ ଦେହୁରୀ,ପ୍ରକାଶ କରିଥିଲେ । ହେଲେ ଅଦ୍ୟାବଧି ତହସିଲ କତୃପକ୍ଷ ଏଥିପାଇଁ ପଦକ୍ଷେପ ନ ନେଇଥିବା ପାଇଁ ଉକ୍ତ ତମାଙ୍ଗ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସ୍ଥାନୀୟ ସରପଂଚ ଶିରପାଣି ଦେହୁରୀ ଙ୍କୁ ପଚାରିବାରୁ ସେ କହିଲେ ଯେ ପ୍ରଶାସନ ପ୍ରତିଶୃତି ଦେଇଥିଲେ । ହେଲେ କାର୍ଯ୍ୟ କରାଯାଉ ନଥିବା ଯୋଗୁଁ ପୁନଃରାୟ ନୂତନ ଜିଲ୍ଲାପାଳଙ୍କୁ ଅଭିଯୋଗ କରୁଛି । ତଳ ଅଂଚଳକୁ ଆସିଲେ ତମାଙ୍ଗ ବସ୍ତି ବାସିନ୍ଦା ଙ୍କ ସମସ୍ୟାର ସମାଧାନ ହୋଇପାରିବ । ଏସମ୍ବନ୍ଧରେ ସ୍ଥାନୀୟ ତହସିଲଦାର ପ୍ରତିଭା ପୃଷ୍ଟିଙ୍କୁ ପଚାରିବାରୁ ସେ କହିଲେ ଯେ ତମାଙ୍ଗ ଅଂଚଳର ଗ୍ରାମବାସୀ ପାଇଁ ପାହାଡ ତଳର ଜମି ଚିହ୍ନଟ କାର୍ଯ୍ୟ କରାଯାଉଛି । ତୁରନ୍ତ ପାହାଡ ଅଂଚଳରୁ ସଂପୃକ୍ତ ପରିବାରକୁ ଆଣାଯାଇ ଜମି ଦିଆଜିବ ।

ମହତାବ ଉଚ୍ଚ ବିଦ୍ୟାଳୟର ୧୯୮୯ ବ୍ୟାଚର ଛାତ୍ର ବନ୍ଧୁ ମିଳନ

ଚମ୍ପୁଆ,୪।୨ (ଶ୍ରୁ.ମି) : ରାମତୀର୍ଥଠାରେ ୧୯୮୯ ବ୍ୟାଚର ପ୍ରାକ୍ତନ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ବନ୍ଧୁ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ପ୍ରାକ୍ତନ ଶିକ୍ଷକ ଯୁଗୋଳ କିଶୋର ଗିରି, ଦୁଃଶାସନ ମହାନ୍ତ, ଭୂପେଶ ନନ୍ଦ, ମୁକୁନ୍ଦ ମହାନ୍ତ, ଶୁକଦେବ ବେହେରା, ଶ୍ରୀକାନ୍ତ ପ୍ରଧାନ, ମୁକୁନ୍ଦ ମହାନ୍ତ(ଖ), ବର୍ତ୍ତମାନର ମହତାବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀ ଅଭିମନ୍ୟୁ ସେଠୀ ପ୍ରମୁଖ ପ୍ରାକ୍ତନ ଶିକ୍ଷକ ଉପସ୍ଥିତ ଥିଲେ । ଗୁରୁଶିଷ୍ୟ ପୂଜ୍ୟପୂଜାର ପରମ୍ପରା ଭାବେ ଶିକ୍ଷକମାନଙ୍କୁ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରାକ୍ତନ ଛାତ୍ର ସଭାପତି ହରେକୃଷ୍ଣ ନାଏକ, ଉପସଭାପତି ପ୍ରେମଚାନ୍ଦ ପୋଦାର, ସମ୍ପାଦକ ରମେଶ ବେହେରା, ଯୁଗ୍ମ ସମ୍ପାଦକ ଅକ୍ଷୟ ପରିଡା, କୋଷାଧକ୍ଷ ପବିତ୍ର ମୋହନ ନାଏକ ପ୍ରମୁଖ ୫୦ଜଣ ଛାତ୍ର ଏବଂ ସପରିବାର ଉପସ୍ଥିତ ଥିଲେ ।

୧୨ରେ କେନ୍ଦ୍ରାପଡା କଲେଜ ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡା ୪/୨(ଶ୍ରୁ.ମି) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ଏବଂ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ ସମାରୋହ ଉତ୍ସବ ଆସନ୍ତା ୧୨ ତାରିଖରେ ମହାବିଦ୍ୟାଳୟ ସଭାଗୃହରେ ଦିନ ୧୧ଟା ସମୟରେ ଅନୁଷ୍ଠିତ ହେବ ବୋଲି କଲେଜ ଅଧ୍ୟକ୍ଷା ଡଃ ସଂଯୁକ୍ତା ଦାସ ସୂଚନା ଦେଇଛନ୍ତି । ଏହି ଉତ୍ସବରେ ମୂଖ୍ୟ ଅତିଥି ଭାବେ ପଦ୍ମ ବିଭୂଷଣ କବି ସୀତାକାନ୍ତ ମହାପାତ୍ର, ମୁଖ୍ୟବକ୍ତା ଭାବେ କଥାକାର ଗୌରହରି ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ପାଇଁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ କଥାଶିଳ୍ପୀ ବୀଣାପାଣି ମହାନ୍ତିଙ୍କୁ ସେହି ଉତ୍ସବରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି ।

ଲୋକାର୍ପିତ ହେଲା ଡ.କୁଞ୍ଜବିହାରୀଙ୍କ 'ଯୋଗ ଶୃଙ୍ଗାର'ଗ୍ରନ୍ଥ



ବାଲେଶ୍ୱର ୪/୨ (ଶ୍ରୁ.ମି) : କବିତାରେ କିଛି ନୂଆ ମୂଲ୍ୟବୋଧ ଦେଇ ଓ ପରୀକ୍ଷା ନିରୀକ୍ଷା କରି ଦୀର୍ଘ ୩୦ବର୍ଷ ପରେ ଡ.କୁଞ୍ଜବିହାରୀ ଧଳ 'ଯୋଗ ଶୃଙ୍ଗାର' ନାମରେ ଯେଉଁ ସ୍ୱରଚିତ କବିତା ସଂକଳନଟିଏ ପ୍ରକାଶ କରିଛନ୍ତି ତାହା ଫକୀରମୋହନ ସାହିତ୍ୟ ପରିଷଦଦ୍ୱାରା ଶାନ୍ତିକାନନଠାରେ ଶନିବାର ସନ୍ଧ୍ୟାରେ ଡ.ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ହସ୍ତରେ ଲୋକାର୍ପିତ ହୋଇଯାଇଛି । କବିତାର ବିଷୟବସ୍ତୁରେ ସାମ୍ପ୍ରତିକ ଜୀବନର କଥାକୁ ରୂପାୟିତ କରାଯାଇଛି ବୋଲି ଡ ମହାନ୍ତି ଉନ୍ମୋଚନୀ ବକ୍ତବ୍ୟ ରଖିଥିଲେ । ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଆସରରେ ପୌରୋହିତ୍ୟ କରି ଆଧୁନିକ ମଣିଷର ଅସହାୟତା ଓ ସ୍ୱପ୍ନଭଙ୍ଗକୁ ଏହି ଗ୍ରନ୍ଥ ପ୍ରଦର୍ଶନ କରୁଛି ବୋଲି କହିଥିଲେ । ଗ୍ରନ୍ଥଟିର ଆଲୋଚନା କରି ପ୍ରଫେସର ଚଣ୍ଡୀଚରଣ କର ଓ ଡ.ରାଧାରଞ୍ଜନ ପଟ୍ଟନାୟକ କବିତା ଗୁଡ଼ିକରେ କବିଙ୍କର ଶୈଳୀ, ଛନ୍ଦୋବଦ୍ଧତା, ଲାଳିତ୍ୟ ଓ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ । ସଚ୍ଚି ରାଉତରାୟ ଓ ଗୁରୁ ମହାନ୍ତିଙ୍କ ଶୈଳୀରେ କବି ଅନୁପ୍ରାଣିତ ହୋଇଥିବା କଥା ମଧ୍ୟ ଆଲୋଚକମାନେ ମନ୍ତବ୍ୟ ଦେଇଥିଲେ । ଡ. ଧଳ ତାଙ୍କର ଲେଖକୀୟ ବକ୍ତବ୍ୟରେ ତାଙ୍କର ୪୦ବର୍ଷର କାବ୍ୟସାଧନା ଓ ପ୍ରଥମ କାବ୍ୟଗ୍ରନ୍ଥ 'ଉତ୍ତର ନାବିକ' ରଚିତ ହେବାପରେ କାବ୍ୟଚର୍ଚ୍ଚାକୁ ବଳବତ୍ତର ରଖିବା କଥା ଉଲ୍ଲେଖ କରିଥିଲେ । ତପନ ରାୟ ଅତିଥିମାନଙ୍କର ମଞ୍ଚାବାହନ କରିଥିଲେ ଓ ଉପସଭାପତି ପ୍ରଦୀପ ଚାଟାର୍ଜୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରକାଶକ କାଳୀପଦ ପଣ୍ଡା ତାଙ୍କର ବକ୍ତବ୍ୟରେ ଗ୍ରନ୍ଥର ପ୍ରଶଂସା କରିଥିବା ବେଳେ କବିପତ୍ନୀ ପୂର୍ଣ୍ଣିମା ଧଳ କବିତାପ୍ରତି କବିଙ୍କର ଆଶକ୍ତିର କଥା ଉଲ୍ଲେଖକରି ସମସ୍ତଙ୍କ ଠାରେ କୃତଜ୍ଞତା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ରାଉତ, ପଦ୍ମଲୋଚନ ଦତ୍ତ, ଡା.ସନାତନ ଦାସ, ଶରତ କୁମାର ମହାପାତ୍ର, କୃଷ୍ଣ ଚନ୍ଦ୍ର ସାହୁ, ଜୟନ୍ତ ରଣା, ପୀତାମ୍ବର ବେହେରା, ନିର୍ମଳା ମହାନ୍ତି, ସୁଷମା ମହାପାତ୍ର ପ୍ରମୁଖ ଆସରରେ ଯୋଗଦେଇଥିଲେ ।

ମାଓବାଦୀଙ୍କ ଲାଲ ତାଣ୍ଡବ

ଘରକୁ ଯାଉଥିବା ଜବାନଙ୍କୁ ହତ୍ୟା,ବସ ପୋଡି

ମାଲକାନଗିରି,୪।୨(ଶ୍ରୁ.ମି) : ସୀମାନ୍ତ ବିଜାପୁର ଜିଲ୍ଲା କୋତବାଲି ଥାନାର ଏସଆଇ ସୀତାରାମ ବାକଡେଙ୍କୁ ମାଓବାଦୀ ମାନେ ଯାତ୍ରୀବାହି ବସରୁ ଅପହରଣ କରିନେଇ ନିର୍ମମ ଭାବେ ଗୁଳିମାରି ହତ୍ୟାକରିଛନ୍ତି । ଶ୍ରୀ ବାକଡେ ଗତ ୫ଦିନତଳେ ଛୁଟିରେ ନିଜ ଗାଁ ମାଇଗୁଡା କୁ ଯାଇଥିଲେ ସେ ଆଜି ଏକ ଯାତ୍ରୀ ବାହି ବସରେ ଥାନାକୁ ଫେରୁଥିବା ବେଳେ କଚଲାରମ ପେକରମ ରାସ୍ତାରେ ମାଓବାଦୀ ମାନେ ଉକ୍ତ ବସକୁ ଅଟକାଇଥିଲେ ।ବସରୁ ସମସ୍ତ ଯାତ୍ରୀ ମାନଙ୍କୁ ଓହ୍ଲାଇଦେଇ ବସରେ ନିଆଁ ଲଗାଇଦେବାରୁ ଜବାନ ପ୍ରତିବାଦ କରିଥିଲେ । ମାଓବାଦୀ ମାନେ ସେ ଜବାନଙ୍କୁ ସେଠାରୁ ଅରହରଣ କରିନେଇ ନିକଟସ୍ଥ ଏକ ଜଙ୍ଗଲରେ ଗୁଳିମାରି ହତ୍ୟାକରି ସେଠାରେ ଫିଙ୍ଗିଦେଇ ପଳାଇଥିଲେ । ନିକଟସ୍ଥ ଗ୍ରାମବାସୀ ଓ ସରପଚଂଏ ସଂପର୍କରେ ତେୟାନାର ଥାନାରେ ଜଣାଇବାରୁ ପୁଲିସ ଘଟଣାସ୍ଥଳରେ ପହଁଚି ଶବ ଯବତ କରି ଜବାନଙ୍କ ପରିବାରଙ୍କୁ ଜଣାଇ ତଦନ୍ତ ଆରମ୍ଭ କରିଦେଇଛନ୍ତି । ଅନ୍ୟଏକ ଘଟଣାରେ ପାଟନାମ ଠାରୁ ବିଜାପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀ ବାହି ବସକୁ କାଙ୍କେର ଗୋରଲା ନାଲେ ଠାରେ ଅଟକାଇ ଯାତ୍ରୀ ମାନଙ୍କୁ ବସରୁ ଓହ୍ଲାଇଦେଇ ଉକ୍ତ ବସରେ ନିଆଁ ଲଗାଇ ମାଓବାଦୀ ମାନେ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲେ । ସୀମାନ୍ତ ଛତିଶଗଡ ବିଜାପୁର ଜିଲ୍ଲାରେ ମାଓହିଂସା ଥମିବା ବଦଳରେ ଦିନକୁ ଦିନ ବଢିଚାଲିଛି, ପ୍ରତିଦିନ କେଉଁଠି ନା କେଉଁଠି ହତ୍ୟା,ପୋଡାଜଳା ସାଙ୍ଗକୁ ମାଓବାଦୀଙ୍କ ହିଂସାକାଣ୍ଡରେ ଜନସାଧାରଣ ଭୟ ଓ ଆତଙ୍କିତ ହୋଇଗଲେଣି ।

ମଧୁବାବୁଙ୍କ ପୁଣ୍ୟ ଶ୍ରାଦ୍ଧ ଦିବସରେ ଆଇନଜୀବୀଙ୍କ ଶ୍ରଦ୍ଧାଞ୍ଜଳି

ଧାମନଗର, ୪।୨ (ଶ୍ରୁ.ମି) : ଧାମନଗର କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ପୁଣ୍ୟ ତିଥି ଅବସରରେ ଆଇନଜୀବୀ ସଂଘ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ରବିବାର ପୂର୍ବାହ୍ଣରେ ଧାମନଗର ଆଇନଜୀବୀ ସଂଘର ସଭାପତି ଅରୁଣ ପ୍ରକାଶ ନାୟକ, ହାଇକୋର୍ଟର ଯୁବ ଆଇନଜୀବୀ ଏମ.ଡି. ମଦାନୀ, ସରକାରୀ ଓକିଲ ଅମରରେନ୍ଦ୍ର ମହାନ୍ତି, ପ୍ରଜ୍ଞାପରମିତା ଦାଶ, ସନ୍ତୋଷ କୁମାର ତ୍ରିପାଠୀ, ସ୍ନେହାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଧାମନଗର, ୪।୨ (ଶ୍ରୁ.ମି) : ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ୧୧ ଗୋଟି ୱାର୍ଡରେ ବିଭିନ୍ନ ରାସ୍ତା ଓ ଡ୍ରେନ ନିର୍ମାଣ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଗତ ୨ ଓ ୩ ତାରିଖ ଦୁଇଦିନ ଧରି ଏହି ସବୁ ୱାର୍ଡରେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରାୟ ୧କୋଟି ୪୬ଲକ୍ଷଟଙ୍କା ବ୍ୟୟ ଅଟକଳରେ ୩୦ଗୋଟି ଛୋଟ ଛୋଟ ପ୍ରକଳ୍ପର ଶୁଭଦାନ କରିଥିଲେ । ଏଥିରେ ୨୭ଗୋଟି ଛୋଟ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ୩ଟି ଡ୍ରେନ ନିର୍ମାଣ ପାଇଁ ଅର୍ଥ ଦିଆଯାଇଛି । ଏହି ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ଜ୍ଞାନ ଦାସ, ଧାମନଗର ଏନ.ଏ.ସି. ପ୍ରଶାସକ ତଥା ଉପଜିଲ୍ଲାପାଳ ନରୋତ୍ତମ ବେହେରା, ଏନ.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ନରହରି ବେହେରା, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ନାରାୟଣ ଚନ୍ଦ୍ର ସାହୁ, ପ୍ରାକ୍ତନ ଉପାଧକ୍ଷ ପିତାମ୍ବର ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଶରତ ଚନ୍ଦ୍ର ମହାନ୍ତି, ଯୁବ ଆଇନଜୀବୀ ଏମ.ଡି. ମଦାନୀ, ସମାଜସେବୀ ଦୟାନିଧି ମିଶ୍ର, ଏମ.ଡି. ଫକିରଉଦ୍ଦିନ, ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ କାରୁବାକୀ ମହୋତ୍ସବ ଉଦ୍‌ଯାପିତ

କାରୁବାକୀ ମହୋତ୍ସବ-୨୦୧୮

ଢେଙ୍କାନାଳ,୪।୨ (ଶ୍ରୁ.ମି) : ଢେଙ୍କାନାଳ ମିନିଷ୍ଟାଡିୟମ ଠାରେ ଥିବା ଗଜଲକ୍ଷ୍ମୀ କଳାମଣ୍ଡପରେ ଶତରୂପା ଓଡ଼ିଶୀ ରିସର୍ଚ୍ଚ ସେଂଟର ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ପ୍ରଥମ କାରୁବାକୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଢେଙ୍କାନାଳ ଆରକ୍ଷୀଅଧିକ୍ଷକ ବସନ୍ତ କୁମାର ପାଣିଗ୍ରାହୀ, ନଗରପାଳ ସୁଧାଂଶୁ କୁମାର ଦଳେଇ, ଆଇଆଇଏମ୍‌ସି ପ୍ରଫେସର ମୃଣାଳ ଚାଟାର୍ଜୀ ପ୍ରମୁଖ ଯୋଗଦେଇ ଓଡ଼ିଶାର କଳା ଓ ସଂସ୍କୃତିରେ ଢେଙ୍କାନାଳର ସ୍ଥାନ ସର୍ବାଗ୍ରେ ରହିଛି ବୋଲି କହିଥିଲେ । ଢେଙ୍କାନାଳର କଳାକାର ମାନେ ରାଜ୍ୟ ତଥା ଜାତୀୟସ୍ତରରେ ବହୁ ସୁନାମ ଆଣିପାରିଛନ୍ତି । ସଂସ୍କୃତି ସମ୍ପନ୍ନ ଢେଙ୍କାନାଳ ଜିଲ୍ଲାରେ ଥିବା ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକ ସଂସ୍କୃତିକୁ ବଂଚାଇ ରଖିବା ପାଇଁ କରୁଥିବା ଉଦ୍ୟମକୁ ସହଯୋଗ କରିବା ସଂଗେ ସଂଗେ ବହୁ ସଂଖ୍ୟାରେ ଦର୍ଶକ କଳାକାରମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି କହିଥିଲେ । ବିପିନି ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚନ୍ଦନ କୁମାର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରଶ୍ମିରଂଜନ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କାରୁବାକୀ ସେବା ସମ୍ମାନରେ ଡଃ. ନବକିଶୋର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିବା ବେଳେ କାରୁବାକୀ ସାହିତ୍ୟ ସମ୍ମାନରେ ବସନ୍ତ କୁମାର ପଟ୍ଟନାୟକ ଓ କାରୁବାକୀ ନାଟ୍ୟ ସମ୍ମାନରେ ହିନ୍ଦୋଳ ଅଂଚଳର ଶ୍ରୀଧର ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା ।

ସଲ୍‌ମନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ଧର୍ମେନ୍ଦ୍ର

ଢେଙ୍କାନାଳ,୪।୨ : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ତରଭା ଗ୍ରାମପଂଚାୟତରେ ଗତବର୍ଷ ପ୍ରାକ୍‌ପଂଚାୟତ ନିର୍ବାଚନରେ ବିଜେଡ଼ି ଗୁଣ୍ଡାଙ୍କ ଗୁଳିମାଡ଼ରେ ମୃତ୍ୟୁବରଣ କରିଥିବା ସଲ୍‌ମନଙ୍କ ପ୍ରତିମୂର୍ତି ଉନ୍ମୋଚନରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀ ପ୍ରଧାନ ଢେଙ୍କାନାଳ ମାଟି ସଦାସର୍ବାଦ ବୀରମାଟି ଭାବେ ବେଶ୍ ପରିଚିତ ବୋଲି କହିଥିଲେ । ସ୍ୱାଧୀନତା ସଂଗ୍ରାମରେ ଢେଙ୍କାନାଳ ମାଟିର ବୀରମାନେ ବହୁ ମୂଲ୍ୟ ଦେଇଛନ୍ତି । ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଦେଶର ସର୍ବକନିଷ୍ଠ ବାଜିରାଉତ ସେତେବେଳେ ଯଦି ଫିରିଙ୍ଗ ସୈନ୍ୟମାନଙ୍କ ସହିତ ସାଲିସ୍ କରିଥାନ୍ତେ, ତେବେ ଦେଶ ସ୍ୱାଧୀନତା ପାଇନଥାନ୍ତା । ଏହି ବ୍ରାହ୍ମଣୀ ନଦୀକୂଳରେ ଭ୍ରଷ୍ଟାଚାରୀ ଓ ବ୍ୟଭିଚାରୀ ବିଜେଡ଼ି ସରକାରର ପରିବର୍ତନ ପାଇଁ ଏହି ତରଭା ଗ୍ରାମର ସାଲିସ୍ ବିହିନ ଯୁବକ ସଲ୍‌ମନ ରାଉତ ନିଜେ ମଙ୍ଗ ଧରିଥିବା ବେଳେ ବିଜେଡ଼ି ସରକାରର ଗୁଣ୍ଡାମାନେ ହିଂସ୍ର ହୋଇ ତାଙ୍କୁ ବନ୍ଧୁକ ମୁନରେ ମାରି ଶେଷ କରି ଦେଇଥିଲେ । ଦଳ ପାଇଁ ନିଜର ଜୀବନକୁ ତ୍ୟାଗ କରିଥିବା ସଲ୍‌ମନ ଆମ ନିକଟକୁ ଆଉ ଫେରି ପାରିବେ ନାହିଁ । ଏବେ ଓଡ଼ିଶାର ସାମ୍ବିଧାନିକ ସଂକଟ ଦେଖାଦେଇଛି । ଶାସକ ଦଳ ଏବେ ଅନ୍ଧପୁଟିଳି ବାନ୍ଧି ବସିଛି । କୋରାପୁଟ ଜିଲ୍ଲା ପଟାଙ୍ଗି ଥାନାର କୁନ୍ଦୁଲି ଗାଁରେ ଗତ ୧୦ ଅକ୍ଟୋବରରେ ନାବାଳିକାକୁ କିଛି ଲୋକ ଗଣଧର୍ଷଣ କରିଥିଲେ । ମାତ୍ର ଅନ୍ଧପୁଟୁଳି ବାନ୍ଧିଥିବା ସରକାର ସେତେବେଳେ ଝିଅଟିକୁ ପାଗଳିର ଆଖ୍ୟା ଦେଇଥିଲେ । ଏହି ସରକାରୀ ଦଳର ଅନ୍ୟଜଣେ ବିଧାୟକ ଏହି ଧର୍ଷିତା ନାବାଳିକାକୁ ଦୁଶ୍ଚରିତା ବୋଲି ମଧ୍ୟ କହିଥିଲେ । ନାବାଳିକା ଧର୍ଷଣ ହେବାର ୧୫ମିନିଟ୍ ମଧ୍ୟରେ ଭୁବନେଶ୍ୱରରେ ବସିରହିଥିବା ଡିଜି ଗଣମାଧ୍ୟମକୁ କୁନ୍ଦୁଲିରେ କିଛି ହୋଇନାହିଁ ବୋଲି ପ୍ରଚାର କରିଥିଲେ । ଲୋକପ୍ରିୟତାର ଅହଂକାର ଦେଖାଉଥିବା ଶାସକ ଦଳ କୁନ୍ଦୁଲି ପିଡ଼ିତାଙ୍କ ଦୁଃଖ ବୁଝିବା ପାଇଁ ପ୍ରୟାସ ମଧ୍ୟ କଲେ ନାହିଁ । ଲୋକପ୍ରିୟ ସାଂସଦ ବୈଜୟନ୍ତ ପଣ୍ଡା ବିକାଶମୂଳକ କାର୍ଯ୍ୟରେ ଯୋଗଦେଇଥିବା ବେଳେ ତାଙ୍କୁ ଅଣ୍ଡାମାଡ଼ କରାଯାଇ ଅପଦସ୍ତ କରାଯାଇଥିଲା । ମାତ୍ର ଏଥିରେ କାହାରିକୁ ଆରେଷ୍ଟ କରାଗଲା ନାହିଁ । ମାତ୍ର ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ସମୟରେ ଅଣ୍ଡାମାଡ଼ କରିଥିବା ମହିଳାଙ୍କୁ ପୁରୁଷ ପୋଲିସ୍‌ମାନେ ବିଭତ୍ସଭାବେ ମାଡ଼ମାରି ୩୦୭ ମାମଲାରେ ଜେଲ୍ ହାଜତରେ ପୁରାଇଥିଲେ । ଏହି ସରକାର ଏବେ ବ୍ରିଟିସ୍ ସାମ୍ରାଜ୍ୟ ଠାରୁ ଅଧିକ ବଳି ଗଲେଣି । ବୁଡ଼ିଯାଉଥିବା ଶାସକ ଦଳ ଏବେ ହିଂସ୍ର ହୋଇ ପଡ଼ିଛନ୍ତି । ଦଳ ପାଇଁ ନିଜ ଜୀବନକୁ ତ୍ୟାଗ କରିଥିବା ଶ୍ରୀ ରାଉତଙ୍କର ଆଜିର ଏହି ପ୍ରତିମୂର୍ତି ଉନ୍ମୋଚନ ଅବସରରେ ଭ୍ରଷ୍ଟାଚାରୀ, ବ୍ୟଭିଚାରୀ ଶାସକ ଦଳକୁ ଆଗାମୀ ନିର୍ବାଚନରେ ଜବାବ ଦେବା ପାଇଁ ଉପସ୍ଥିତ ଜନତାଙ୍କୁ ସଂକଳ୍ପ ନେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଏହି ସରକାରକୁ ଜନସାଧାରଣ ବୁଲେଟ୍ ନୁହେଁ ବାଲାଟ୍ ମାଧ୍ୟମରେ ଜବାବ ଦେବାକୁ କହିଥିଲେ । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଓବିସିମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସାଂସଦ ରୁଦ୍ରନାରାୟଣ ପାଣି, ଜିଲ୍ଲାସଭାପତି ବିଭୁତି ଭୂଷଣ ପ୍ରଧାନ, ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ, ନଗରପାଳ ସୁଧାଂଶୁ କୁମାର ଦଳେଇ, ହିମାଂଶୁ ରାଉତ, ପୂର୍ବତନ ନଗରପାଳ ସୁନିଲ କୁମାର ଶର୍ମା ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ସଲ୍‌ମନ ରାଉତ ମେମୋରିଆଲ୍ ଟ୍ରଷ୍ଟର ଯୁବ ସଦସ୍ୟମାନେ ପରିଚାଳନା କରିଥିଲେ । ଏହି ଅବସରରେ ସଲ୍‌ମନ୍ ରାଉତ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଉତ୍ସାହିତ ଯୁବକମାନଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ହେଲିକ୍ୟାପ୍ଟର ଯୋଗେ ଧଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାଳୟ ଗୃହ ଶିଳାନ୍ୟାସରେ ଯୋଗଦେଇଥିବାର ଜଣାଯାଇଛି ।

ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ

ମାଗଣା ସ୍ୱାସ୍ଥ୍ୟସେବା ଶିବିର

କୋଣାର୍କ, ୪।୨ (ଶ୍ରୁ.ମି) : ଗ୍ରୀନ୍ ପିସ୍ ମୋମେଣ୍ଟ ଅର୍ଗାନାଇଜେସନ ଓ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ମିଳିତ ଆନୁକୂଲ୍ୟରେ ରବିବାର ଦିନ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପେଟରୋଗରେ ପୀଡିତ ରୋଗୀମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ଏ.ଆଇ.ଆଇ.ଏମ.ଏସ. ନୂଆଦିଲ୍ଲୀର ପେଟରୋଗ ଓ ଶଲ୍ୟ ଚିକିତ୍ସା ବିଭାଗର ବିଶେଷଜ୍ଞ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ, ସମ ହସପିଟାଲର ପେଟରୋଗ ବିଭାଗର ଡାକ୍ତର ପରଭେଜ ଆଲମ ଖାନ୍ ଏବଂ ଜଣେ ଏମ.ବି.ବି.ଏସ. ଡାକ୍ତର ୨ଜଣ ଷ୍ଟାପ ନର୍ସ ୨ଶହରୁ ଅଧିକ ପେଟ ରୋଗୀଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିବା ସହିତ ଲିଭର ସ୍କିନିଙ୍ଗ ଓ ଫାଇବ୍ରୋ ସ୍କାନ କରାଯାଇଥିଲା । ବିଶେଷକରି ଏହି ଶିବିରରେ ପେଟ ଦରଜ, ପେଟ କାମୁଡିବା, ପେଟ ଫମ୍ପାଇବା, ପେଟ ଗ୍ୟାସ ହେବା, ପେଟ ଭାରିଲାଗିବା, ଅଳ୍ପ ଖାଦ୍ୟ ଖାଇଲେ ପେଟ ଫୁଲିବା, ଖାଦ୍ୟ ଖାଇବାରେ କଷ୍ଟ ଅନୁଭବ କରିବା, ଆମ୍ବିଳା ହେକୁଟି ହେବା, ଛାତି ପୋଡଜଳା ହେବା, ଖାଦ୍ୟ ହଜମ ନ ହେବା, ବାରମ୍ବାର ବାନ୍ତି ହେବା, ରକ୍ତ ବାନ୍ତି ଓ ପିତ ବାନ୍ତି ହେବା, ପେଟରେ ପାଣି ଜମିବା, ପିତ ନଳିରେ ପଥର ହେବା, ପିତକୋଷରେ ପଥର ସହ ଜଣ୍ଡିସ ହେବା, ପାକସ୍ଥଳିରେ ଘା ହେବା, ମଳକଷ୍ଟକ, ଭଗନ୍ଦର, ଅର୍ଶ, କୋଷ୍ଠକାଠିନ୍ୟ, ଝାଡା ସଫା ନ ହେବା, ବାରମ୍ବାର ଝାଡା ହେବା, କଳା ଝାଡା, ଝାଡାରେ ରକ୍ତ ପଡିବା, ଜିଆ, କୃମି. ଓ ନାଳରକ୍ତ ଝାଡା ହେବା, ଭୋକ ନ ହେବା, ଆଖି ହଳଦିଆ ହେବା, ପରିସ୍ରା ହଳଦିଆ ହେବା, ଭାଇରାଲ ହେପାଟାଇଟସ୍ ହେବା, ଗୋଡ ଫୁଲିବା, କୁଣ୍ଡେଇ ହେବା, ରକ୍ତହୀନତା ହେବା, ଖାଦ୍ୟନଳୀରେ କ୍ୟାନସର ହେବା, ଖ୍ୟାଦ୍ୟ ନଳୀରେ ପଲିପ୍ ହେବା, ପାନକ୍ରିଆଟାଇଟିସ୍ ହେବା, ଖାଦ୍ୟନଳୀରେ ସଂକୀର୍ଣ୍ଣତା ଯୋଗୁଁ ଖାଦ୍ୟ ଗିଳିବାରେ କଷ୍ଟ ହେବା ଇତ୍ୟାଦି ସମସ୍ତ ପ୍ରକାର ପୁରାତନ ପେଟ ରୋଗର ସଂପୂର୍ଣ୍ଣ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଏବଂ ଲିଭର ସ୍କିନିଙ୍ଗ ଓ ଫାଇବ୍ରୋ ସ୍କାନ ସହିତ ସଚେତନତା କରାଯାଇଥିଲା । ଆଗାମୀ ଦିନମାନଙ୍କରେ ସବୁ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯିବ ବୋଲି ଗ୍ରୀନ୍ ପିସ୍ ମୋମେଣ୍ଟ ଅର୍ଗାନାଇଜେସନର ସମ୍ପାଦକ ଅଜିତ କୁମାର ମଲ୍ଲିକ ସୁଚନା ଦେଇଛନ୍ତି ।

ଭୁବନେଶ୍ୱର ସକ୍ଷମ ସାଇକ୍ଲୋଥନର ଶୁଭାରମ୍ଭ କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୪/୨(ଶ୍ରୁ.ମି.) : କମ ଇନ୍ଧନ ବ୍ୟବହାର ନେଇ ସାଧାରଣ ଜନତାଙ୍କ ମଧ୍ୟରେ ସଚେତଚନା ସୃଷ୍ଟି କରିବା ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସକ୍ଷମ ସାଇକ୍ଲୋଥନ୍ ବ୍ୟାନରରେ ଏକ ସାଇକ୍ଲୋଥନର ଆୟୋଜନ କରାଯାଇଥିଲା । ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ପ୍ରତିଯୋଗିତାରେ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ତୈଳ ମନ୍ତ୍ରଣାଳୟ, ତୈଳ ଉଦ୍ୟୋଗର ବରିଷ୍ଠ ଅଧିକାରୀ ମାନଙ୍କ ବ୍ୟତୀତ ବିଭିନ୍ନ କ୍ରୀଡା ବ୍ୟକ୍ତିତ୍ୱ ଯେପରି ପ୍ରଥମ ଓଡିଆ ଅର୍ଜୁନ ପୁରସ୍କାର ବିଜେତା,ମିନତୀ ମହାପାତ୍ର, ହକି ଖେଳାଳୀ ଭି.ଆର. ରଘୁନାଥ, ଆଥଲେଟ ଅମିୟ କୁମାର ମଲିକ, କ୍ରିକେଟର ପରେଶ ପଟେଲ, ମୁନାଫ ପଟେଲ ଓଡିଆ ସିନେ ଷ୍ଟାର ମିହିର ଦାସ, ଅନୁ ଚୌଧୁରୀ, ସବ୍ୟସାଚୀ ମହାପାତ୍ର, ଅର୍ଚିତା ସାହୁ ସ୍କୁଲ, କଲେଜ ପିଲା ଓ ପେଶାଦାର ସାଇକେଲ ଚଳାଳୀ ମାନେ ଯୋଗ ଦେଇଥିଲେ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ସକ୍ଷମ ସଂକଳ୍ପ ପାଠ କରାଇବା ସହ ୧୧ କିମି ବିଶିଷ୍ଟ ସାଇକେଲ ଯାତ୍ରାର ନେତୃତ୍ୱ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ ସାଇକେଲ ଚଳାଇବାର ଦ୍ୱାରା ଯେ କେବଳ ପରିବେଶକୁ ସୁରକ୍ଷା ହୁଏ ତା ନୁହେଁ ସ୍ୱାସ୍ଥ୍ୟ ଓ ଫିଟନେସ କ୍ଷେତ୍ରରେ ମଧ୍ୟ ଏହାର ଲାଭ ମିଳେ । ସମାଜକୁ ଭଲ କରିବା ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଆକାରରେ ଥିବା ଶକ୍ତିକୁ ଉପଯୁକ୍ତ ସଠିକ ଭାବେ ବ୍ୟବହାର କରାଯିବା ଆବଶ୍ୟକ। ସେ କହିଥିଲେ ଯେ ଶକ୍ତି ସଂରକ୍ଷଣ ଆମ ସମସ୍ତଙ୍କର ଦାୟିତ୍ୱ । ଯେତେବେଳେ ସାଧାରଣ ଲୋକ, ତୈଳ କମ୍ପାନୀ ଓ ସରକାର ସାମୁହିକ ଭାବେ ଏହି ସଂରକ୍ଷଣର ଦାୟିତ୍ୱ ନେବେ ସେତେବେଳେ ଏହାର ସଂରକ୍ଷଣ ହୋଇ ପାରିବ ଓ ଆଗାମୀ ପିଢୀ ପାଇଁ ପରିବେଶକୁ ଶୁଦ୍ଧ ରଖା ଯାଇ ପାରିବ । ଶ୍ରୀ ପ୍ରଧାନ ଦେଶର ସମସ୍ତ ନାଗରିକଙ୍କୁ ଏଦିଗରେ ମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ ।

ତାମିଲନାଡୁର ରାଜେଶ ଓ ମହାରାଷ୍ଟ୍ରର ରୁତୁଜା ସାଇକ୍ଲୋଥନ ପ୍ରତିଯୋଗିତାରେ ହେଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମାସିକ ମନ କି ବାତ କାର୍ଯ୍ୟକ୍ରମରେ ଦେଶର ଜନ ସାଧାରଣ ସପ୍ତାହରେ ଗୋଟିଏ ଦିନ ନିଜ ଗାଡିରେ ପେଟ୍ରୋଲ-ଡିଜେଲ ନ ବ୍ୟବହାର କରି ତୈଳ ସଂରକ୍ଷଣ ମାଧ୍ୟମରେ ଦେଶ ନିର୍ମାଣରେ ଯୋଗ ଦାନ ଦେବା ପାଇଁ ଆହ୍ୱାନ ଜଣାଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ଆଧାରରେ ଜନ ସଚେତନତା ସୃଷ୍ଟି ପାଇଁ ଏହି ଆୟୋଜନ କରା ଯାଉଛି । ତିନୋଟି ବର୍ଗରେ ଏହି ସାଇକ୍ଲୋଥନ ଅନୁଷ୍ଠିତ ହୋଇଥିଲା । ସକ୍ଷମ ଏଲିଟ (ମେନ) ବର୍ଗର ୩୩ କିମି ରେସରେ ତାମିଲନାଡୁର ରାଜେଶ ୧.୨୫ ଲକ୍ଷ ଟଙ୍କାର ପୁରସ୍କାର ଜିତିଥିଲେ ।। ସେହିପରି ଏଲିଟ (ମହିଳା) ବର୍ଗରେ ରୁତୁଜା ୧ ଲକ୍ଷ ଟଙ୍କାର ପୁରସ୍କାର ଜିତି ଥିଲେ । ବିଭିନ୍ନ ବର୍ଗରେ ୬ ଲକ୍ଷ ଟଙ୍କାର କ୍ୟାସ ପୁରସ୍କାର ପ୍ରଦାନ କରା ଯାଇଥିଲା । ଏହା ବ୍ୟତୀତ ଲକି ଡ୍ର ଜରିଆରେ ୫୦ ସାଇକେଲ ପ୍ରଦାନ କରା ଯାଇଥିଲା । ଭୁବନେଶ୍ୱର ସାଇକ୍ଲୋଥନର ଆୟୋଜନ ପେଟ୍ରୋଲିୟମ କଂଜର୍ଭେସନ ଏଂଡ ରିସର୍ଚ ଆସୋସିଏସନ (ପିସିଆରଏ) ଦ୍ୱାରା କରା ଯାଇଥିଲା ବେଳେ ତୈଳ କମ୍ପାନୀ ଗୁଡିକର ସହାୟତା ରେ ଏହା ହୋଇଥିଲା । ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଆଗାମୀ ୨-୩ ମାସରେ ଦେଶରେ ଏପରି ୭୦ଟି ସାଇକ୍ଲୋଥନର ଯୋଜନା କରାଯାଇଛି ।

ଭାରତୀୟ କର୍କଟରୋଗ ବିଶେଷଜ୍ଞ ସମ୍ମିଳନୀ-୨୦୧୮

ଭୁବନେଶ୍ୱର, ୪/୨(ଶ୍ରୁ.ମି.) : ବାୟୋଲିଗ ୱାର୍ଲଡ୍‌ୱାଇଡ୍ ଦ୍ୱାରା ପରିଚାଳନା ଏବଂ ସ୍ୱର୍ଶ ହସ୍‌ପିଟାଲ୍ ପକ୍ଷରୁ ସ୍ଥାନୀୟ ମେ ଫେୟାର୍ ହୋଟଲରେ ୩ ଦିବସୀୟ ଇଣ୍ଡୋ ଅନକୋଲୋଜି ସମ୍ମିଟ୍ ବା ଭାରତୀୟ କର୍କଟ ରୋଗ ବିଶେଷଜ୍ଞ ସମ୍ମିଳନୀ -୨୦୧୮ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଜ୍ଞାନିକ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଉଛି "କର୍କଟ ରୋଗର ନୂତନ ଗବେଷଣା ଏବଂ ପୁନଃ ସଂଜ୍ଞା ନିରୁପଣ"। ଭୁବନେଶ୍ୱର ଏମ୍‌ସର ନିର୍ଦ୍ଦେଶିକା ପ୍ରଫେସର ଡ଼. ଗୀତାଞ୍ଜଳୀ ବଟମାନବାନେ ମୁଖ୍ୟ ଅତିଥିଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ନେକ୍ କ୍ୟାନ୍‌ସର, ମୁଖ କର୍କଟ, ଫୁସ୍‌ଫୁସ୍ କ୍ୟାନ୍‌ସର, ରକ୍ତ କର୍କଟ ଇତ୍ୟାଦି କିପରି ବ୍ୟାପେ ଓ ସେମାନଙ୍କ ଲକ୍ଷଣ ଉପରେ ଆଲୋଚନା ରଖିଥିଲେ। ରାସାୟନିକ ଉପାୟ ବା କେମୋଥେରାପି, ରେଡ଼ିଓଥେରାପି, ସରଜିକାଲ ଥେରାପି ଏବଂ ବାୟୋଲୋଜିକାଲ୍ ଥେରାପି ଏହି ୪ଟି ମାଧ୍ୟମରେ କର୍କଟ ରୋଗର ଚିକିତ୍ସା କରାଯାଏ ବୋଲି ସେ ସୂଚନା ଦେଇଥିଲେ। ଏହି ଦୁରାରୋଗର ଚିକିତ୍ସା ପ୍ରଣାଳି ଗୁଡ଼ିକର ରିସର୍ଚ ଆହୁରି ଜାରିରହିବା ଉଚିତ୍ ବୋଲି ଉପଦେଶ ଦେଇଥିଲେ। ସାଧାରଣତଃ କର୍କଟ ରୋଗୀମାନେ ପ୍ରାରମ୍ଭିକ ସ୍ତରକୁ ନଜାଣିପାରି ଅତ୍ୟଧିକ ଆକ୍ରାନ୍ତ ଅବସ୍ଥାରେ ଆସୁଥିବା ଯୋଗୁଁ ସଫଳତା ମିଳିପାରୁନାହିଁ ବୋଲି ସେ ଦୁଃଖ ପ୍ରକାଶ କରିଥିଲେ। ଡାକ୍ତରମାନେ ମଧ୍ୟ ଠିକ୍ ସମୟରେ ଠିକ୍ ଔଷଧ ଲେଖିପାରୁ ନାହାଁନ୍ତି। କାରଣ ବଜାରରେ ଅନେକ କମ୍ପାନିର ଔଷଧ ଉପଲବ୍ଧ ବୋଲି ସେ କହିଥିଲେ। ପ୍ରଫେସର ଡ଼. ଏସ୍.ଏନ୍ ସେନାପତି ମଧ୍ୟ ଅନୁରୂପ ବୈଜ୍ଞାନିକ ଅନ୍ୱେସଣାତ୍ମକ ଭାଷଣ ରଖିଥିଲେ। ସ୍ୱର୍ସ ହସ୍‌ପିଟାଲର କ୍ୟାନ୍‌ସର ଡ଼.ଘନଶ୍ୟାମ ବିଶ୍ୱାସ ତଥା ସମ୍ମିଳନୀର ପରିଚାଳନା ସେକ୍ରେଟାରୀ କର୍କଟରୋଗୀମାନେ କିପରି ଡ଼ାକ୍ତରଙ୍କ ଠାରୁ ଉତ୍ତମ ଚିକିତ୍ସା ଆଶାକରନ୍ତି ଏବଂ ବିଭିନ୍ନ ପ୍ରକାରେ ଆର୍ଥିକ ସହାୟତା ଚାହାଁନ୍ତି ସେ ବିଷୟରେ ବର୍ଣ୍ଣନା କରିଥିଲେ। କ୍ୟାନ୍‌ସର କଂଗ୍ରେସର ଚେୟାରମେନ୍ ଡ଼. ସୁନିଲ୍ କୁମାର ରାଉତ୍ ସ୍ୱାଗତ ଭାଷଣ ଦେଇଥିଲେ। ବାୟୋଲିଗ୍‌ର ନିର୍ଦ୍ଦେଶକ ରୁଦ୍ରଭାନୁ ଶତପଥୀ ଦେଶ ଓ ବିଦେଶରୁ ଆସିଥିବା କର୍କଟ ବିଶେଷଜ୍ଞ, ଡ଼ାକ୍ତର, ଔଷଧ କମ୍ପାନୀ ଓ ଫାର୍ମାସିର ପ୍ରତିନିଧି ମାନଙ୍କୁ ସମ୍ମିଳନୀର ସଫଳତା ନିମନ୍ତେ ସାଧୁବାଦ ଜ୍ଞାପନ କରିଥିଲେ। ବାୟୋଲିଗ ପକ୍ଷରୁ ମଧ୍ୟ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।

ଗଙ୍ଗାଧର ଟ୍ରଫି କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ତାଳଚେର,୪/୨(ଶ୍ରୁ.ମି): ତାଳଚେର ବ୍ଲକର ସନ୍ତୁପଡ଼ା ଡାଏମଣ୍ଡ କ୍ଲବ ଆନୁକୂଲ୍ୟରେ ଗଙ୍ଗାଧର ଟ୍ରଫି କ୍ରିକେଟ ପ୍ରତିଯୋଗିତା ରବିବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ପ୍ରତିଯୋଗିତା ପ୍ରାରମ୍ଭରେ ପ୍ରଥମେ ଜାତୀୟ ସଙ୍ଗୀତ ଗାନ କରାଯିବା ପରେ ମୂଖ୍ୟ ଅତିଥି ସମାଜସେବୀ ବିଷ୍ଣୁମୋହନ ରଥ ପତାକା ଉତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଏରିଆ ଖବର ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ ମଂଚାସୀନ ଥିଲେ। ଉଦଘାଟନୀ ଉତ୍ସବରେ କ୍ଲବର ସଭାପତି ସତ୍ୟାନନ୍ଦ ସାମଲ,ଉପ ସଭାପତି ମାର୍ଗିଲାଲ ସାମଲ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାନ୍ତି,ସୁଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ବିନୋଦ ବିହାରୀ ଦାସ,ନିରଞ୍ଜନ ସାମଲ,ନିତ୍ୟାନନ୍ଦ ସାମଲ,ଜିତେନ୍ଦ୍ର ସାମଲ,ବିଶୁ ସାମଲ, ମାନସ ସାମଲ ପ୍ରମୁଖ ଉପସ୍ଥିତ ରହି ଖେଳରେ ସକ୍ରିୟ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଅଂଚଳର ଖ୍ୟାତିସମ୍ପନ୍ନ ଦଳଗୁଡ଼ିକ ଭାଗ ନେଇଥିବା ବେଳେ ପ୍ରତ୍ୟେକ ମ୍ୟାଚ୍ ୨୦ଓଭର ବିଶିଷ୍ଟ ହୋଇଥିବାର ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

ଉଦାହରଣ ସୃଷ୍ଟି କରି ଅଗ୍ରଣୀ

ରାଜଗାଙ୍ଗପୁର, ୪/୨(ଶ୍ରୁ.ମି.) : ସିଆରତୋଲି ହୋଇଛି ଅନ୍ୟତମ କ୍ଷୁଦ୍ର ଗ୍ରାମ ଯାହା ଭାରତର ସ୍ୱଚ୍ଛ ଭାରତ ଆନ୍ଦୋଳନରେ ଏକ ବଡ ଧରଣର ଉଦାହରଣ ହୋଇପାରିଛି । ଉନ୍ନତ ଜୀବନ ପାଇଁ ଅଭ୍ୟାସରେ ପରିବର୍ତ୍ତନ ଆଣିବା ନିମନ୍ତେ ପ୍ରତିଟି ଗ୍ରାମବାସୀଙ୍କ ଇଚ୍ଛା ଶକ୍ତି ଏବଂ ନିଷ୍ଠାପର ଉଦ୍ୟମ ଯୋଗୁଁ ଏବଂ ଓସିଏଲ ଇଣ୍ଡିଆ ଲିମିଟେଡ ଏବଂ ଡାଲମିଆ ଭାରତ ଫାଉଣ୍ଡେସନ୍‌ର ସହଯୋଗରେ ଏହି ଗ୍ରାମରେ ପ୍ରକଳ୍ପ ଆରମ୍ଭ ହେବାର ୧୨ ମାସରୁ କମ୍ ସମୟ ଭିତରେ ଏହା ଖୋଲାରେ ମଳତ୍ୟାଗ ମୁକ୍ତ ଗାଁ ହୋଇପାରିଛି । ସୁନ୍ଦରଗଡ ଜିଲ୍ଲାରେ ଓସିଏଲ୍ ଇଣ୍ଡିଆ ଲିମିଟେଡ୍‌ର ଥିବା ଲାଞ୍ଜିବେର୍ଣ୍ଣା ଚୂନ ପଥର ଖଣିର ଏକ ପାର୍ଶ୍ୱବର୍ତ୍ତି ଗାଁ ସିଆରତୋଲିକୁ ଖୋଲା ମଳତ୍ୟାଗ ମୁକ୍ତ ଗାଁରେ ପରିଣତ କରିବା ପାଇଁ ଡାଲମିଆ ଭାରତ ଫାଉଣ୍ଡେସନର ଏକ ପ୍ରସ୍ତାବିତ ପ୍ରକଳ୍ପକୁ ସମର୍ଥନ କରିବା ନିମନ୍ତେ ଏସଏଚଜି ସଦସ୍ୟ, ପିଆରଆଇ ପ୍ରତିନିଧି, କଲେଜ ଯାଉଥିବା ଛାତ୍ରଛାତ୍ରୀ ଏବଂ ଗାଁର ନେତୃବୃନ୍ଦ ଆଗେଇ ଆସିବା ପରଠାରୁ ଏହି ଉଦ୍ୟମ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ୪୦ ଆଦିବାସୀ ପରିବାର ବସବାସ କରୁଥିବା ଏହି ଗାଁର ଲୋକମାନେ ଖୋଲାରେ ମଳତ୍ୟାଗ କରିବାରେ ନିୟମିତ ଅଭ୍ୟସ୍ତ ଥିଲେ, ଯାହା ସେମାନଙ୍କ ଠାରୁ ଝାଡାବାନ୍ତି ଏବଂ କୃମି ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିଲା । ଏହି ପ୍ରକଳ୍ପ ପାଇଁ ଗ୍ରାମବାସୀମାନେ ରାଜି ହୋଇଯିବା ପରେ ପ୍ରତିଟି ପରିବାରର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଏବଂ ପରିମଳ ପ୍ରକ୍ରିୟାର ସମୀକ୍ଷା କରାଯାଇଥିଲା । ଏହା ପରେ ସ୍ଥାନ ଚିହ୍ନଟ କରାଯାଇଥିଲା ଏବଂ ପ୍ରତିଟି ପରିବାର ପାଇଁ ପ୍ରତି ଘରେ ଗୋଟିଏ ଲେଖାଏଁ ମୋଟ ୪୦ଟି ଶୌଚାଳୟ ନିର୍ମାଣ କରାଯାଇଥିଲା । ସିଆରତୋଲି ଗାଁର ୱାର୍ଡ ମେମ୍ବର ସାବିତ୍ରୀ ଟପୋ କହିଛନ୍ତି ଯେ, ଉଚ୍ଚ ପରିମଳ ସୁବିଧା ଥିବା ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ଦିଗରେ ଖୋଲାରେ ମଳତ୍ୟାଗ ଏକ ବହୁତ୍ ବଡ ସମସ୍ୟା । ମାତ୍ର ଥରେ ଓସିଏଲ୍ ଏବଂ ଡାଲମିଆ ଭାରତ ଫାଉଣ୍ଡେସନ ଏଭଳି ପ୍ରକଳ୍ପ ଜରିଆରେ ଆଗେଇ ଆସିବା ପରେ ଏହି ଗାଁର ଲୋକମାନେ ନିଜର ଅତି ପୁରୁଣା ଅଭ୍ୟାସକୁ ତ୍ୟାଗ କରିବା ପାଇଁ ସହମତ ହୋଇଯାଇଥିଲେ । ଗାଁରେ ଆବଶ୍ୟକ ପରିମାଣର ଜଳ ଉତ୍ସର ଅଭାବ ଅନ୍ୟତମ ବିପଦ ଥିଲା ଯାହା ଗାଁରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଶୌଚାଳୟର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସଙ୍କଟ ଥିଲା । ଓସିଏଲ୍ ଏବଂ ଡିବିଏଫ୍ ଏହି ସମସ୍ୟାକୁ ଦେଖିବା ପରେ ଗାଁର ୬ଟି ପ୍ରମୁଖ ସ୍ଥାନକୁ ଜଳ ଯୋଗାଣ କରିବାର ବ୍ୟବସ୍ଥା କରିଥିଲେ, ଯେଉଁଠାରେ ଗ୍ରାମବାସୀମାନେ ସହଜରେ ପାଣି ଆବଶ୍ୟକତା ପୂରଣ କରିପାରୁଛନ୍ତି ବୋଲି ଗନ୍‌ସା ବାର୍ଲା ନାମକ ସିଆରତୋଲିର ଜରେ ବରିଷ୍ଠ ନାଗରିକ କହିଛନ୍ତି। ଏହି ପ୍ରକଳ୍ପକୁ ସଫଳ କରିବା ପାଇଁ ଲୋକମାନଙ୍କ ଉତ୍ସାହର ସହିତ ଯୋଗଦାନକୁ ପ୍ରଶଂସା କରି, ସରୋଜ କୁମାର ରାଉତ, ମୁଖ୍ୟ, ଲାଞ୍ଜିବେର୍ଣ୍ଣା ଖଣି, ଓସିଏଲ୍ ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, ଲୋକମାନେ ପଣ କରିବା ଏବଂ ସବୁ ବର୍ଗରୁ ସହାୟତା ମିଳିବା ଯୋଗୁଁ ଏହି ସଫଳତା ନିଶ୍ଚିତ ହୋଇଛି । ଲୋକମାନଙ୍କ ଯୋଗଦାନର ଉତ୍ସାହକୁ ଏଥିରୁ ମପା ଯାଇପାରିବ ଯେ, ଯେତେବେଳେ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଆମେ ଆଲୋଚନା ଆରମ୍ଭ କରିଥିଲୁ ଗ୍ରାମବାସୀମାନେ ଆଗେଇ ଆସି କହିଥିଲେ ଯଦି ନଳକୂପ ନିର୍ମାଣ କରାଯିବ ତେବେ ସେମାନେ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ଯାହା ଆମ ପାଇଁ ବାସ୍ତବରେ ବହୁତ ସହାୟକ ହୋଇଥିଲା ବୋଲି ସେ କହିଛନ୍ତି । ସ୍ୱଚ୍ଛ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରି ଓସିଏଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଡାଲମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଉଛି ଏବଂ ଖୋଲାରେ ମଳତ୍ୟାଗ ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଲୋକମାନଙ୍କୁ ସଚେତନ କରାଯାଉଛି । ଡିବିଏଫ୍ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୪ ବାୟୋ ଡିଗ୍ରେଡେବଲ୍ ଶୌଚାଳୟ ଏବଂ ଏକ ବାଳିକା ୟୁରିନାଲ୍ ବ୍ଲକ୍ ନିର୍ମାଣ କରାଯାଇଛି ଯାହାଦ୍ୱାରା ଏହି ଅଞ୍ଚଳର ୪ଟି ସ୍କୁଲର ୧୬୦୦ ଛାତ୍ରଛାତ୍ରୀ ଲାଭବାନ ହୋଇପାରିଛନ୍ତି । ଆହୁରି ବହୁ ପଥ ଅତିକ୍ରମ କରିବାର ଅଛି । ଯଦି ସ୍ଥାନୀୟ ସମ୍ପ୍ରଦାୟର ସମର୍ଥନ ଜାରି ରହିବ ତେବେ ଏହି ଅଞ୍ଚଳକୁ ଖୋଲା ମଳତ୍ୟାଗ ମୁକ୍ତ କରିବା ପାଇଁ ଆମେ ଆମର ଉଦ୍ୟମକୁ ବ୍ୟାପକ କରିପାରିବୁ ।

ନଳିନୀ ମହାନ୍ତି ସ୍ମୃତି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗୀତା

ଶ୍ରୀକ୍ଷେତ୍ରପାଳ ଭୁବନେଶ୍ୱର ଚମ୍ପିୟନ

ରାଜନଗର, ୪।୨(ଶ୍ରୁ.ମି.) : ରାଜନଗର ବ୍ଲକ ବନ୍ଧପଡା ପଚାଂୟତ ଦାଣ୍ଡିଠାରେ ବାବା ବୈଷ୍ଣବ ଗୋସ୍ୱାମୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୩ୟ ବାର୍ଷିକ ନଳିନୀ ମହାନ୍ତି ସ୍ମୃତି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗୀତାରେ ଶ୍ରୀକ୍ଷେତ୍ରପାଳ ଭୁବନେଶ୍ୱର ନିମପୁର କ୍ରିକେଟ କ୍ଲବ ଜଗତପୁରକୁ ୬ ଉଇକେଟରେ ହରାଇ ଚମ୍ପିୟନ ହୋଇଛି । ନିମପୁର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ଲୀଳା ଧର ୫୨ ବଲରୁ ୧ଟି ଛକା ଓ ୧୦ଟି ଚୌକା ସହାୟତାରେ ୭୧ ରନ ସଂଗ୍ରହ କରିଥିଲେ । କ୍ଷେତ୍ରପାଳର ବୋଲର ଦେବାଶିଷ ଭଟ୍ଟ ୪ ଓଭରରେ ୧୭ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ । ଜବାବରେ ଶ୍ରୀକ୍ଷେତ୍ରପାଳ ଭୁବନେଶ୍ୱର ୨୪.୧ ଓଭରରେ ୪ ଉଇକେଟ ହରାଇ ୧୭୧ ରନ କରି ପ୍ରତିଯୋଗୀତାରେ ଚମ୍ପିୟନ ଆଖ୍ୟା ଅର୍ଜନ କରିଛି । ଏହି ଦଳର ବ୍ୟାଟ୍ସମ୍ୟାନ ଦେବାଶିଷ ଭଟ୍ଟ ୪୨ ବଲରେ ୪୫ ରନ ସଂଗ୍ରହ କରିଥିଲେ । ନିମପୁରର ବୋଲର ବିଶ୍ୱଜିତ ସାମଲ ୫ ଓଭର ବୋଲିଂକରି ୪୦ ରନ ଦେଇ ୧ଟି ଉଇକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାଚରେ କ୍ଷେତ୍ରପାଳର ଦେବାଶିଷ ଭଟ୍ଟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଏହି ଦଳର ଶୁଭକାନ୍ତ ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ଅତିଥି ଭାବେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ସ୍ଥାନୀୟ ବିଧାୟକ ଅଂଶୁମାନ ମହାନ୍ତି ଓ କଂଗ୍ରେସ କମିଟି ସଭାପତି ରବିନ୍ଦ୍ରକୁମାର ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରଦାନ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଚମ୍ପିୟନ ଦଳ କ୍ଷେତ୍ରପାଳ ଚମ୍ପିୟନ ଟ୍ରଫି ଓ ନିମପୁରକୁ ରନର୍ସ ଅଫ କପ ଅତିଥିମାନେ ପ୍ରଦାନ କରିଥିଲେ । ବଂଶୀଧର ସ୍ୱାଇଁ, ନିରଂଜନ ଦାସ ଓ ଅଂଜନ ବେହେରା ଖେଳ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ସୁଧିର ବେହେରା, ହୃଷିକେଶ ରାଉଳ ଓ ଅଶ୍ୱିନୀ ତ୍ରିପାଠୀ, ନିହାର ରଂଜନ ବିଶ୍ୱାଳ ଓ ନିମାଇଁ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ । ସ୍କୋରର ଭାବେ ପବିତ୍ର ପାତ୍ର, ପବିତ୍ର ଜେନା ଓ ତୃଷାର ସ୍ୱାଇଁ ଥିଲେ । ନଳିନୀ ମହାନ୍ତି ସ୍ମୃତି କମିଟିର ସଭାପତି ପ୍ରଦୀପ ନାୟକ ଓ ମ୍ୟାନେଜର ଶଚ୍ଚିଦାନନ୍ଦ ପାତ୍ର, ସମ୍ପାଦକ ଗୁରୁଚରଣ ବରାଳଙ୍କ ସହ କମିଟିର ସଭ୍ୟମାନେ ସହଯୋଗ କରିଥିଲେ ।

ଦ୍ୱିତୀୟ ଦିନିକିଆରେ ଟିମ୍ ବ୍ଲୁର ଦମଦାର୍ ପ୍ରଦର୍ଶନ

୯ ୱିକେଟ୍‌ରେ ଭାରତର ଏକତରଫା ବିଜୟ

ସେଞ୍ଚୁରିଆନ୍, ୪/୨ (ଏଜେନ୍ସି) : ଗତ ଶନିବାର ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟକୁ ଭାରତର ଯୁବ ଦଳ କବ୍‌ଜା କରିନେଇ ଚମ୍ପିୟାନ୍ ହୋଇଥିବାବେଳେ ଆଜି ସାଉଥ୍ ଆଫ୍ରିକା ବିରୁଦ୍ଧରେ ଟିମ୍ ବ୍ଲୁର ସିନିୟରମାନେ ଦମଦାର୍ ପ୍ରଦର୍ଶନ କରି ଏକତରଫା ଭାବେ ୨ୟ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ରେ ୯ ୱିକେଟ୍‌ରେ ବିଜୟୀ ହୋଇଛି ।

ଟସ୍ ଜିତି ଅଧିନାୟକ ବିରାଟ କୋହଲି ବ୍ୟାଟିଂ କରିବାକୁ ଦକ୍ଷିଣ ଆଫ୍ରିକାକୁ ଆମନ୍ତ୍ରଣ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ହାସିମ ଆମ୍‌ଲା ଏବଂ ୱିକେଟ୍ କିପର କ୍ୱାଣ୍ଟି ଡିକକ୍ ପାଳି ଆରମ୍ଭ କରିବାକୁ ଆସିଥିଲେ । ଆମ୍‌ଲା ବ୍ୟକ୍ତିଗତ ସ୍କୋର ୨୩ ରନ୍‌ରେ ଭୁବନେଶ୍ୱର କୁମାରଙ୍କ ବୋଲିଂରେ ଧୋନିଙ୍କୁ କ୍ୟାଚ୍ ଟେକିଦେଇ ଆଉଟ୍ ହୋଇଥିଲେ । ସେହିପରି ଅନ୍ୟତମ ଓପନର୍ ଡିକକ୍ ମଧ୍ୟ ମାତ୍ର ୨୦ ରନ୍ କରି ପ୍ରତିଭାବାନ ଯୁବ ସ୍ପିନର ଯୁବେନ୍ଦ୍ର ଚହଲଙ୍କ ବୋଲିଂରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ । ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ମର୍କରାମ ଓ ଡେଭିଡ୍ ମିଲର ମଧ୍ୟ ଯଥାକ୍ରମେ ୮ ଓ ୦ ରନ୍ କରି କୁଲଦୀପ ଯାଦବଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ଦଳ ପକ୍ଷରୁ ଜେ.ପି.ଡୁମିନି ଓ କେ.ଜୋଣ୍ଡୋ ଉଭୟେ ସର୍ବାଧିକ ୨୫ ରନ୍‌ର ଉପାଦେୟ ସହଯୋଗ କରିଥିଲେ । ଦଳର ଅନ୍ୟ ୬ ଜଣ ଖେଳାଳୀ ଭାରତୀୟ ବୋଲରଙ୍କ ସାମ୍ନା କରିନପାରି ଦୁଇ ଅଙ୍କ ଛୁଇଁପାରିନଥିଲେ । ଭାରତ ପକ୍ଷରୁ ଯୁବ ସ୍ପିନର ଯୁବେନ୍ଦ୍ର ଚହଲ ଚମତ୍କାର ବୋଲିଂ କରି ୮.୨ ଓଭର୍‌ରେ ଗୋଟିଏ ମ୍ୟାଡେନ୍ ସହ ୨୨ ରନ୍ ଦେଇ ସର୍ବାଧିକ ୫ଟି ୱିକେଟ୍ ଅକ୍ତିଆର କରିଥିବାବେଳେ କୁଲଦୀପ ଯାଦବ ୩ଟି ଏବଂ ଭୁବନେଶ୍ୱର କୁମାର ଓ ଯଶପୀତ ବୁମରାହ ପ୍ରତ୍ୟେକେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ସାଉଥ୍ ଆଫ୍ରିକା ଦଳ ଅତିରିକ୍ତ ୧ ରନ୍ ସହାୟତାରେ ୩୨.୨ ଓଭରରେ ମାତ୍ର ୧୧୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା ।

ବିଜୟ ପାଇଁ ୧୧୯ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଭାରତର ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ବ୍ୟାଟିଂ କରିବାକୁ ଆସିଥିଲେ । ରୋହିତ ଶର୍ମା ବ୍ୟକ୍ତିଗତ ୧୫ ରନ୍ କରି ଦ୍ରୁତ ବୋଲର ରବଡ଼ାଙ୍କ ଏକ ବଲ୍‌ରେ ଭୁଲ୍ ସଟ୍ ଖେଳି ମୋରକେଲ୍‌ଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ । ଏହାପରେ ଫାଷ୍ଟଡାଉନ୍‌ରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ବିରାଟ କୋହଲି ଓ ଶିଖର ଧାୱନ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ମନଇଚ୍ଛା ପ୍ରହାର କରିଥିଲେ । ଶିଖରଧାୱନ ୫୬ଟି ବଲ୍ ଖେଳି ୯ଟି ଚୌକା ସହାୟତାରେ ସର୍ବାଧିକ ୫୧ ରନ୍ କରିଥିବାବେଳେ ଅଧିନାୟକ କୋହଲି ୫୦ଟି ବଲ୍‌କୁ ସାମ୍ନା କରି ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ଉପାଦେୟ ୪୬ ରନ୍ କରିଥିଲେ । ଭାରତୀୟ ଦଳ ୨୦.୩ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ଏହି ବିଜୟ ସହ ଭାରତ ୬ଟିକିଆ ଦିନିକିଆ ସିରିଜ୍‌ରେ ୨-୦ରେ ଆଗୁଆ ଅଛି । ସର୍ବାଧିକ ୫ଟି ୱିକେଟ୍ ନେଇଥିବା ଯୁବେନ୍ଦ୍ର ଚହଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଛନ୍ତି ।

ଯୁବେନ୍ଦ୍ର ଚହଲ ପ୍ଲେୟାର ଅଫ୍ ଦି ମ୍ୟାଚ୍

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-752101, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର